76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

**The Prajatantra**

ମୀନାବଜାର ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୧୮୭ ● କଟକ ● ବୁଧବାର ● ୧୫ଫେବୃୟାରୀ-୨୦୨୩ ● ସିଂହ ୨୩ ● ସାଲ୍ ୧୪୩୦

CUTTACK ● WEDNESDAY ● 15 FEBRUARY-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

# ସମଗ୍ର ବିଶ୍ୱରେ ବ୍ୟାପିଲା ଘାତକ ମାର୍ବର୍ଗ ଜୀବାଣୁ

## ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡାକିଲା ଜରୁରୀ ବୈଠକ

ଗିନି : ବିଶ୍ୱରୁ କରୋନା ଭୂତାଣୁ ସଂପୂର୍ଣ୍ଣ ନିର୍ମୂଳ ହୋଇନଥିବା ବେଳେ ଆଉ ଏକ ନୂଆ ତଥା ମାରାତ୍ମକ ଭୂତାଣୁ ସଂକ୍ରମଣ ଆରମ୍ଭ ହୋଇଛି । ତେବେ ଏହି ଭୂତାଣୁ ସଂକ୍ରମଣ ଚୀନରୁ ନୁହେଁ ଏକ ଆଫ୍ରିକୀୟ ଦେଶରେ ଦେଖାଦେଇଛି । କେନ୍ଦ୍ରୀୟ ଆଫ୍ରିକୀୟ ଦେଶ ଇକ୍ୱେଟୋରିଆଲ୍ ଗିନିରେ ମାର୍ବର୍ଗ ଭୂତାଣୁ ଆତଙ୍କ ଖେଳାଇଛି । ବର୍ତ୍ତମାନ ସୁଦ୍ଧା ଏହି ଭୂତାଣୁ ସଂକ୍ରମଣରେ ୯ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ବହୁ ସଂଖ୍ୟକ ଲୋକ ଅସୁସ୍ଥ ଅଛନ୍ତି । ଏହି ସଂକ୍ରମଣ ସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ମଧ୍ୟ ସ୍ୱୀକାର କରିଛି । ସୂଚନାଯୋଗ୍ୟ ଯେ ମାର୍ବର୍ଗ ଭୂତାଣୁ ସଂକ୍ରମଣର ଲକ୍ଷଣ ଇବୋଲା ଭୂତାଣୁ ସହ ସମାନ। ଯେଉଁଥିରେ ରୋଗୀଙ୍କୁ ଜ୍ୱର, ଛାତିରେ ଯନ୍ତ୍ରଣା ଭଳି ସମସ୍ୟା ଦେଖାଦେଇଥାଏ । ପରିସ୍ଥିତି



ବିଗିଡିବାରୁ ରୋଗୀଙ୍କ ମୃତ୍ୟୁ ମଧ୍ୟ ହୋଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏକ ବୟାନ ଜାରି କରି କହିଛି ଯେ ଏହା ମାର୍ବର୍ଗ ଭୂତାଣୁର ପ୍ରଥମ ବଡ଼ ଧରଣର ବିସ୍ତାର । ପ୍ରଭାବିତ ଅଞ୍ଚଳରେ ଆଗୁଆ ଟିମ୍ ମୁତୟନ କରାଯାଇଛି, ଯେଉଁମାନେ ଭୂତାଣୁ ସଂକ୍ରମିତଙ୍କୁ ଚିହ୍ନଟ କରୁଛନ୍ତି, ସେମାନଙ୍କୁ ଅଲଗା କରୁଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ମଧ୍ୟ କରୁଛନ୍ତି ।ମାର୍ବର୍ଗ ଭୂତାଣୁ କେତେ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ ତାହା ଏଥିରୁ ଆକଳନ କରାଯାଇପାରିବ ଯେ ଏହାର ବିସ୍ତାରକୁ ରୋକିବା ପାଇଁ ଡବ୍ଲୁଏଚ୍ଓ ଜରୁରୀକାଳୀନ ବିଶେଷଜ୍ଞ ଟିମ୍, ପରୀକ୍ଷାଗାର ଏବଂ ଯୋଗାଯୋଗ ସହାୟତା ବ୍ୟବସ୍ଥା ନିୟୋଜିତ କରିଛି ।

### କରୋନାଠାରୁ ଆହୁରି ମାରାତ୍ମକ !

ମାର୍ବର୍ଗକୁ କରୋନାଠାରୁ ଆହୁରି ମାରାତ୍ମକ ବୋଲି କୁହାଯାଉଛି । କାରଣ ଯଦି ଠିକ ସମୟରେ ଚିକିତ୍ସା କରାନଯାଏ ତେବେ ପ୍ରତି ୧୦ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୯ ଜଣ ମୃତ୍ୟୁମୁଖରେ ପଡ଼ିବା ନିଶ୍ଚିତ । ଏହି କାରଣରୁ ହୁ ସତର୍କ ହୋଇଉଠିଛି ।

## ରାଜଧାନୀରେ ହେବ ନିରବଚ୍ଛିନ୍ନ ଜଳଯୋଗାଣ ବ୍ୟବସ୍ଥା

ଭୁବନେଶ୍ୱର: ରାଜଧାନୀ ଭୁବନେଶ୍ୱର ରେ ପୂରଣ ହୋଇଛି ଜଳ ବିଶୋଧନାଗାରର କ୍ଷମତା । ପାନୀୟ ଜଳ ର ଚାହିଦା ମେଣ୍ଟାଇବା ପାଇଁ ଜଳ ବିଶୋଧନାଗାରର କ୍ଷମତା ବୃଦ୍ଧି ହେବା ନିହାତି ଆବଶ୍ୟକ ଥିଲା । ଏହାକୁ ଉପଲବ୍ଧି କରିବା ପରେ ଭୁବନେଶ୍ୱରକୁ ନୀରବଚ୍ଛନ୍ନ ଜଳଯୋଗାଣ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି ।ଏଥିପାଇଁ ୨୮୬ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।ମହାନଦୀ ଉପରେ ଥିବା ମୁଣ୍ଡଲୀଠାରେ ୧୩୦ ଏମଏଲଡି କ୍ଷମତାସମ୍ପନ୍ନ ଏକ ଇଣ୍ଟେକ ୱେଲ ନିର୍ମାଣ କରାଯିବ । ଏହାସହିତ ଶିଖରଚଣ୍ଡୀଠାରେ ନିର୍ମାଣ ହେବ ମାଷ୍ଟର ବାଲାନ୍ସିଂ ରିଜରଭଏର । ଏହି ପାନୀୟ ଜଳଯୋଗାଣ ପ୍ରକଳ୍ପ ସହାୟତାରେ ନୂତନ ଭାବରେ ପରିବର୍ଦ୍ଧିତ ହେଉଥିବା ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ନିଳାଦ୍ରି ବିହାର, ପ୍ରଶାନ୍ତି ବିହାର, ପଟିଆ, ନନ୍ଦନ ବିହାର, ଡମଣା ଏବଂ ଶ୍ରୀ ବିହାର ଭଳି ଅଞ୍ଚଳ ଜଳଯୋଗାଣ ବ୍ୟବସ୍ଥା ଆହୁରି ସୁଗମ ହୋଇପାରିବ ।

## ବିଦ୍ୟୁତ୍ ଦର ବଢ଼ାଇବାକୁ ଧମକ ଦେଲା ଗ୍ରୀଡ୍କୋ

# ସତ୍ୟପାଠ ଦିଅନ୍ତୁ ଶକ୍ତି ସଚିବ, ନ ହେଲେ ୟୁନିଟ୍ ୫ଟଙ୍କା ହେବ

ଭୁବନେଶ୍ୱର:ଗ୍ରୀଡ୍କୋର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଉପରେ ଜନଶୁଣାଣି ହେବାକୁ ଯାଉଛି । ୟୁନିଟ୍ ପିଛା ଶୁଳ୍କ ୩ ଟଙ୍କାରୁ ୩ ଟଙ୍କା ୮୦ ପଇସାକୁ ବୃଦ୍ଧି କରବାକୁ ଗ୍ରୀଡ୍କୋ ପକ୍ଷରୁ ଓ.ଇ.ଆର.ସି. ନିକଟରେ ଦାବି କରାଯାଇଛି । ଇଡ୍କୋର ଦାବିକୁ ଯଦି ଓ.ଇ.ଆର.ସି. ଗ୍ରହଣ କରେ ତା'ହେଲେ ଶୁଳ୍କ ୟୁନିଟ୍ ପିଛା ୫ ଟଙ୍କାକୁ ବୃଦ୍ଧି ପାଇବ । କାରଣ ଗ୍ରୀଡ୍କୋ ୩ ଟଙ୍କା ୮୦ ପଇସା ୟୁନିଟ୍ ପିଛା ଶୁଳ୍କ ନେଲେ ତା'ଉପରେ ପରିବହନ ଖର୍ଚ୍ଚ ଓ ଅନ୍ୟାନ୍ୟ ପ୍ରଶାସନିକ ଖର୍ଚ୍ଚ ମିଶି ୫ଟଙ୍କା ପାଖାପାଖି ହେବ । ଆବଂଟନ କମ୍ପାନୀମାନେ ଗରାଖଙ୍କ ପାଖରେ ବିଜୁଳି ପହ ।ଇବା ନେଇ ଆହୁରି ଅଧିକ ପଇସା ଦାବି କରିବେ, ଯାହାକି ଓଡ଼ିଶା ଭଳି ଏକ ଗରିବ ରାଜ୍ୟର ଗ୍ରାହକମାନେ ଦେବା ସମ୍ଭବ ନୁହେଁ । ନିକଟ ଅତୀତରେ ଏକ ଜନସଭାରେ ଶକ୍ତିମନ୍ତ୍ରୀ ବିଦ୍ୟୁତ୍ ଶୁଳ୍କ ବଢିବ ନାହିଁ ବୋଲି ଇସାରା କରିଛନ୍ତି । ତେଣୁ ଶକ୍ତିମନ୍ତ୍ରୀଙ୍କ କଥା ଅନୁଯାୟୀ ରାଜ୍ୟ ସରକାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ସପକ୍ଷରେ ନାହାନ୍ତି ବୋଲି ପ୍ରତୀୟମାନ ହେଉଛି




। ତେଣୁ ଗତବର୍ଷ ଭଳି ଗ୍ରୀଡ୍କୋର ଏହି ଶୁଳ୍କ ବୃଦ୍ଧି ବିରୁଦ୍ଧରେ ଶକ୍ତି ବିଭାଗ ପକ୍ଷରୁ ଖୋଦ୍ ସଚିବ ଆସନ୍ତାକାଲି ଜନଶୁଣାଣୀ ସମୟରେ ସତ୍ୟପାଠ ଦାଖଲ କରି ରାଜ୍ୟ ସରକାରଙ୍କର ପଦକ୍ଷେପକୁ ସ୍ପଷ୍ଟ କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି । ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଆଜି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରଶ୍ନ କରିଛନ୍ତି ଯେ, ଗ୍ରୀଡ୍କୋର ପ୍ରଶାସନିକ କ୍ଷତିକୁ ସାଧାରଣ ଗ୍ରାହକ ବହନ କରିବେ କାହିଁକି ? ଓଡ଼ିଶା ଏକ ବିଦ୍ୟୁତ୍ ଉତ୍ପାଦନକାରୀ ବଳକା ରାଜ୍ୟ । ପଡ଼ୋଶୀ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ୟୁନିଟ୍ ପିଛା ଅପେକ୍ଷାକୃତ କମ୍ ଥିଲାବେଳେ ପ୍ରଶାସନିକ ଅପାରଗତା, ଦୁର୍ନୀତି ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ଗ୍ରାହକଙ୍କ ଉପରେ ବିଦ୍ୟୁତ ଶୁଳ୍କର ବୋଝକୁ କମ୍ପାନୀମାନେ ଲଦି ଦେଉଛନ୍ତି, ଯାହାକି କେବଳ ଅଯୌକ୍ତିକ ନୁହେଁ, ଏହା ମଧ୍ୟ ସରକାରଙ୍କର ଉଦାସୀନତାକୁ ଦର୍ଶାଉଛି । ଓଡ଼ିଶାରେ ଯେତେବେଳେ ବିଦ୍ୟୁତ୍ ସଂସ୍କାର ଆରମ୍ଭ ହୋଇଥିଲା, ସେତେବେଳେ ● ପୃଷ୍ଠା-୪

## କଂକ୍ରିଟ ମିକ୍ସଚର ମେସିନକୁ ଧକ୍କା ଦେଇ ଜଳିଗଲା ବାଇକ୍ : ୨ ମୃତ

କଟକ(ପିପିଏସ୍): କଟକ-ପାରାଦ୍ୱୀପ ରାସ୍ତାର କନ୍ଦରପୁର ଟୋଲଗେଟ ନିକଟରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । କଂକ୍ରିଟ ମିକ୍ସଚର ମେସିନକୁ ଧକ୍କା ଦେବା ପରେ ବାଇକ୍ ଜଳି ଯାଇଛି । ଫଳରେ ଦୁଇ ବାଇକ୍ ଆରୋହୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଦୁର୍ଘଟଣାରେ ଉଭୟଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ହେଲେ ରାଜେଶ ଦାସ ଓ ଇଶାନ ସାହୁ। ଏମାନେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅଂଚଳର ହୋଇଥିବା ସୂଚନା ମିଳିଛି । ଗତକାଲି ବିଳମ୍ବିତ ରାତିରେ ଏହି ଦୁଇ ଜଣ ଯୁବକ ଏକ ବାଇକ୍ ରେ ତିର୍ତ୍ତୋଲରୁ କଟକ ଅଭିମୁଖେ ଆସୁଥିଲେ। ମିକ୍ସର ମେସିନ୍ ଟି କନ୍ଦରପୁର ଟୋଲଗେଟ୍ ରେ ଅଟକି ଟୋଲ ଫି ଦେଉଥିବା ସମୟରେ ବାଇକ୍ ଦ୍ରୁତ ଗତିରେ ଆସି ମିକ୍ସର ମେସିନର ପଛରେ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବାଇକ୍ ରେ ନିଆଁ ଲାଗି ଯାଇଥିଲା। ହୁତୁହୁତୁ ହୋଇ ଜଳି ଉଠିଥିଲା ବାଇକ୍ । ୨ଯୁବକ ଜୀବନ୍ତ ଜଳି ଯାଇଥିଲେ। ଖବର ପାଇ କନ୍ଦରପୁର ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ। ୨ଜଣଙ୍କୁ ଉଦ୍ଧାର କରି କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ସ୍ଥାପନ ହେବ ୪ଟି ମେଡ଼ିକାଲ କଲେଜ

### ସୃଷ୍ଟି ହେବ ୫ ହଜାର ନୂଆ ଡାକ୍ତରୀ ପଦବୀ

ଭୁବନେଶ୍ୱର(ପିପିଏସ୍): ଆସନ୍ତା ବର୍ଷକ ମଧ୍ୟରେ ଆଉ ୪ଟି ନୂଆ ମେଡିକାଲ କଲେଜ ଓ ଅଧିକ ୫ହଜାର ନୂଆ ଡାକ୍ତରୀ ପଦବୀ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଚଳିତ ଶିକ୍ଷାବର୍ଷରେ କଳାହାଣ୍ଡିରେ ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରାଯିବାକୁ ପ୍ରାଥମିକତା ଦିଆଯାଉଛି ଓ ପରବର୍ତ୍ତୀ ସମୟରେ ତାଳଚେର, ଯାଜପୁର ଓ କନ୍ଧମାଳରେ ମେଡିକାଲ କଲେଜ ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି । ଦୁଇଦିନିଆ ବରିଷ୍ଠ ଅଧିକାରୀ ସମ୍ମିଳନୀ ପରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ପଣ୍ଡିତ କହିଥିଲେ ଯେ, ରାଜ୍ୟରେ ଡାକ୍ତର ଅଭାବ ସମସ୍ୟାକୁ ଖୁବଶୀଘ୍ର ଦୂର କରାଯିବ । ୯୦ ପ୍ରତିଶତ ଏମବିବିଏସ୍ ଡାକ୍ତରୀ ପଦବୀ ପୂରଣ କରାଯିବ । ଏବେ ୩ହଜାର ଡାକ୍ତର ପଦବୀ ପୂରଣ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ପ୍ରକ୍ରିୟା ଆରମ୍ଭ କରିଛନ୍ତି ଓ ସେପଟ୍ମେର ସୁଦ୍ଧା ଏହି ଡାକ୍ତରମାନେ ନିଯୁକ୍ତି ପାଇଯିବେ । ଅର୍ଥ ବିଭାଗ ଇତିମଧ୍ୟରେ ଆଉ ୫ହଜାର ନୂଆ ଡାକ୍ତରୀ ପଦବୀ ସୃଷ୍ଟି ନିମନ୍ତେ ଅନୁମତି ଦେଇଛନ୍ତି ଓ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀମତୀ ପଣ୍ଡିତ କହିଛନ୍ତି । ଏହାସହିତ ୨୦୨୪ ମସିହା ପ୍ରଥମାର୍ଦ୍ଧରେ କଟକସ୍ଥିତ ଏସସିବି ମେଡିକାଲ କଲେଜର ଆଧୁନିକୀକରଣ କାର୍ଯ୍ୟ ଶେଷ ହେବ ।

## ୫ ହଜାର ଲାଞ୍ଚ ନେଇ ଧରାପଡିଲେ କିରାଣୀ

ଭୁବନେଶ୍ୱର: ଏରିଅର ବିଲ୍ ପାସ୍ କରାଇଦେବା ପାଇଁ ୫ ହଜାର ଟଙ୍କା ଲାଂଚ ନେବା ଅଭିଯୋଗରେ ଝାରସୁଗୁଡା ଜିଲ୍ଲା କିରିମିରା ବ୍ଲକ୍ ଶିକ୍ଷା ଅଫିସ୍ ର ବରିଷ୍ଠ କିରାଣୀ ସରୋଜକାନ୍ତ ନାୟକଙ୍କୁ ଭିଜିଲାନ୍ସ ଅଟକ ରଖିଛି । ଏହା ବ୍ୟତୀତ ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଶ୍ରୀ ନାୟକଙ୍କ ୨ ଟି ଠିକଣା ଉପରେ ଭିଜିଲାନ୍ସ ଚଢାଉ ଜାରି ରହିଛି । ଶ୍ରୀ ନାୟକ ଜଣେ ଶିକ୍ଷୟତ୍ରୀଙ୍କ ମାଟରନିଟି ଲିଭ୍ ସମ୍ପର୍କିତ ଏରିଅର ବିଲ୍ ପାସ୍ କରିବା ପାଇଁ ତାଙ୍କ ସ୍ୱାମୀଙ୍କ ଠାରୁ ୫ ହଜାର ଟଙ୍କା ଦାବି କରିଥିଲେ । ଅଭିଯୋଗକାରୀ ଏହି ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢାଉ କରି ଟଙ୍କା ଜବତ କରିଥିଲେ। ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି ।

## ଚୌଦ୍ୱାର ଜେଲ୍‌ରେ ଗୋପାଳ ଦାସ

ଚୌଦ୍ୱାର(ପିପିଏସ୍):ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସକୁ ଚୌଦ୍ୱାର ସର୍କଲ ଜେଲକୁ ସ୍ଥାନାନ୍ତର କରାଯାଇଛି । ମଙ୍ଗଳବାର ସଂଧ୍ୟାରେ ଗୋପାଳକୁ କଡ଼ା ସୁରକ୍ଷା ଭିତରେ ଚୌଦ୍ୱାର ଜେଲକୁ ଅଣା ଯାଇଛି । କଡ଼ା ସୁରକ୍ଷା ଭିତରେ ଝାରସୁଗୁଡ଼ାରୁ ଆସି ସଂଧ୍ୟା ୮. ୨୦ ମିନିଟ ସମୟରେ ସ୍ଥାନୀୟ ପୋଲିସ ଉପସ୍ଥିତିରେ ଚୌଦ୍ୱାର ଜେଲରେ ଗୋପାଳକୁ ଛାଡ଼ିଥିଲେ ।



ଜେଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଜେଲର ହାଇ ସିକ୍ୟୁରିଟି ଯୁକ୍ତ ୩ ନମ୍ବର ସେଲରେ ରଖା ଯାଇଛି । ଉକ୍ତ ସେଲରେ ଲାଗିଥିବା ସିସିଟିଭି କ୍ୟାମେରା ମାଧ୍ୟମରେ ଗୋପାଳର ଗତିବିଧି ଅନୁଧ୍ୟାନ କରାଯିବା ସହିତ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରାଯିବ । ଏଥି ସହିତ ସେଲରେ ୨୪ଘଣ୍ଟିଆ ପ୍ରହରା ବ୍ୟବସ୍ଥା ରହିଥିବା ଜେଲ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଗୋପାଳକୁ ଝାରସୁଗୁଡ଼ା ସବ୍ ଜେଲରେ ରଖା ଯାଇଥିବାବେଳେ ସେଠାରେ ସୁରକ୍ଷା ପ୍ରତି ବିପଦ ଥିବା ଜେଲ ବିଭାଗ ତରଫରୁ ଝାରସୁଗୁଡ଼ା ଜେଏମ୍ଏଫସି କୋର୍ଟରେ ଦର୍ଶାଯାଇ ତାଙ୍କୁ ଅନ୍ୟ କୌଣସି ଜେଲକୁ ସ୍ଥାନାନ୍ତର କରିବା ପାଇଁ ମାଜିଷ୍ଟ୍ରେଟଙ୍କୁ ନିବେଦନ କରାଯାଇଥିଲା ।

## ସ୍ତ୍ରୀର ଶବକୁ କାନ୍ଧରେ ବୋହିବା ଘଟଣା

### ମୁଖ୍ୟସଚିବଙ୍କୁ ଏନଏଚଆରସିଙ୍କ ନୋଟିସ୍

ଭୁବନେଶ୍ୱର(ପିପିଏସ୍): ପତ୍ନୀର ଶବକୁ କାନ୍ଧରେ ବୋହିବା ଘଟଣାରେ ମୁଖ୍ୟ ଶାସନ ସଚିବଙ୍କୁ ଜାତୀୟ ମାନବାଧିକାର କମିଶନ ନୋଟିସ ଜାରି କରିଛନ୍ତି। ଏଥିସହ ଦାଦନ ନିର୍ଯାତନା ଘଟଣାରେ ମଧ୍ୟ ନୋଟିସ୍ ଜାରି କରାଯାଇଛି । ଏଥିସହ ଏହାକୁ ରୋକିବାକୁ କି ପଦକ୍ଷେପ ନିଆଯାଇଛି ଜଣାଇବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମାନବାଧିକାର କମିଶନ। ସୂଚନାଯୋଗ୍ୟ ଯେ କିଛି ଦିନ ପୂର୍ବେ ଆନ୍ଧ୍ରରେ ଜଣେ ଓଡ଼ିଆ ପତ୍ନୀଙ୍କ ଶବକୁ କାନ୍ଧରେ ପ୍ରାୟ ୩୩ କିଲୋମିଟର ବୋହି ଆଣିଥିଲେ। ଆନ୍ଧ୍ର ପୁଲିସ ମାନବିକତା ଦେଖାଇବା ସହିତ ଆମ୍ବୁଲାନ୍ସରେ କୋରାପୁଟ ଜିଲ୍ଲାକୁ ଶବ ପଠାଇବା ବ୍ୟବସ୍ଥା କରିଥିଲା । ଶବ ବୋହୁଥିବା ବ୍ୟକ୍ତି ଜଣକ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ର ଗୁରୁ । ଗୁରୁ ଓ ତାଙ୍କ ପତ୍ନୀ ବିଶାଖାପାଟଣାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ପତ୍ନୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଗୁରୁତର ହେବାରୁ ସାଗରବାଲସାସ୍ଥିତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

## ଏମ୍ଏସ୍ଏମ୍ଇରେ ପରିଣତ ହେବ ସ୍ୱୟଂସହାୟକ ଗୋଷ୍ଠୀ

ଭୁବନେଶ୍ୱର(ପିପିଏସ୍):ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ (ଏମ୍ଏସ୍ଏମ୍ଇ)ରେ ପରିଣତ ହେବ । ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ନିମନ୍ତେ ମୁଖ୍ୟମନ୍ତ୍ରୀନବୀନ ପଟ୍ଟନାୟକ ମହିଳାମାନଙ୍କୁ ବୃହତ ବ୍ୟବସାୟ ପ୍ରତିଷ୍ଠା ଏବଂ ଏହାର ବ୍ୟାପକ ପରିଚାଳନାରେ ସାହାଯ୍ୟ କରିବା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି । ଆଗାମୀ ୩ବର୍ଷରେ ୫୦ହଜାର ଏସଏଚଜିକୁ ଏସଏମଇରେ ପରିଣତ କରାଯିବ ବୋଲି ଜିଲ୍ଲାପାଳ ସମ୍ମିଳନୀରେ ମିଶନ ଶକ୍ତି ସଚିବ ସୁଜାତା ଆର. କାର୍ତ୍ତିକେୟନ ସୂଚନା ଦେଇଛନ୍ତି । ସେ କହିଛନ୍ତି ଜିରୋ ପ୍ରତିଶତ ସୁଧ ମିଶନ ଶକ୍ତି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ - ଚଳିତ ବର୍ଷ ପ୍ରାୟ ୩ ଲକ୍ଷରୁ ଅଧିକ ଗୋଷ୍ଠୀକୁ ୧୦ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରାଯିବ । ୨୦୦ କୋଟି ସୁଧ ଛାଡ଼ ରାଶି ସିଧାସଳଖ ଏସ୍ଏଚ୍ଜି ଆକାଉଂଟକୁ ପ୍ରଦାନ କରାଯାଉଛ । ଆଗାମୀ ପାଂଚବର୍ଷ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୫୦,୦୦୦ କୋଟି ଟଙ୍କାର ଋଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏସ୍ଏଚ୍ଜିଗୁଡ଼ିକୁ ସୁଧ ଫେରସ୍ତ ବାବଦକୁ ୧୨୦୦ କୋଟି ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି । ଓଡ଼ିଶା ସରକାର ଆଗାମୀ ୫ ବର୍ଷ ମଧ୍ୟରେ ପ୍ରାୟ ୫ ହଜାର କୋଟି ଟଙ୍କାର ସରକାରୀ ସେବା ଏବଂ ସାମଗ୍ରୀ ଯୋଗାଣ ଆଦି ସେବାର ଏକ ନିଆରା ମଡେଲ୍ ସୃଷ୍ଟି କରିଛନ୍ତି । ଡାକ୍ତରଖାନା ଖାଦ୍ୟ ପରିଚାଳନା, ବିଦ୍ୟୁତ୍ ମିଟର ରିଡିଂ, ମତ୍ସ୍ୟଚାଷ, ସହରାଂଚଳ କାର୍ଯ୍ୟ, ଜଙ୍ଗଲରେ ନର୍ସରୀ ବୃଦ୍ଧି ଆଦି କ୍ଷେତ୍ରରେ ୧୫ଟି ସରକାରୀ ବିଭାଗ ମିଶନ ଶକ୍ତି ଏସ୍ଏଚ୍ଜିମାନଙ୍କ ସହ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି । ରାଜ୍ୟର ସମସ୍ତ ୫'ଟି' ସ୍କୁଲକୁ ଏସ୍ଏଚ୍ଜି ମହାସଂଘକୁ ହସ୍ତାନ୍ତର କରାଯାଇଛି ଏବଂ ଏସ୍ଏଚ୍ଜିମାନଙ୍କୁ ତଦାରଖ ଦେୟ ପ୍ରଦାନ ସହିତ ରକ୍ଷଣାବେକ୍ଷଣ ଓ ପରିଚାଳନା କାର୍ଯ୍ୟ ପାଇଁ ନିୟୋଜନ କରାଯାଇଛି । ଏହା ବ୍ୟତୀତ ବିଶ୍ୱସନୀୟ ଅଂଶୀଦାରମାନଙ୍କ ସହିତ ଉଚ୍ଚ ଗୁଣବତା ପ୍ରଶିକ୍ଷଣ ସହିତ ସମସ୍ତ ବ୍ଲକକୁ ଅନ୍ତର୍ଭୁକ୍ତ କରାଯିବ ।

## ସ୍କୁଲ ଶିକ୍ଷାର ବିକାଶ ପାଇଁ ଦୁଇଦିନିଆ ସମୀକ୍ଷା ବୈଠକ, ଯୋଗଦେବେ ୬ଟି ରାଜ୍ୟର ଶିକ୍ଷା ସଚିବ

ଭୁବନେଶ୍ୱର: ସ୍କୁଲ ଶିକ୍ଷାକୁ ମଜଭୂତ୍ କରିବା, ସମାଜର ଆର୍ଥିକ ଦୃଷ୍ଟିରୁ ପଛୁଆ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ଏବଂ ଶିକ୍ଷକଙ୍କୁ ଉତମ ତାଲିମ ପ୍ରଦାନ କରିବା ଦିଗରେ ଆସନ୍ତା ୧୬ ଓ ୧୭ ତାରିଖରେ ଭୁବନେଶ୍ୱର ଠାରେ ଷ୍ଟାର୍ସ(ଷ୍ଟ୍ରେନ୍ଥେନିଂ ଟିଚିଂ-ଲର୍ଣ୍ଣିଂ- ଆଣ୍ଡ୍ ରେଜଲ୍ଟ ଫର୍ ଷ୍ଟେଟ୍ସ) କାର୍ଯ୍ୟକ୍ରମର ଏକ ଦୁଇଦିନିଆ ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଷ୍ଟାର୍ସ ସମୀକ୍ଷା ବୈଠକର ପ୍ରଥମ ଦିନରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ । ଷ୍ଟାର୍ସ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ୬ଟି ରାଜ୍ୟ ଯଥା ଓଡ଼ିଶା, ରାଜସ୍ଥାନ, ମହାରାଷ୍ଟ୍ର, କେରଳ, ମଧ୍ୟପ୍ରଦେଶ ଏବଂ ହିମାଚଳ ପ୍ରଦେଶର ଶିକ୍ଷା ସଚିବମାନେ ଏହି ବୈଠକରେ ଯୋଗଦେବେ । ଏହାସହ କେନ୍ଦ୍ର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗର ସଚିବ, ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ବରିଷ୍ଠ ଅଧିକାରୀ ଓ ଏନସିଇଆରଟିର ଅଧିକାରୀମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ।

### ସମ୍ପାଦକୀୟ

**ନୂଆ ରାଜ୍ୟପାଳ**

### ବାଟେଘାଟେ



କଟକର ମହାନଗର ନିଗମ
ମାଠିଆ ଭିତରେ କଣା
ମେୟରଙ୍କ ସହ ହୋଇପାରୁ ନାହିଁ
ବିରୋଧୀଙ୍କ ବୁଝାମଣା
ଦିନ ଓ ରାତି ଧାରଣା
ନାମଫଳକରେ ବିଧାୟକଙ୍କର
ନାମ ହେଉ ନାହିଁ ଗଣା
ପଚିଶ ବର୍ଷ ରହି ଅଧିକାରୀ
ସଭିଙ୍କୁ ବୁଲାନ୍ତି ଘଣା
ନଗର ନିଗମ ଉନ୍ନୟନ ପାଣ୍ଠି
ସତେ କିବା ବେଲପଣା
କୋର୍ଟକୁ ହେବେ ଟଣା ?

-ରାହୀ

# ମୁଖ୍ୟମନ୍ତ୍ରୀଙ୍କ ଅପାରଗତା ପାଇଁ ଅରାଜକତା ସୃଷ୍ଟି ହୋଇଛି: ବିଜେପି

ଭୁବନେଶ୍ୱର: ଓଡ଼ିଶାର ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ସାଧାରଣ ଲୋକଟି ନ୍ୟାୟ ପାଇବା ଆଶାରେ ପୋଲିସ ପାଖକୁ ଗଲେ ତାର ଏତଲାକୁ ପୋଲିସ ଗ୍ରହଣ କରୁନାହିଁ । ନ୍ୟାୟାଳୟର ହସ୍ତକ୍ଷେପ ପରେ ପୋଲିସ ଏତଲାକୁ ଗ୍ରହଣ କରୁଛି ସତ, କିନ୍ତୁ ତଦନ୍ତର ଫଳାଫଳ ସନ୍ଦେହ ଘେରରେ ରହୁଛି । ଗତ କିଛି ବର୍ଷ ହେଲା ରାଜ୍ୟରେ ରାଜନୈତିକ ହିଂସା ବୃଦ୍ଧି ପାଇଛି । ଅଧିକାଂଶ କ୍ଷେତ୍ରରେ ଶାସକ ଦଳର ନେତା ଓ ମନ୍ତ୍ରୀଙ୍କ ସଂପୃକ୍ତି ସ୍ପଷ୍ଟ ଥିବାବେଳେ ଅପରାଧୀଙ୍କୁ ସୁରକ୍ଷା ଦେଉଛି ବିଜେଡି ସରକାର । ଏପରିକି ବିଜେଡି ସରକାର ନିଜ ଅପରାଧିକ ଭାବମୂର୍ତ୍ତିକୁ ବଂଚାଇବା ପାଇଁ ଅଭିଯୁକ୍ତ ଏବଂ ଘଟଣାର ପ୍ରତ୍ୟକ୍ଷ ସାକ୍ଷୀମାନଙ୍କୁ ହତ୍ୟା କରୁଥବାର ଓଡିଶାବାସୀ ଅନୁଭବ କରିଲେଣି । ବିଭିନ୍ନ ଜଘନ୍ୟ ହତ୍ୟାକାଣ୍ଡର ତଦନ୍ତକୁ ରାଜ୍ୟ ସରକାର ନିଜ ଏଜେନ୍ସି ଜରିଆରେ କରାଇ ପ୍ରକୃତ ସତ୍ୟାସତ୍ୟକୁ ଚାପି ଦେଉଛନ୍ତି । ରାଜ୍ୟର ଜଣାଶୁଣା ପ୍ରଭାବଶାଳୀ ମନ୍ତ୍ରୀ ନବ ଦାସଙ୍କୁ ଦିବାଲୋକରେ ସୁରକ୍ଷା ଦାୟୀତ୍ୱରେ ଥିବା ଜଣେ ପୋଲିସ ଅଧିକାରୀ ଗୁଳି କରି ହତ୍ୟା କରିଲେ । ଓଡିଶାରେ ଯଦି ଜଣେ ସ୍ୱାସ୍ଥ୍ୟମନ୍ତ୍ରୀ ସୁରକ୍ଷିତ ନୁହେଁ ତାହାଲେ ସାଧାରଣ ଲୋକଙ୍କ ଅବସ୍ଥା ନକହିବା ଭଲ । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ସାଢେ ଚାରି କୋଟି ଓଡିଶାବାସୀଙ୍କ ଆସ୍ଥା ମୁଖ୍ୟମନ୍ତ୍ରୀଙ୍କ ଉପରୁ ତୁଟିଯାଇଛି । "ରାଜ୍ୟ ଶାସନ ବ୍ୟବସ୍ଥାକୁ ଚଳାଉଛି କିଏ" ? ରାଜ୍ୟବାସୀଙ୍କ ମନ ଭିତରେ ଏହା ଏବେ ପ୍ରମୁଖ ପ୍ରଶ୍ନ ହୋଇ ରହିଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅପାରଗତା ପାଇଁ ରାଜ୍ୟରେ ଅରାଜକତା ଓ ଭୟର ବାତାବରଣ ସୃଷ୍ଟି ହୋଇଛି । ବିଜେଡି ଶାସନରେ ରାଜ୍ୟବାସୀ ଅସୁରକ୍ଷିତ ହୋଇପଡିଛନ୍ତି । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ରାଜ୍ୟବାସୀଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବୀରେ ଆଜି ଭାରତୀୟ ଜନତା ପାର୍ଟୀ ତରଫରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ହରତାଲ୍ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ଆଜି ଭାରତୀୟ ଜନତା ପାର୍ଟି ତରଫରୁ ଭୁବନେଶ୍ୱରର ଏଜି ଛକ, ଜୟଦେବ ବିହାର, ପଳାଶୁଣି, ଖଣ୍ଡଗିରି ଏବଂ ସାମନ୍ତରାପୁର ଛକରେ ହରତାଳ ଓ



ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଜି ଛକରେ ସାଂସଦ ବସନ୍ତ ପଣ୍ଡା, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ସାମନ୍ତରାପୁର ଛକରେ ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜୟନ୍ତ ଷଡଙ୍ଗୀ, ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା, ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର, ଏସ୍ ?ସି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୂପ୍ରସାଦ ତରାଇ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ବିରଂଚି ତ୍ରିପାଠୀ, ଜିଲ୍ଲା ସଭାପତି ଆଶ୍ରୀତ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ସାମିଲ ହୋଇଥିଲେ । ଖଣ୍ଡଗିରି ଛକଠାରେ ଅନୁଷ୍ଠିତ ବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ କେ.ଭି.ସିଂହଦେଓ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଖୋର୍ଦ୍ଧା ଜିଲ୍ଲା ସଭାପତି ରଶ୍ମୀରଂଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଂଜନ ବଡଜେନା, କାଳୁ ଖଣ୍ଡାୟତରାୟଙ୍କ ସମେତ ଶହ ଶହ କାର୍ଯ୍ୟକର୍ତା ଉପସ୍ଥିତ ରହି ରାସ୍ତାରୋକ କରିଥିଲେ । ଜୟଦେବ ବିହାରଠାରେ ବିଧାୟକ ନବ ଚରଣ ମାଝୀ, ଭାସ୍କର ମଢେଇ, ବୁଧନ ମୁର୍ମୁ, ଜିଲ୍ଲା ପରିଷଦ ସଦସ୍ୟ ତୁଷାରକାନ୍ତ ଚକ୍ରବର୍ତୀ, ସାମାଜିକ ସଂଗଠନ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ରଶ୍ମୀରଂଜନ କାନୁନଗୋ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ସାମିଲ ହୋଇଥିଲେ । ପଳାଶୁଣୀଠାରେ ପୂର୍ବତନ ବିଧାୟକ ତଥା କଟକ ସଦର ଜିଲ୍ଲା ସଭାପତି ପ୍ରକାଶ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ପାଢୀ, ବିଜୟ ଦଳବେହେରା, ସୁଶାନ୍ତ ମଲ୍ଲିକ, ବ୍ରଜେନ୍ଦ୍ର ରାୟ, କୃଷକମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷିକେଶ ଜେନା, ମହିଳାମୋର୍ଚ୍ଚା କଟକ ଜିଲ୍ଲା ସଭାନେତ୍ରୀ ଯାଜ୍ଞସେନି ଜେନା ପ୍ରମୁଖଙ୍କ ସମେତ କଟକ ଜିଲ୍ଲାର ବହୁ କାର୍ଯ୍ୟକର୍ତା ସାମିଲ ହୋଇଥିଲେ । ଓଡିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ବୋଲି ଏନସିଆରବି ରିପୋର୍ଟ ବାରମ୍ବାର ତଥ୍ୟ ଦେଇଛି । ରାଜ୍ୟ ● ପୃଷ୍ଠା-୪

## ଦୁଇ ଶିଶୁ ପୁତ୍ରକୁ ହତ୍ୟାକରି ମା'ର ଆତ୍ମହତ୍ୟା ଘଟଣା

# ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ଜବତ

କେନ୍ଦୁଝର: କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଂଚାୟତ ଡୁରୁକୁଳିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜଣେ ମା' ନିଜର ଦୁଇ ଶିଶୁ ପୁତ୍ରକୁ ହତ୍ୟା କରି ମହିଳା ଘରଭିତରେ ରଶି ଲଗାଇ ଆତ୍ମହତ୍ୟା କରିବା ଘଟଣାର ଛାନଭିନ ଆରମ୍ଭ ହୋଇଛି । ପୋଲିସ ଆଜି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତିନୋଟି ଶବକୁ ଜବତ କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଛେଦ ପାଇଁ ପଠାଇବା ସହିତ ଘଟଣାର ପ୍ରକୃତ ରହସ୍ୟ ଜାଣିବା ପାଇଁ ସାଇଂଟିଫିକ ଟିମ୍ ର ସାହାଯ୍ୟ ନେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

ଏଠାରେ ସୂଚନାଯୋଗ୍ୟ, ଗତକାଲି ଅପରାହ୍ନରେ ଚନ୍ଦ୍ରଶେଖରପୁର ପଂଚାୟତ ଅନ୍ତର୍ଗତ ଡୁରୁକୁଳିଆ ଗ୍ରାମର ଭୀମସେନ ନାଏକ ଟ୍ରାକ୍ଟର ଯୋଗେ ହଳ କରିବା ପାଇଁ ବିଲକୁ ଯାଇଥିବା ସମୟରେ ତାଙ୍କ ପତ୍ନୀ କ୍ଷଣପ୍ରଭା ନାଏକ ( ୩୫ ବର୍ଷ ) ନିଜର ଦୁଇ ଶିଶୁପୁତ୍ର ନନ୍ଦନ ( ୨ ବର୍ଷ ) ଓ ଜନସେନ ( ୪ ବର୍ଷ )ଙ୍କୁ ହତ୍ୟା କରି ପରେ ନିଜେ ଘରଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ସ୍କୁଲ ଛୁଟି ପରେ ତାଙ୍କ ବଡ଼ ଝିଅ ତପସ୍ୱିନୀ (୬ ବର୍ଷ )ଘରକୁ ଫେରି ଦୀର୍ଘ ସମୟ ଧରି ଡାକିଥିଲେ ମଧ୍ୟ କେହି କବାଟ ନ ଖୋଲିବାରୁ ତାଙ୍କ ବଡ଼ ବାପାଙ୍କ ଘରକୁ ଯାଇ ଜେଜେମାଆଙ୍କୁ ଜଣାଇଥିଲେ । ଜେଜେ ମା ତପସ୍ୱିନୀଙ୍କୁ ସାଙ୍ଗରେ ନେଇ ତାଙ୍କ ଘରକୁ ଯାଇ ଘର ଭିତର ପଟୁ ବନ୍ଦ ହୋଇଥିବାର ଦେଖି ତାଙ୍କ ମନରେ କିଛି ଅଘଟଣ ଘଟିଥିବା ସନ୍ଦେହ ହେବାରୁ ସେ ନିକଟସ୍ଥ ଗ୍ରାମବାସୀଙ୍କୁ ଡାକିଥିଲେ । ଗ୍ରାମବାସୀ ଘଟଣାସ୍ଥଳରେ ପହଂଚି ବନ୍ଦ ଘର ଭିତରେ ଦୁଇ ଶିଶୁ ପୁତ୍ରଙ୍କ ମୃତ ଶରୀର ପଡିଥିବା ସହିତ କ୍ଷଣପ୍ରଭାଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଦେଖି ଭୀମସେନଙ୍କୁ ଜଣାଇବା ସହିତ ପୋଲିସକୁ ଖବର ଦେଇଥିଲେ । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିବା ସହିତ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।




# ୨ ଫୁଟ୍ ମହିଳାଙ୍କ ପ୍ରେମରେ ୫ ଫୁଟ୍ ର ପୁଅ

ପ୍ରେମ ପାଖରେ ନା ରୂପ ରଙ୍ଗର ପ୍ରଭେଦ ଅଛି ନା ଜାତି-ଧର୍ମ । ବୟସ ଓ ଉଚ୍ଚତା କିଛି ବି ଦିଶେନି । ବାସ୍ ଖାଲି ଦୁଇ ଜଣ ପରସ୍ପରକୁ ଦେଇ ବସନ୍ତି ମନ । ଏବେ ଚାଲିଛି ଭାଲେଣ୍ଟାଇନ୍ ୱିକ୍ । ପ୍ରେମ ସପ୍ତାହରେ ଆମେ ଆପଣଙ୍କୁ ସେମିତି ଏକ ପ୍ରେମ କାହାଣୀ ବିଷୟରେ କହିବୁ । ଯାହା ଶୁଣି ଆପଣ ନିଶ୍ଚୟ ସେହି ପ୍ରେମୀ ଯୁଗଳଙ୍କୁ ପ୍ରଶଂସା ନ କରି ରହିପାରିବେନି । ଆମେରିକାର ଏହି କପଲଙ୍କୁ ଆପଣ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ । କାହିଁକିନା ଦୁହିଁଙ୍କ ବୟସ ଓ ଉଚ୍ଚତା ଭିତରେ ଅନେକ ଫରକ୍ । ଗର୍ଲଫ୍ରେଣ୍ଡର ଉଚ୍ଚତା ୨ ଫୁଟ୍ ୧୦ ଇଞ୍ଚ୍ କିନ୍ତୁ ବୟଫ୍ରେଣ୍ଡର ଉଚ୍ଚତା ୫ ଫୁଟ୍ ୭ଇଞ୍ଚ୍ ।ଦୁହେଁ ଦୁହିଁଙ୍କୁ ଭଲ ପାଆନ୍ତି । ଏମିତି ବି ହୁଏ ପ୍ରେମ । ୩୨ ବର୍ଷର ସେସି କିସି ଉଚ୍ଚତାରେ ଜଣେ ଛୋଟ ଝିଅ । ସେ ଜଣେ ଲୋକପ୍ରିୟ ଷ୍ଟ୍ରିପର । ସେସି ଆଡଲ୍ଟ ଭିଡିଓରେ କାମ କରନ୍ତି । ଏହା ସହ ବାରରେ ଷ୍ଟ୍ରିପର ବା ଡ୍ୟାନ୍ସର ଭାବେ କାମ କରନ୍ତି । ଆଉ ତାଙ୍କ ବୟଫ୍ରେଣ୍ଡର ନାଁ ହେଉଛି ବ୍ଲେକ, ଯାହା ବୟସ ୧୯ । ଦୁହିଁଙ୍କ ଭିତରେ ୧୩ ବର୍ଷର ବ୍ୟବଧାନ ତଥାପି ପ୍ରେମ । ହେଲେ ସେସିଙ୍କ ପ୍ରେମରେ ପାଗଳ ବ୍ଲେକ । ତାଙ୍କ ପାଇଁ ସେସିଙ୍କ ଉଚ୍ଚତା କିମ୍ବା ବୟସ କିଛି ମାନେ ରଖେନି । ଲୋକଙ୍କୁ ବନ୍ଦ୍ କରିପାରିବାନି । ସେସି ଏବଂ ବ୍ଲେକଙ୍କୁ ସୋସିଆଲ୍ ମିଡିଆରେ ଅନେକ ଟ୍ରୋଲ୍ କରନ୍ତି । ଡେଲି ଷ୍ଟାର ରିପୋର୍ଟ ମୁତାବକ ବ୍ଲେକ୍ କୁହନ୍ତି, ଲୋକେ ଏଣୁତେଣୁ ଲେଖି ଟ୍ରୋଲ୍ କରୁଛନ୍ତି । ହେଲେ ଏସବୁ କଥାରେ ଆମକୁ ଆଦୌ ଫରକ ପଡେନି । ବ୍ଲେକ କହନ୍ତି ସେସ୍ ଖୁବ୍ କୋମଳ ହୃଦୟର । ସେ ତାଙ୍କୁ ଖୁବ୍ ଖୁସିରେ ରଖୁଛନ୍ତି । ଏହା ତାଙ୍କ ପାଇଁ ଖୁବ୍ ବଡ଼ କଥା । ଦୁହେଁ ଖୁବ୍ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି । ଇଏ ବି ଏକ ପ୍ରେମ କାହାଣୀ । ଆପଣଙ୍କ ଉପରେ ନିର୍ଭର କରୁଛି ଆପଣ ଏହି କାହାଣୀକୁ କେଉଁ ଦୃଷ୍ଟିରେ ଦେଖିବେ ।

# ମେଥି ଚିକେନ



ଆବଶ୍ୟକ ସାମଗ୍ରୀ: ଧନିଆକୁ ଗୁଣ୍ଡ, ଚିକେନ, ଅଦା ରସୁଣ ପେଷ୍ଟ, କଟା ପିଆଜ, ଶୁଖିଲା ଲଙ୍କା, ମେଥି ପତ୍ର, କଞ୍ଚା ଲଙ୍କା ବଟା, ଲୁଣ, ଲଙ୍କା ପାଉଡର, ଚାଟ ମସଲା, ଗରମ ମସଲା, କ୍ରିମ ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବାପରେ ଧନିଆକୁ ଗୁଣ୍ଡକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ । ପରେ ସେଥିରେ ଅଦା ରସୁଣ ପେଷ୍ଟ, କଟା ପିଆଜ ଓ ଶୁଖିଲା ଲଙ୍କା ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ । ତା' ପରେ ସେଥିରେ ମେଥି ପତ୍ର ଓ କଞ୍ଚା ଲଙ୍କା ବଟା, ସ୍ୱାଦ ଅନୁସାରେ ଲୁଣ, ଲଙ୍କା ପାଉଡର, ଚାଟ ମସଲା ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ । ଏହା ପରେ ସେଥିରେ ଚିକେନକୁ ପକାଇ ଗୋଳାଇ ଦିଅନ୍ତୁ । ତା' ପରେ ସେଥିରେ କ୍ରିମ ପକାଇ ଦେଇ ଗୋଳାଇ ଦେଇ ଚିକେନକୁ ଅଧ ଘଣ୍ଟା ପାଇଁ ସିଝିବାକୁ ଛାଡି ଦିଅନ୍ତୁ । ଅଧ ଘଣ୍ଟାଏ ପରେ ଗ୍ୟାସ ଆଞ୍ଚକୁ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମେଥି ଚିକେନ ।

# ଗ୍ୟାସ ସମସ୍ୟାରୁ ମୁକ୍ତି ପାଇଁ ଆପଣାନ୍ତୁ ୬ଟି ଘରୋଇ ଉପଚାର



ପେଟରେ ଗ୍ୟାସ୍ ସମସ୍ୟା ପ୍ରାୟ ଅଧିକାଂଶ ଲୋକଙ୍କ ମଧ୍ୟରେ ଦେଖିବାକୁ ମିଳୁଛି । ପେଟରେ ଗ୍ୟାସ ଅନେକ ଅଙ୍ଗକୁ ପ୍ରଭାବିତ କରିଥାଏ । ଆଜିର ଦୁନିଆରେ ଲୋକେ ନିୟମିତ ଯେଉଁ ଖାଦ୍ୟ ଖାଉଛନ୍ତି ସେଥିରେ ଟ୍ରାନ୍ସ ଫ୍ୟାଟ୍, ଶର୍କରା ଏବଂ ତେଲ ରହିଥାଏ ଯେଉଁଥିପାଇଁ ପେଟରେ ସମସ୍ୟା ଦେଖାଦେଇଥାଏ । ପାକସ୍ଥଳୀକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ରୋଗ କେବଳ ବୟସ୍କମାନଙ୍କଠାରେ ନୁହେଁ ବରଂ ଶିଶୁ, କିଶୋର ଏବଂ ବୃଦ୍ଧମାନଙ୍କଠାରେ ମଧ୍ୟ ଦେଖାଦେଉଛି । ଯଦିଓ ଗ୍ୟାଷ୍ଟ୍ରିକ୍ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ଉପାୟ ଅଛି, କିନ୍ତୁ ଆପଣ ସେଗୁଡ଼ିକ ବିଷୟରେ ସଚେତନ ହେବା ଉଚିତ୍ । କାରଣ ଆପଣ ଗ୍ୟାଷ୍ଟ୍ରିକ୍ ସମସ୍ୟାର ସମାଧାନ ନ ପାଇବା ପର୍ଯ୍ୟନ୍ତ ଏଥିରୁ ମୁକ୍ତି ପାଇବା ସହଜ ନୁହେଁ । ପେଟ ସମସ୍ୟାକୁ ଅଣଦେଖା କରିବା ହଜମ ପ୍ରକ୍ରିୟା ଉପରେ ଖରାପ ପ୍ରଭାବ ପକାଇଥାଏ । ଏହାଦ୍ୱାରା ବଦହଜମି ସହ ଅମ୍ଳ ସମସ୍ୟା ମଧ୍ୟ ହୋଇଥାଏ । କିଛି ଉପଚାର ଦ୍ୱାରା ଆପଣ ଗ୍ୟାସ ସମସ୍ୟାରୁ ମୁକ୍ତି ପାଇପାରିବେ । ଏହା ସରଳ ଏବଂ ଆରାମଦାୟକ । ପାନମଧୁରୀ – ପେଟ ଜନିତ ସମସ୍ୟା ପାଇଁ ପାନମଧୁରୀ ଏକ ଆୟୁର୍ବେଦିକ ପ୍ରତିକାର । ହଜମ ବୃଦ୍ଧି ପାଇଁ ନିୟମିତ ଭୋଜନ ପରେ ପାନମଧୁରୀ ଖିଆଯାଇଥାଏ । ଏହା ଖାଦ୍ୟ କଣିକାର ଅନିୟନ୍ତ୍ରିତ ପ୍ରକ୍ରିୟାକରଣକୁ ସକ୍ଷମ କରିଥାଏ ଏବଂ ବଦହଜମି ଏବଂ କୋଷ୍ଠକାଠିନ୍ୟର ଲକ୍ଷଣକୁ ହ୍ରାସ କରିଥାଏ । ବ୍ୟାୟାମ – ଶାରୀରିକ କାର୍ଯ୍ୟକଳାପର ଅଭାବ ହଜମ ପ୍ରକ୍ରିୟାର ଏକ ମୁଖ୍ୟ କାରଣ । ଯଦି ଆପଣ ଘର ଭିତରେ ଅଛନ୍ତି କିମ୍ବା ବ୍ୟାୟାମ କରିବାକୁ ବାହାରକୁ ଯାଉଛନି ଯଦି ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତୁ ଏବଂ ଦୈନନ୍ଦିନ ଶାରୀରିକ କାର୍ଯ୍ୟକଳାପ ପାଇଁ ସମୟ ଦିଅନ୍ତୁ । ଅନେକ ଇନଡୋର ବ୍ୟାୟାମ ବିକଳ୍ପ ମଧ୍ୟ ଅଛି । ବ୍ୟାୟାମ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରିତ ହେବ । ନିୟମିତ ବ୍ୟାୟାମ ଦ୍ୱାରା କୋଷ୍ଠକାଠିନ୍ୟ, ଏସିଡ୍ ରିଫ୍ଲକ୍ସ, ପେଟଫୁଲା ଲକ୍ଷଣ ମଧ୍ୟ କମିଯାଏ । ଯୋଗ – ଯୋଗ ଅଭ୍ୟାସ ଉଭୟ ଶରୀର ଏବଂ ମନର ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରିଥାଏ । ଏହା ଅବସାଦ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ଏହା ସହିତ, ହରମୋନକୁ ନିୟନ୍ତ୍ରଣକୁ ଆଣିବା, ହଜମ କରିବାରେ ସାହାଯ୍ୟ କରିବା ଏବଂ ଆରାମ ପ୍ରଦାନ କରିବାରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ । ହେଲଦି ସ୍ନାକ୍ସ – ଚଳଚ୍ଚିତ୍ର ଦେଖିବା କିମ୍ବା ଘରୁ କାମ କରିବାବେଳେ ଅଧିକାଂଶ ଲୋକ ତେଲିଆ ଏବଂ ଜଙ୍କ ଫୁଡ ଖାଇବାକୁ ପସନ୍ଦ କରନ୍ତି । ଏହା ଆପଣଙ୍କ ପେଟ ପାଇଁ ସମସ୍ୟା ସୃଷ୍ଟି କରିପାରେ । ଆପଣ ଏଥିପାଇଁ ସ୍ୱାସ୍ଥ୍ୟକର ସ୍ନାକ୍ସ ଖାଇପାରିବେ । ଫଳ, ସାଲାଡ, ସ୍ପ୍ରାଉଟ୍, ବାଦାମ ଇତ୍ୟାଦି ସୁସ୍ଥ ବିକଳ୍ପ ବାଛନ୍ତୁ । ଫାଇବର – ଫାଇବର ସମୃଦ୍ଧ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଭଲ । ପେଟ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ପାଇବା ସହିତ ଗ୍ୟାଷ୍ଟ୍ରିକ ସମସ୍ୟାରୁ ମୁକ୍ତି ପାଇଁ ଫାଇବର ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥାଏ । ଏହାକୁ ନିଜର ଦୈନନ୍ଦିନ ଖାଦ୍ୟରେ ଫାଇବର ଅନ୍ତର୍ଭୁକ୍ତ କରି ପେଟ ସମସ୍ୟା ଦୂର ହୋଇପାରିବ । ବ୍ରୋକୋଲି, ଫୁଲକୋବି, ଗାଜର, ଡାଲି, ମଟର, ପାଳଙ୍ଗ ସେବନ କରନ୍ତୁ । ପାଣି – କୌଣସି ସମସ୍ୟା ବିନା ପାଚନ ଇଞ୍ଜିନକୁ ସୁସ୍ଥ ରଖିବାକୁ ପର୍ଯ୍ୟାପ୍ତ ପରିମାଣର ପାଣି ପିଅନ୍ତୁ । ନଡ଼ିଆ, ଲେମ୍ବୁ, ସର୍ବନିମ୍ନ ଚିନି ସହିତ ତାଜା ରସ (କିମ୍ବା ଚିନି ବିନା ସର୍ବୋତ୍ତମ) ପିଏପରିବେ । ଗ୍ୟାସଯୁକ୍ତ ପାନୀୟରୁ ଦୁରେଇ ରୁହନ୍ତୁ । ଏହା ଆପଣଙ୍କୁ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ ।

# ଘରେ ପ୍ରସ୍ତୁତ କରନ୍ତୁ ଇମ୍ୟୁନିଟି ବୁଷ୍ଟର ଜୁସ୍

ଆଜିର ସମୟରେ ସଂକ୍ରମଣ ରୋଗରୁ ରକ୍ଷା ପାଇବା ପାଇଁ ଲୋକେ ନିଜର ରୋଗ ପ୍ରତିରୋଧକ ଶକ୍ତି ବଢାଉଛନ୍ତି । ରୋଗ ପ୍ରତିରୋଧକ ଶକ୍ତି ମଜବୁତ କରିବାକୁ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅତ୍ୟନ୍ତ ଜରୁରୀ । ଏହା ସହିତ ଶରୀରରେ ଭିଟାମିନ୍-ସି ର ଉପସ୍ଥିତି ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଲୋକେ କାଢ଼ା ପିଉଛନ୍ତି । କାଢ଼ା ପିଇବା ସ୍ୱାସ୍ଥ୍ୟ ପାଇଁ ଭଲ, କିନ୍ତୁ ଅଧିକ ମାତ୍ରାରେ କାଢ଼ା ସେବନ ଦ୍ୱାରା ଶରୀରର କ୍ଷତି ହୋଇପାରେ । ଏପରି ପରିସ୍ଥିତିରେ କାଢ଼ା ସହିତ ଆପଣ କିଛି ବିଶେଷ ଇମ୍ୟୁନିଟି ବୁଷ୍ଟର୍ ମଧ୍ୟ ସେବନ କରିପାରିବେ । ଏହି ପାନୀୟ ଶରୀରକୁ ଥଣ୍ଡା ରଖିବା ସହ ରୋଗରୁ ମଧ୍ୟ ଦୂରେଇ ରଖିବ । ପୋଦିନା ଲସି – ପୋଦିନାରେ ଭରପୁର ମାତ୍ରାରେ ଆଣ୍ଟି-ଅକ୍ସିଡାଣ୍ଟ, ମିନେରାଲ୍ସ ଏବଂ ଭିଟାମିନ୍ – ଏ, ସି ଏବଂ ଇ ରହିଛି । ଏହି ସମସ୍ତ ଉପାଦାନ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଗଲେ ଗ୍ରୀଷ୍ମ ଋତୁରେ ପୋଦିନା ଶରୀରକୁ ଥଣ୍ଡା ରଖିଥାଏ ଏବଂ ପେଟ ଜନିତ ସମସ୍ୟା ମଧ୍ୟ ଦୂର କରିଥାଏ । ଅପରପକ୍ଷରେ ଦହିରେ ପ୍ରି-ବାୟୋଟିକ୍ସ ରହିଛି ଯାହା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ । ପୋଦିନା ଲସି ତିଆରି କରିବା ପାଇଁ କଦଳୀ ଏବଂ ସତେଜ ପୋଦିନା ଆବଶ୍ୟକ । ଗ୍ରାଇଣ୍ଡରରେ ଦହି, ପୋଦିନା, ଚିନି ପକାଇ ଗ୍ରାଇଣ୍ଡ କରିଦିଅନ୍ତୁ । ବର୍ତ୍ତମାନ ଏଥିରେ କିଛି ବରଫ ମିଶାନ୍ତୁ ଥଣ୍ଡା ଥଣ୍ଡା ସେବନ କରନ୍ତୁ । ଏହା ପେଟ ସମସ୍ୟା ଦୂର କରିବା ସହ ଅନେକ ରୋଗରୁ ମଧ୍ୟ ରକ୍ଷା କରିବ । ଚିନି ବଦଳରେ ଆପଣ ଲୁଣ ଓ ଜିରା ଗୁଣ୍ଡ ପକାଇ ମଧ୍ୟ ତିଆରି କରିପାରିବେ । ପଇଡ – ନଡ଼ିଆ ପାଣି ବା ପଇଡ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ । ପଇଡରେ ଅନେକ ପୋଷକ ତତ୍ତ୍ୱ ରହିଛି । ପଇଡର କ୍ୟାଲୋରୀ ମାତ୍ରା ବହୁତ କମ୍ । ଏହା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖେ । ଓଜନକୁ ନିୟନ୍ତ୍ରଣରେ ରଖିବାରେ ମଧ୍ୟ ଏହା ସହାୟକ ହୋଇଥାଏ । ଏଥିରେ ପୋଟାସିୟମ୍, ଭିଟାମିନ୍ ସି ଏବଂ ମ୍ୟାଗ୍ନେସିୟମ୍ ରହିଛି । ଭିଟାମିନ୍ ସି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ଏବଂ ଶରୀରକୁ ଅନେକ ପ୍ରକାରର ରୋଗରୁ ରକ୍ଷା କରିଥାଏ । ତରଭୁଜ ଓ ଡ୍ରାଏ ଫ୍ରୁଟସ ଜୁସ୍ – ଗ୍ରୀଷ୍ମ ଋତୁରେ ତରଭୁଜ ଖାଇବା ଦ୍ୱାରା ଶରୀରରେ ଜଳର ଅଭାବ ପୂରଣ ହୁଏ । ଏହା ଶରୀରକୁ ଥଣ୍ଡା ମଧ୍ୟ ରଖେ । ଡ୍ରାଏ ଫ୍ରୁଟସ ମଧ୍ୟ ଶରୀରକୁ ସୁସ୍ଥ ରଖେ । ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ତରଭୁଜ ଏବଂ ଡ୍ରାଏ ଫ୍ରୁଟସ ଜୁସ ମଧ୍ୟ ସେବନ କରିପାରିବେ । ଏହାକୁ ପ୍ରସ୍ତୁତ କରିବା ପାଇଁ ତରଭୁଜ ରସ, ବାଦାମ, ଖଜୁରୀ, ପେସ୍ତା, କାଜୁ ଏବଂ ତାଜା ପୋଦିନା ଆବଶ୍ୟକ ।

# ଆଜିର ରାଶିଫଳ

**ମେଷ** – ଦିନଟି ପ୍ରସନ୍ନତା ଭିତରେ କଟିବ । ସାଂସାରିକ ସମ୍ପର୍କରେ ଉତ୍ତମ ବୁଝାମଣା ରହିବ । ରାଜନୀତିରେ ପ୍ରସିଦ୍ଧି ପାଇବେ । ପରିବହନ, ଶିଳ୍ପ ଓ ବାଣିଜ୍ୟରେ ଲାଭ ପାଇବେ ।

**ବୃଷ** – ଆର୍ଥିକ ଚିନ୍ତା ଲାଗିରହିବ । ଚାକିରିରେ କାର୍ଯ୍ୟଲାଭ ରହିବ । ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ । ବ୍ୟବସାୟ ଓ ବାଣିଜ୍ୟରେ ଶିଥିଳତା ରହିବ ।

**ମିଥୁନ** – ଶରୀର ପ୍ରତି ଯତ୍ନବାନ୍ ହେବେ । ପୈତୃକ ସମ୍ପତ୍ତିପାଇଁ ଭ୍ରାତୃବିବାଦ ଲାଗିରହିବ । ବ୍ୟବସାୟରେ ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ଶାରୀରିକ ପୀଡ଼ା ଅନୁଭବ ହେବ ।

**କର୍କଟ** – ବ୍ୟବସାୟରେ ଆପଣ ଉନ୍ନତି କରିବେ । ପୁରାତନ ବିବାଦର ସମାଧାନ ହେବ । ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳତାର ସହ ସମ୍ପାଦନ ହୋଇପାରେ । ଶାରୀରିକ ପୀଡ଼ା ପାଇବେ ।

**ସିଂହ** – ଆଜି ଦୂରଯାତ୍ରା ହେବା ସମ୍ଭାବନା ରହିଛି । ବ୍ୟବସାୟରେ ଅଳ୍ପ ଲାଭ ହେବ । ଭୂସମ୍ପତ୍ତି ପାଇ ଖୁସି ହେବେ । ପରିବାରରେ ଶାନ୍ତି ଦେଖାଦେବ । ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବ ।

**କନ୍ୟା** – ବ୍ୟବସାୟରେ ଗଣ୍ଡଗୋଳ ଲାଗିରହିପାରେ । ଶତ୍ରୁମାନେ ଆପଣଙ୍କୁ ହଇରାଣ କରିପାରନ୍ତି, ସେଥିପାଇଁ ସତର୍କତା ଅବଲମ୍ବନ କରନ୍ତୁ । ଚାପରେ ରହିବେ ।

**ତୁଳା** – ସାମାନ୍ୟ ଶାରୀରିକ କ୍ଲେଶ ଭୋଗିବେ । ପରିବାରରେ ଅଶାନ୍ତି ଲାଗିରହିବ । ଆୟଠାରୁ ବ୍ୟୟ ଅଧିକ ହେବ । କର୍ମକ୍ଷେତ୍ରରେ ସମ୍ମାନିତ ହେବେ ।

**ବିଛା** – ବୃଥାକାର୍ଯ୍ୟରେ ମନୋନିବେଶ କରି ହଇରାଣରେ ପଡ଼ିବେ । ସନ୍ତାନସନ୍ତତିଙ୍କ ଚିନ୍ତା ଘାରି ଗୃହରେ ଆକସ୍ମିକ କଳହ ଲାଗିପାରେ । ହଠାତ୍ ଗୁରୁତପୂର୍ଣ୍ଣ ନିଷ୍ପତ୍ତି ନେବା ଉଚିତ୍ ନୁହେଁ ।

**ଧନୁ** – ଆପଣଙ୍କର ବହୁ ପୁରୁଣା ବିବାଦର ସମାଧାନ ହେବ । କୌଣସି ଖୁସି ଖବର ପାଇ ଆନନ୍ଦିତ ରହିବେ । ଶରୀର ସୁସ୍ଥ ରହିବ । ବ୍ୟବସାୟରେ ଲାଭବାନ୍ ହେବେ । ଦୂରଯାତ୍ରା ଯୋଗ ରହିଛି ।

**ମକର** – ବ୍ୟବସାୟରେ ଉନ୍ନତି ଆସିବ । ଆର୍ଥିକ ଅବସ୍ଥା ସଚ୍ଛଳ ରହିପାରେ । ପାରିବାରିକ ଶାନ୍ତି ମିଳିବ । ମାଲିମୋକଦ୍ଦମାରେ ବିଜୟୀ ହେବେ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ ।

**କୁମ୍ଭ** – ଆଚରଣ କରିବେ । ଶାରୀରିକ କଷ୍ଟ ପାଇବେ । ପିତୃ ସମ୍ପତ୍ତି ପାଇଁ ଭ୍ରାତୃବିବାଦ ହେବ । ମହିଳା ଓ ବିଦ୍ୟାର୍ଥୀମାନେ ଶିବ ଉପାସନା କରନ୍ତୁ, ସଫଳ ହେବେ । ପାରବାରିକ ସମ୍ପର୍କ ଅତୁଟ ରହିବ ।

**ମୀନ** – କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ବିଦ୍ୟାର୍ଥୀମାନେ ଅମନଯୋଗୀ ହେବେ । ବ୍ୟବସାୟରେ ଆୟ ଭଲ ରହିବ । ପରିବାରରେ ଅଶାନ୍ତି ଲାଗି ରହିବ । ପଡ଼ୋଶୀମାନେ କଳହ କରିବସିବେ ।

# ରୋଗ ପ୍ରତିରୋଧକ ଶକ୍ତିରେ ଭରପୁର ତୁଳସୀ



ମହାମାରୀ କରୋନା ସଂକ୍ରମଣ କମିବାର ନାଁ ନେଉନାହିଁ । ଏବେ ବର୍ଷା ଋତୁ ମଧ୍ୟ ଆସି ସାରିଛି ଯାହାକି ଥଣ୍ଡା ଜ୍ୱର ଭଳି ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖାଦିଏ । ତେବେ ଏଭଳି ପରିସ୍ଥିତିରେ ଚିନ୍ତିତ ହେବା ସ୍ୱାଭାବିକ । ଏହି ସମସ୍ୟାଗୁଡ଼ିକର ସମାଧାନ ସ୍ୱରୂପ ହେଉଛି ତୁଳସୀ ପତ୍ର । ତୁଳସୀ ଏପରି ଏକ ଗଛ ଯେଉଁଥିରେ ଔଷଧୀୟ ଗୁଣ ଭରପୁର ରହିଛି । ହଜମ ଠାରୁ ଆରମ୍ଭ କରି ଚର୍ମ ରୋଗ ପର୍ଯ୍ୟନ୍ତ, ବହୁ ସମସ୍ୟାର ସମାଧାନ କରିଥାଏ । ତୁଳସୀରେ ଭିଟାମିନ୍- ଏ, ସି, କ୍ୟାଲସିୟମ୍, ଆଇରନ୍, କ୍ଲୋରୋଫିଲ୍ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ରହିଥାଏ । ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଠାରୁ ଆରମ୍ଭ କରି କର୍କଟ ରୋଗକୁ ରୋକିବାରେ ମଧ୍ୟ ସାହାଯ୍ୟ କରିଥାଏ । ତେବେ ତୁଳସୀ ବ୍ୟବହାର କରିବାର ବିଭିନ୍ନ ପ୍ରକାରର ଟିପ୍ସ ରହିଛି । ତୁଳସୀକୁ ଚଟଣୀ କରି ବ୍ୟବହାର କରିପାରିବେ । ଏହା ସହ ତୁଳସୀ ପତ୍ରକୁ ପାଣିରେ ପକାଇ ସିଝାଇ ପିଇ ପାରିବେ । ବର୍ଷାଦିନେ ତୁଳସୀ ସେବନର ଉପକାରିତା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ- ତୁଳସୀରେ ଅନେକ ଆଣ୍ଟିଅକ୍ସିଡାଣ୍ଟ ଏବଂ ମାଇକ୍ରୋନ୍ୟୁଟ୍ରିଏଣ୍ଟ ରହିଥାଏ, ଯାହା ସାଧାରଣତଃ ବର୍ଷା ଋତୁରେ ଥଣ୍ଡା, କାଶ, ଜ୍ୱର ଆଦିରୁ ରକ୍ଷା କରିଥାଏ । ତୁଳସୀ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ । ଏହାର ପତ୍ରକୁ ପ୍ରତିଦିନ ଚୋବାଇବା ଦ୍ୱାରା ଗଳା ଯନ୍ତ୍ରଣା ଦୂର ହୋଇଥାଏ । କ୍ଷତ, ଦାଗ ଚିହ୍ନରୁ ମୁକ୍ତି ଦେଇଥାଏ ବର୍ଷା ଦିନେ ବେଳେବେଳେ ମଶା କିମ୍ବା ଅନ୍ୟାନ୍ୟ ପୋକ କାମୁଡିବା ଦ୍ୱାରା ଶରୀରରେ ଘା ' ସୃଷ୍ଟି ହୋଇଥାଏ । ଯାହା ସଂକ୍ରମଣ କିମ୍ବା ଚର୍ମ ରୋଗର କାରଣ ହୋଇପାରେ । ଏହି କ୍ଷତ ଗୁଡ଼ିକୁ ଭଲ କରିବା ପାଇଁ ତୁଳସୀ ବ୍ୟବହାର କରିବା ଉଚିତ୍ । ତେବେ ସେହି ସ୍ଥାନଗୁଡିକରେ ତୁଳସୀକୁ ବାଟି ଲଗାନ୍ତୁ । ଏହା କଲେ କ୍ଷତ ଜଳାପୋଡା ଏବଂ ଫୁଲିବାରୁ ମୁକ୍ତି ମିଳିବ ସଂକ୍ରମଣ ଦୂର କରିଥାଏ ବହୁ ଆଗରୁ ତୁଳସୀ ପତ୍ରରେ ଆର୍ୟୁବେଦର ଗୁଣ ରହିଛି । ସଂକ୍ରମଣ ହୋଇଥିବା ସ୍ଥାନକୁ ଭଲ କରିବା ପାଇଁ ତୁଳସୀକୁ ବ୍ୟବହାର କରାଯାଏ । ତୁଳସୀରେ ଆଣ୍ଟି ଫଙ୍ଗାଲ୍, ଆଣ୍ଟି ଭାଇରାଲ୍ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ରହିଛି । ଯାହାକି ବିଭିନ୍ନ ରୋଗକୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ । ଏଥିସହ, ତୁଳସୀରେ ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ମଧ୍ୟ ଥାଏ । ରକ୍ତକୁ ସଫା ରଖେ ବର୍ଷା ଋତୁରେ ଚର୍ମ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଦିଏ । ଏପରି ପରିସ୍ଥିତିରେ ତୁଳସୀ ବ୍ୟବହାର କରିବା ଦ୍ୱାରା ଶରୀରରେ ଥିବା ରକ୍ତ କଣିକା ସଫା ହୋଇଥାଏ । ଯେଉଁଥି ପାଇଁ ତ୍ୱଚା ମଧ୍ୟ ଚମକ ଓ ଉଜ୍ଜ୍ୱଳ ହୋଇଥାଏ । ଏହା ସହିତ ଚର୍ମ ସମ୍ବନ୍ଧୀୟ ସମସ୍ୟାକୁ ମଧ୍ୟ ଦୂର କରିଥାଏ । ଶରୀରକୁ ପ୍ରାକୃତିକ ଭାବେ ଡିଟକ୍ସ କରିବା ପାଇଁ ତୁଳସୀ ଖାଇବା ହେଉଛି ସବୁଠାରୁ ସହଜ ଉପାୟ । ଏଥିପାଇଁ ପ୍ରତିଦିନ ସକାଳେ ୫ଟି ତୁଳସୀ ପତ୍ରକୁ ପାଣିରେ ଫୁଟାଇ ପିଅନ୍ତୁ । ଶ୍ୱାସକ୍ରିୟା ସହଜ କରେ ମହାମାରୀ କରୋନା ସମୟରେ ତୁଳସୀ ଖାଇବା ଲାଭଦୟକ ହୋଇଥାଏ । ବର୍ଷା ଋତୁରେ ଥଣ୍ଡା ହେବାଟା ସାଧାରଣ କଥା । କିନ୍ତୁ କରୋନା ହେତୁ ଏହା ଚିନ୍ତାର ବିଷୟ ପାଲଟିଛି । ତେଣୁ ତୁଳସୀ ପତ୍ରକୁ ପାଣିରେ ପକାଇ ତାହାର ବାଷ୍ପକୁ ନିଅନ୍ତୁ । ଏହା କରିବା ଫୁସଫୁସ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ ଏବଂ ଏହା ଶ୍ୱାସକ୍ରିୟାକୁ ମଧ୍ୟ ସହଜ କରିଥାଏ ।

# ଡ୍ୟାମ୍ ଭିତରୁ ବାହାରିଲା ଭୂତ ଗାଁ



ଡ୍ୟାମ୍ ଭିତରୁ ବାହାରିଲା ଭୂତ ଗାଁ । ପାଣି ତଳେ ଲୁଚି ରହିଥିବା ଏହି ଗାଁ ୩୦ ବର୍ଷ ପରେ ସାମ୍ନାକୁ ଆସିଛି । କେଉଁଠି ବଡ ବଡ କୋଠା ତ ଆଉ କେଉଁଠି ଭଗ୍ନାବେଶଷ ଘର । ସେହିପରି ଆଉ କେଉଁଠି କଳଙ୍କି ଲାଗିଯାଇଥିବା କାର୍ । ସବୁ କିଛି ଏହି ଗାଁରେ ରହିଛି । କେବଳ ସେତିକି ନୁହେଁ ଏହି ଗାଁକୁ ଥିବା ରାସ୍ତାଗୁଡିକ ମଧ୍ୟ ସ୍ପଷ୍ଟ ଭାବେ ଦେଖି ହେଉଛି । ସ୍ପେନ୍‌ରୁ ଆସିଛି କିଛି ଏଭଳି ଚିତ୍ର । ଡ୍ୟାମ୍ ଶୁଖିଯିବା ପରେ ଏହି ଗାଁଟି ଉପରକୁ ଉଠିଛି । ଯାହାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସମୁଦ୍ର କିମ୍ବା ବନ୍ୟା ହେତୁ ବିଶ୍ୱର ଅନେକ ସହର ଏବଂ ଗାଁ ନଦୀ ଭିତରେ ଲୀନ ହୋଇଯାଇଛି । ଆମେ ପ୍ରାୟତଃ ଇତିହାସରେ ସେମାନଙ୍କ ବିଷୟରେ ସୂଚନା ପାଇଥାଉ । ବହୁ ବର୍ଷ ପୂର୍ବେ ସ୍ପେନରେ ମଧ୍ୟ ସମାନ ଘଟଣା ଘଟିଥିଲା ।। ପ୍ରାୟ ୩୦ ବର୍ଷ ପୂର୍ବେ ଏକ ଗାଁ ଡ୍ୟାମ୍ ଭିତରେ ଲୀନ ହୋଇଯାଇଥିଲା । ବର୍ତ୍ତମାନ ଜଳଭଣ୍ଡାରର ଜଳ ଶୁଖିଯିବା ପରେ ଏବେ ଏହା ବାହାରକୁ ବାହାରିଛି । ଲୋକମାନେ ଏହାକୁ ଭୂତ ଗାଁ ବୋଲି ମଧ୍ୟ କହୁଛନ୍ତି । ସ୍ପେନ୍ ଏବଂ ପର୍ତ୍ତୁଗାଲ ସୀମାରେ ମରୁଡି ଯୋଗୁଁ ଡ୍ୟାମ୍‌ର ପାଣି ଶୁଖିଯାଇଛି । ପାଣି ଶୁଖିବା ପରେ ବାହାରକୁ ବାହାରିଛି ଏହି ଭୂତ ଗାଁ । ଏହି ଗାଁର ନାଁ ହେଉଛି ଆକ୍ରେଡୋ । ସ୍ପେନର ଉତ୍ତର-ପଶ୍ଚିମ ଗାଲିସିଆ ଅଞ୍ଚଳର ଆକ୍ରେଡୋ ଗ୍ରାମ ୧୯୯୨ ମସିହା ପରେ ପ୍ରଥମ ଥର ପାଇଁ ଲିମିଆ ନଦୀ ତଳୁ ପୁଣିଥରେ ଉତ୍ପନ୍ନ ହୋଇଛି । ଏହି ଗାଁଟି ସେତେବେଳେ ପାଣି ଭିତରେ ବୁଡି ଯାଇଥିଲା ଯେତେବେଳେ ଜଳଭଣ୍ଡାରର ରାସ୍ତା ତିଆରି କରାଯାଇଥିଲା ।କୁହାଯାଏ ଯେ ୧୯୯୨ରେ, ସେତେବେଳେ ଏଠାରୁ ଲୋକଙ୍କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା । ଦିନେ ଡ୍ୟାମରୁ ଜଳ ଛଡା ଯାଇଥିଲା, ଯେଉଁଥିପାଇଁ ଲିମିଆ ନଦୀରେ ବନ୍ୟା ଆସିଥିଲା । ଏହାପରେ ଆକ୍ରେଡୋ ଗାଁ ଏବଂ ଏହାର ଆଖପାଖ ଅଞ୍ଚଳ ପାଣିରେ ବୁଡ଼ି ଯାଇଥିଲା । ଏବେ ୩୦ ବର୍ଷ ପରେ ଡ୍ୟାମ୍ ?ରୁ ପାଣି ଶୁଖିବା ପରେ ଭଗ୍ନାବଶେଷ ଅବସ୍ଥାରେ ଥିବା ଆକ୍ରେଡୋ ଗାଁଟି ପୁଣିଥରେ ଦୃଶ୍ୟମାନ ହୋଇଛି । ସବୁଠାରୁ ମଜା କଥା ହେଲା ଏହି ଗାଁକୁ ସଂଯୋଗ ହୋଇଥିବା ପାଇପ୍‌ରୁ ଏବେ ଝରୁଛି ପାଣି ଝରୁଥିବା ଦେଖିବାକୁ ମିଳିଛି । ଏହି ଗାଁକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଛି । ଏଠାରୁ ପଳାୟନ କରିଥିବା ଗାଁ ଲୋକେ ମଧ୍ୟ ଏହାକୁ ଦେଖିବା ପାଇଁ ପହଞ୍ଚିଛନ୍ତି । ତେବେ ମରୁଡି ପରେ ଆଗାମୀ ସମୟରେ ଆଲଟ୍ଟୋ ଲିଣ୍ଡୋସୋ ଜଳଭଣ୍ଡାରର ଅବସ୍ଥା ଆହୁରି ଖରାପ ହୋଇପାରେ ବୋଲି ଦେଶର ପରିବେଶ ମନ୍ତ୍ରଣାଳୟ ଚେତାବନୀ ଦେଇଛି । ଏଠି ଜଳବାୟୁ ପରିବର୍ତ୍ତନ ହେତୁ ବର୍ଷାର ଅଭାବ ଯୋଗୁଁ ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଛି ।

# ରାତିରେ ଶୋଇବା ପୂର୍ବରୁ ପିଅନ୍ତୁ ଗରମ ପାଣି

ଶୀତଦିନେ ଅଧିକାଂଶ ଲୋକ ସକାଳୁ ଉଠି ଗରମ ପାଣି ପିଅନ୍ତି । ପିଇବା ବ୍ୟତୀତ ଲୋକମାନେ ଗାଧୋଇବା ପାଇଁ ମଧ୍ୟ ଗରମ ପାଣି ବ୍ୟବହାର କରନ୍ତି । ବିଶେଷଜ୍ଞମାନଙ୍କ ଅନୁଯାୟୀ, ଗରମ ପାଣି ଆମ ଶରୀର ପାଇଁ ଅନେକ ଲାଭଦାୟକ ହୋଇଥାଏ । କିନ୍ତୁ ଗରମ ପାଣିର ଏହି ଫାଇଦା କେବଳ ସକାଳେ ନୁହେଁ ରାତିରେ ପିଇବା ଦ୍ୱାରା ବି ମିଳିଥାଏ । ଚାଲନ୍ତୁ ଜାଣିବା ରାତି ସମୟରେ ଗରମ ପାଣି ପିଇବା ଦ୍ୱାରା କଣ ଫାଇଦା ମିଳିଥାଏ । ଗରମ ପାଣି ପିଇବା ଦ୍ୱାରା ପାଚନ ସମସ୍ୟା ଦୂର ହୋଇ ହଜମ ପ୍ରକ୍ରିୟାରେ ଉନ୍ନତି ହୋଇଥାଏ । କାରଣ ଗରମ ପାଣି ଖାଦ୍ୟ ହଜମ କରିବା ପାଇଁ ପେଟରେ ଥିବା ହଜମକାରୀ ରସର ସ୍ରୋତକୁ ବଢାଇଥାଏ । ଫ୍ୟାଟ୍ କମ୍ ହୋଇଥାଏ : ରାତିରେ ଶୋଇବା ସମୟରେ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ଓଜନ ହ୍ରାସ ହୋଇଥାଏ । ଡାକ୍ତରମାନେ ମଧ୍ୟ ରାତିରେ ଗରମ ପାଣି ପିଇବାକୁ ପରାମର୍ଶ ଦିଅନ୍ତି । କୁହାଯାଏ ଗରମ ପାଣି ପିଇବା ଦ୍ୱାରା ଶରୀରର ଅତିରିକ୍ତ ଚର୍ବି କମିଯାଏ । ଭଲ ନିଦ ହୋଇଥାଏ : ବିଶେଷଜ୍ଞଙ୍କ ଅନୁଯାୟୀ, ରାତିରେ ଗରମ ପାଣି ପିଇବା ଦ୍ୱାରା ମାନସିକ ଚାପ ମଧ୍ୟ କମିଥାଏ ।

## ଫିଲ୍ମ ଟକ୍

# ମନି ଲଣ୍ଡରିଂ ମାମଲାରେ ଫସିଲେ କ୍ରିତି ବର୍ମା



ମନି ଲଣ୍ଡରିଂ ମାମଲାରେ ପୁଣି ଆଉ ଜଣେ ଅଭିନେତ୍ରୀଙ୍କ ନାଁ । ବିଗ୍ ବସ୍-୧୨' ଏବଂ 'ରୋଡିଜ୍' ଭଳି ଟିଭି ଶୋ'ରେ ଅଂଶ ଗ୍ରହଣ କରିଥିବା ଅଭିନେତ୍ରୀ କ୍ରିତି ବର୍ମାଙ୍କ ନାଁରେ ଠକେଇ ଅଭିଯୋଗ । ସେ ବେଆଇନ୍ ଭାବେ ଟଙ୍କା ସଂଗ୍ରହ କରିବା ସହ ଆୟକର ବିଭାଗରୁ ଟ୍ୟାକ୍ସ ରିଫଣ୍ଡ୍ ଜାରି କରିବା ନାଁରେ ଠକେଇ କରିଥିବା ଲୋକଙ୍କ ସହ ତାଙ୍କର ରହିଛି ସଂପର୍କ । ଏହି କାରଣରୁ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ କ୍ରିତିକୁ ପ୍ରଶ୍ନ କରିଛି । ଅଭିନେତ୍ରୀ କ୍ରିତି ବର୍ମାଙ୍କ ଉପରେ ୨୬୩କୋଟି ଟଙ୍କା ସ୍କାମରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅଭିନେତ୍ରୀ ହେବା ପୂର୍ବରୁ କ୍ରିତି ଜଣେ ଇନକମ୍ ଟ୍ୟାକ୍ସ ଅଫିସର ଥିଲେ । ତାଙ୍କ ପଦର ଅପବ୍ୟବହାର କରି ସେ ଅଭିଯୁକ୍ତଙ୍କ ସହ ହାତ ମିଳାଇଥିଲେ । ଚାକିରିର କିଛିଦିନ ପରେ ୨୦୧୮ ରେ 'ରୋଡିଜ୍'ରେ ସିଲେକ୍ଟ ହୋଇଥିଲେ କ୍ରିତି । ଏହାପରେ ସେ ଚାକିରି ଛାଡିଦେଇଥିଲେ । ତାଙ୍କ ଜୀବନରେ ଟର୍ଣ୍ଣିଙ୍ଗ୍ ପଏଣ୍ଟ ସେତେବେଳେ ଆସିଥିଲା ଯେବେ ସେ ବିଗ୍ ବସ୍-୧୨ ସିଜନରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ । କ୍ରିତି ବିଗ୍ ବସ୍ ଟ୍ରଫି ଜିତି ପାରି ନଥିଲେ, କିନ୍ତୁ ତାଙ୍କର ଲୋକପ୍ରିୟତା ବୃଦ୍ଧିପାଇଥିଲା । ଏହା ପରେ ସେ ଅନେକ ୱେବ୍ ସିରିଜ୍ ସହ ଏକ ଡ୍ୟାନ୍ସ ଶୋ' ମଧ୍ୟ ଅଫର୍ ପାଇଥିଲେ । ଏହି ଡ୍ୟାନ୍ସ ଶୋ ସମୟରେ କ୍ରିତି ଭୂଷଣ ପାଟିଲ ନାମକ ଜଣେ ବ୍ୟବସାୟୀଙ୍କୁ ଭେଟିଥିଲେ । କିଛିସମୟ ପରେ ଉଭୟ ରିଲେସନସିପ୍‌ରେ ଆସିଥିଲେ । ଭୂଷଣ ପାଟିଲ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଛି । ଗତ ବର୍ଷ ସିବିଆଇ ଆୟକର ସିନିୟର ଟ୍ୟାକ୍ସ ଆସିଷ୍ଟାଣ୍ଟ ତାନାଜୀ ମଣ୍ଡଳ ଏବଂ ପାନଭେଲ ବ୍ୟବସାୟୀ ଭୂଷଣ ଅନନ୍ତ ପାଟିଲଙ୍କ ବିରୋଧରେ ଟିକେସ ଫେରସ୍ତ ଠକେଇ ମାମଲା ରୁଜୁ କରିଥିଲା । ସିବିଆଇ ଦିଲ୍ଲୀରେ ଏଫ୍ଆଇଆର୍ ପଞ୍ଜୀକରଣ କରିଥିଲା ।

# ପୁଲଓ୍ୱାମା ଆକ୍ରମଣକୁ ୪ ବର୍ଷ
## ସହିଦଙ୍କ ବଳିଦାନକୁ ଭୁଲିହେବ ନାହିଁ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ୨୦୧୯ ମସିହା ଫେବ୍ରୁଆରି ୧୪ ତାରିଖରେ ପୁଲଓ୍ୱାମା ଆକ୍ରମଣରେ ସହିଦ ହୋଇଥିବା ଯବାନମାନଙ୍କୁ ମନେ ପକାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ ତାଙ୍କ ଟ୍ୱିଟର ଆକାଉଣ୍ଟରେ ଏକ ପୋଷ୍ଟ୍ କରି ଲେଖିଛନ୍ତି, ଆଜିର ଦିନରେ ପୁଲଓ୍ୱାମାରେ ନିଜ ଜୀବନ ଦେଇଥିବା ଆମର ସାହସୀ ହିରୋମାନେ ମନେ ପଡୁଛନ୍ତି। ସେମାନଙ୍କ ବଳିଦାନକୁ ଆମେ କେବେ ବି ଭୁଲିପାରିବୁ ନାହିଁ। ସେମାନଙ୍କ ସାହସ ଆମକୁ ଶକ୍ତିଶାଳୀ ଓ ବିକଶିତ ଭାରତ ଗଠନ କରିବାକୁ ପ୍ରେରିତ କରୁଛି। ଉଲ୍ଲେଖଯୋଗ୍ୟ, ୨୦୧୯ ମସିହା ଫେବ୍ରୁଆରି ୧୪ ତାରିଖ ସାରା ଦେଶ ପାଇଁ କଳାଦିନ ପାଲଟି ଯାଇଥିଲା। ଏହି ଦିନ ଜୈସ୍-ଇ-ମହମ୍ମଦର ଆତଙ୍କବାଦୀମାନେ ଜମ୍ମୁ-କଶ୍ମୀରରୁ ଶ୍ରୀନଗରକୁ ଯାଉଥିବା




ସେଣ୍ଟ୍ରାଲ୍ ରିଜର୍ଭ ପୁଲିସ୍ ଫୋର୍ସ ଯବାନଙ୍କ ଗାଡ଼ି ଉପରେ ଆକ୍ରମଣ କରିଥିବା ବେଳେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଭାରତୀୟ ଯବାନ ସହିଦ ହୋଇଥିଲେ। ୭୮ ଗାଡ଼ିରେ ପ୍ରାୟ ୨୫୦୦ରୁ ଅଧିକ ଯବାନ ଯାଉଥିବା ବେଳେ ଆତଙ୍କବାଦୀମାନେ ଆକ୍ରଣମ କରିଥିଲେ। ଅପରାହ୍ନରେ ଗାଡ଼ିଗୁଡ଼ିକ ଜମ୍ମୁ-କଶ୍ମୀରରୁ ବାହାରି ସଂଧ୍ୟା ସୁଦ୍ଧା ଶ୍ରୀନଗରରେ ପହଞ୍ଚିଥାନ୍ତେ। ମାତ୍ର ପୁଲଓ୍ୱାମାରେ ପହଞ୍ଚିବା ବେଳକୁ ଏହି ଆକ୍ରମଣ ଘଟିଥିଲା।

# ବିବିସିର ଦିଲ୍ଲୀ ଓ ମୁମ୍ବାଇ ଅଫିସରେ ଆଇଟି ଚଢ଼ାଉ

ନୂଆଦିଲ୍ଲୀ: ଆୟକର ବିଭାଗର ଅଧିକାରୀମାନଙ୍କ ଦଳ ବିବିସି ଇଣ୍ଡିଆର ଦିଲ୍ଲୀ ଓ ମୁମ୍ବାଇରେ ଥିବା ଅଫିସରେ ସର୍ଭେ ଅପରେସନ ଆରମ୍ଭ କରିଛନ୍ତି। ସୂତ୍ରରୁ ଜାଣିବାକୁ ମିଳିଛି ଯେ ଅଧିକାରୀମାନେ ଚଢ଼ାଉ ସମୟରେ କର୍ମଚାରୀଙ୍କ ମୋବାଇଲ୍କୁ ଜବତ କରିବା ସହ ସେମାନଙ୍କୁ ଘରକୁ ପଠାଇ ଦେଇଛନ୍ତି। ତେବେ ଏହାକୁ ନେଇ କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସ ଟ୍ୱିଟରେ ଏକ ଭିଡିଓ ପୋଷ୍ଟ୍ କରିଛି। ଭିଡିଓରେ ଏଆଇସିସିର ସାଧାରଣ ସଂପାଦକ ଜୟରାମ ରମେଶ କହୁଥିବାର ନଜର ଆସିଛନ୍ତି କି, 'ଆମେ ଏଠାରେ ଆଦାନୀ ମାମଲାରେ ଜେପିସିର ଦାବି କରୁଛି ସେଠାରେ ସରକାର ବିବିସି ପଛରେ ପଡ଼ିଛନ୍ତି। ବିନାଶ କାଳେ ବିପରୀତ ବୁଦ୍ଧି।' ସେହିପରି କଂଗ୍ରେସ ନେତା ଗୌରଭ ଗୋଗୋଇ ଏବଂ ତୃଣ ମୂଳ କଂଗ୍ରେସ ନେତ୍ରୀ ମହୁଆ ମୈତ୍ର ଆୟକର ବିଭାଗର ଏହି ଅପରେସନକୁ ନିନ୍ଦା କରିଛନ୍ତି। ମହୁଆ ମୈତ୍ର ତାଙ୍କ ଟ୍ୱିଟ୍ ପୋଷ୍ଟରେ ଲେଖିଛନ୍ତି, 'ବିବିସି ଦିଲ୍ଲୀ ଅଫିସରେ ଆୟକର ବିଭାଗର ଏହି ରିପୋର୍ଟକୁ ଆଶା କରାଯାଇ ନଥିଲା।'

# ୨୦୨୪ରେ ବି ବିଜେପି ସରକାର: ଶାହ



ନୂଆଦିଲ୍ଲୀ: ୨୦୨୪ରେ ବି ଆସିବ ବିଜେପି ସରକାର। ବିଜେପିର କାହା ସହ ପ୍ରତିଯୋଗୀତା ହେବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ପୁଣି ଥରେ ଭଲ ପ୍ରଦର୍ଶନ କରିବ। ଏକତରଫା ଭାବେ ସଂଖ୍ୟା ଗରିଷ୍ଠତା ହାସଲ କରି ଗଠନ କରିବ ସରକାର। ୨୦୨୪ ନିର୍ବାଚନ ପୂର୍ବରୁ ଏଭଳି କିଛି ଦୃଢ଼ୋକ୍ତି ରଖିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଦେଶର ସାଧାରଣ ଜନତା ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆଗକୁ ବଢୁଛନ୍ତି। କେନ୍ଦ୍ର ସରକାରଙ୍କ ଉଦ୍ୟମ ବଳରେ ତୃଣମୂଳସ୍ତରରେ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆସିଛି। ଉତ୍ତରପୂର୍ବାଞ୍ଚଳ ରାଜ୍ୟକୁ ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱ ଦେଉଛନ୍ତି। ଗତ ୮ ବର୍ଷ ଭିତରେ ମୋଦି ୫୧ ଥର ଉତ୍ତରପୂର୍ବାଞ୍ଚଳ ଗସ୍ତ କରିଛନ୍ତି। ମୋଦି କ୍ଷମତାକୁ ଆସିବା ପରେ ଉତ୍ତରପୂର୍ବାଞ୍ଚଳକୁ ଶାନ୍ତି ଫେରିଛି ବୋଲି କହିଛନ୍ତି ଅମିତ ଶାହ। ଅମିତ ଶାହ ଆହୁରି କହିଛନ୍ତି, ୨୦୦୨ରୁ ମୋଦିଜୀଙ୍କ ବିରୋଧରେ ଷଡଯନ୍ତ୍ର ଚାଲିଛି। ହଜାର ହଜାର ଷଡଯନ୍ତ୍ର ସତ୍ତ୍ୱେ ସତ୍ୟ ପଦାକୁ ଆସୁଛି। କିନ୍ତୁ ପ୍ରତ୍ୟେକ ଥର ମୋଦିଜୀ ଅଧିକ ଶକ୍ତିଶାଳୀ ଏବଂ ଅଧିକ ଲୋକପ୍ରିୟ। ଭାବେ ସାମ୍ନାକୁ ଆସୁଛନ୍ତି। ଆଗାମୀ ନିର୍ବାଚନ ଗୁଡିକରେ ବିଜେପି ଭଲ ପ୍ରଦର୍ଶନ କରିବ। କର୍ଣ୍ଣାଟକ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ବିଜେପି ପ୍ରଭାବୀ ପ୍ରଦର୍ଶନ କରିବ। ତେବେ ବିରୋଧୀ ଆସନରେ କିଏ ବସିବ ତାହା ଜନତା ସ୍ଥିର କରିବେ। ଭାରତ ଏବେ ପ୍ରତିଟି କ୍ଷେତ୍ରରେ ଆଗକୁ ବଢୁଛି। ଦେଶର ବିକାଶ, ଦେଶକୁ ସୁରକ୍ଷିତ ରଖିବା ଓ ଏହାର ଅର୍ଥବ୍ୟବସ୍ଥାକୁ ଦ୍ରୁତ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଦିଗକୁ ପ୍ରାଥମିକତା ଦେଉଛନ୍ତି ମୋଦି ସରକାର। ଦେଶର ୬୦ କୋଟିରୁ ଅଧିକ ଗରିବ ଲୋକଙ୍କ ଆର୍ଥିକ ଅବସ୍ଥା ସୁଧାରିଛୁ। ରେଲଓ୍ୱେ ଠାରୁ ମହାକାଶ ପ୍ରତିଟି କ୍ଷେତ୍ରରେ ଅଗ୍ରଣୀ ସାଜିବାକୁ ପ୍ରୟାସ କରୁଛୁ ବୋଲି ସାହା ଖବର ସରବରାହ ସଂସ୍ଥା ଏଏନ୍ଆଇକୁ ଦେଇଥିବା ସାକ୍ଷାତକାରରେ ଅମିତ ଶାହ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଆଗକୁ ତ୍ରିପୁରା, ମେଘାଳୟ ଓ ନାଗାଲାଣ୍ଡ ନିର୍ବାଚନ ରହିଛି ।

# ଏଚ୍ଏଲ୍ଏଫ୍ଟି-୪୨ ବିମାନରୁ ହନୁମାନଙ୍କ ଚିତ୍ରକୁ ହଟାଇଲା ହାଲ୍

ନୂଆଦିଲ୍ଲୀ: ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ (ହାଲ୍) ମଙ୍ଗଳବାର ବେଙ୍ଗାଲୁରୁରେ ଏରୋ ଇଣ୍ଡିଆ-୨୦୨୩ ଇଭେଣ୍ଟରେ ପ୍ରଦର୍ଶିତ ଏଚ୍ଏଲ୍ଏଫ୍ଟି-୪୨ ବିମାନ ଟେଲ୍ରୁ ପ୍ରଭୁ ହନୁମାନଙ୍କ ଚିତ୍ରକୁ ହଟାଇ ଦେଇଛି। ହାଲ୍ ହିନ୍ଦୁସ୍ତାନ ଲିଡ୍ ଇନ୍ ଫାଇଟର ଟ୍ରେନର(ଏଚ୍ଏଲ୍ଏଫ୍ଟି-୪୨) ଉନ୍ମୋଚନ କରିବାର ଗୋଟାଏ ଦିନ ପରେ ଏପରି ଦେଖିବାକୁ ମିଳିଛି। ଏଚ୍ଏଲ୍ଏଫ୍ଟି-୪୨ ହେଉଛି ପ୍ରଥମ ସ୍ୱଦେଶୀ ବିମାନ ହାଲ୍ ମାରୁତର ଉତ୍ତରାଧିକାରୀ। ମାରୁତ ହେଉଛି ହିନ୍ଦୀରେ ବାୟୁ ବା ପବନର ଅନ୍ୟନାମ। ପବନଙ୍କ ପୁତ୍ର ହନୁମାନ ହୋଇଥିବାରୁ ବିମାନରେ ହନୁମାନଙ୍କ ଚିତ୍ର ରଖାଯାଇଥିଲା। ବିଶ୍ୱାସ ରହିଛି ଯେ ଏଚ୍ଏଲ୍ଏଫ୍ଟି-୪୨ ଅଗାମୀ ସମୟରେ ଆଧୁନିକ ଯୁଦ୍ଧ ବିମାନ ପ୍ରଶିକ୍ଷଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବିମାନଟିକୁ ଆକ୍ଟିଭ୍ ଇଲେକ୍ଟ୍ରୋନିକ୍ ସ୍କାନ୍ ଆରେ , ଇଲେକ୍ଟ୍ରୋନିକ୍ ଓ୍ୱାର୍ଫେୟାର ସୁଟ୍, ଇନଫ୍ରାଡ୍ ସର୍ଚ ଏବଂ ଟ୍ରାକ୍ ସହିତ ଫ୍ଲାଏ ବାଇ ଓ୍ୱାୟାର୍ କଣ୍ଟ୍ରୋଲ୍ ସିଷ୍ଟମ୍ ପରି ଅତ୍ୟାଧୁନିକ ଆଭିଏନିକ୍ସ ସହିତ ତିଆରି କରାଯାଇଛି। ତେବେ ଏହି ପାଞ୍ଚ ଦିନିଆ ପ୍ରଦର୍ଶନୀରେ ୯୮ଟି ଦେଶର ୭୦୦ରୁ ଅଧିକ ପ୍ରତିରକ୍ଷା କମ୍ପାନି ଏବଂ ପ୍ରତିନିଧୀ ଅଂଶଗ୍ରହଣ କରୁଛନ୍ତି ବୋଲି ଅଧିକାରୀମାନେ ପିଟିଆଇକୁ ସୂଚନା ଦେଇଛନ୍ତି।

# ଭାରତୀୟ ଗଣତନ୍ତ୍ର ପାଇଁ ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ଲଢ଼ିବି : ସଂଜୟ ରାଉତ

ମୁମ୍ବାଇ:ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସିର ଦିଲ୍ଲୀ ଓ ମୁମ୍ବାଇ କାର୍ଯ୍ୟାଳୟ ଉପରେ ଆୟକର ବିଭାଗର ଚଢଉକୁ ଚର୍ଚ୍ଚା ଜାରି ରହିଛି । ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିଛନ୍ତି । ଶିବସେନା ନେତା ସଞ୍ଜୟ ରାଉତ ଏହି ପୂରା ଘଟଣାକୁ ନେଇ କେନ୍ଦ୍ରର ବିଜେପି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାଉତ କହିଛନ୍ତି ଯେ ଭାରତ ଦ୍ରୁତ ଗତିରେ ନିଜର ଗଣତାନ୍ତ୍ରିକ ଭାବମୂର୍ତ୍ତି ହରାଉଛି। ଭାରତର ଗଣତନ୍ତ୍ର ଉପରେ ଆକ୍ରମଣ ଚାଲିଛି । ସଞ୍ଜୟ ରାଉତ ବିବିସି କାର୍ଯ୍ୟାଳୟରେ ଆୟକର ବିଭାଗର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏକ ଟୁଇଟ୍ କରି କହିଛନ୍ତି, ବିବିସି କାର୍ଯ୍ୟାଳୟରେ ଚଢ଼ାଉର ସମୟକୁ ଅନୁଧ୍ୟାନ କରାଯିବା ଉଚିତ। ଭାରତ ଦ୍ରୁତ ଗତିରେ ନିଜର ଗଣତାନ୍ତ୍ରିକ ଭାବମୂର୍ତ୍ତି ହରାଇବାରେ ଲାଗିଛି। ଭାରତର ଗଣତନ୍ତ୍ର ପ୍ରତି ବିପଦ ରହିଛି । ନ୍ୟାୟପାଳିକା ଓ ସାମ୍ବାଦିକତା ହେଉଛି ଶେଷ ବଞ୍ଚିରହିଥିବା ଗଡ଼ । ଆମେ ଭାରତୀୟ ଗଣତନ୍ତ୍ରର ସୁରକ୍ଷା ପାଇଁ ରକ୍ତର ଶେଷ ବୁନ୍ଦା ପର୍ଯ୍ୟନ୍ତ ଲଢ଼ିବୁ। ଜୟ ହିନ୍ଦ!" ଆୟକର ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିବିସି ଉପରେ ଅନ୍ତର୍ଜାତୀୟ ଟିକସ ଠକେଇ ଅଭିଯୋଗ ରହିଛି ।

# ହିନ୍ଦୁ ଝିଅ ପାକିସ୍ତାନରେ ସୃଷ୍ଟି କଲେ ଇତିହାସ

ଇସଲାମାବାଦ: ପାକିସ୍ତାନର ଜଣେ ହିନ୍ଦୁ ମହିଳା ଇତିହାସ ସୃଷ୍ଟି କରିଛନ୍ତି। ସାନା ରାମଚାନ୍ଦ ଗୁଲଓ୍ୱାନି ପାକିସ୍ତାନର ପ୍ରଥମ ମହିଳା ସରକାରୀ କର୍ମଚାରୀ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ପାକିସ୍ତାନର ପ୍ରଥମ ପାକ୍ ହିନ୍ଦୁ ମହିଳା ସିଭିଲ୍ ସେବକ ଡକ୍ଟର ସାନା ବର୍ତ୍ତମାନ ପଞ୍ଜାବ ପ୍ରଦେଶର ହାସନ ଅବଦାଲ ସହରରେ ଆସିଷ୍ଟାଣ୍ଟ କମିଶନର ତଥା ପ୍ରଶାସକ ଭାବରେ ନିଯୁକ୍ତ ହୋଇଛନ୍ତି। ଡକ୍ଟର ସାନା ରାମଚାନ୍ଦ ଗୁଲଓ୍ୱାନି (୨୭) କେନ୍ଦ୍ରୀୟ ସୁପ୍ରିମୋ ସର୍ଭିସେସ୍ ପରୀକ୍ଷା ୨୦୨୦ କୁ ସଫା କରିବା ପରେ ପାକିସ୍ତାନ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ତାଙ୍କୁ କୁହାଯାଇଥିଲା ଯେ ସେ ନିଜେ ପ୍ରଥମ



ପ୍ରୟାସରେ ସଫଳତା ହାସଲ କରିଛନ୍ତି। ଡନ୍ ଖବରକାଗଜ ଅନୁଯାୟୀ, ସାନା ଗୁଲଓ୍ୱାନି ଆଟକ୍ ଜିଲ୍ଲାର ହାସନ ଅବଦାଲ ସହରର ସହକାରୀ କମିଶନର ତଥା ପ୍ରଶାସକ ଭାବରେ ଦାୟିତ୍। ଗ୍ରହଣ କରିଛନ୍ତି। ଏକ୍ସପ୍ରେସ ଟ୍ରିବ୍ୟୁନ ଖବରକାଗଜ କହିଛି ଯେ ଗୁଲଓ୍ୱାନି ତାଙ୍କର ପ୍ରଥମ ପ୍ରୟାସରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। କୁହାଯାଇଥିଲା ଯେ ସାନା ହିନ୍ଦୁ ସମ୍ପ୍ରଦାୟର ପ୍ରଥମ ପାକିସ୍ତାନୀ ମହିଳା ଯିଏକି ବିଭାଜନ ପରଠାରୁ ସିଭିଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଗୁଲଓ୍ୱାନି ଏହା ପୂର୍ବରୁ ଡାକ୍ତର ହୋଇଥିଲେ। କେନ୍ଦ୍ର ଜନସେବା ଆୟୋଗ ପରୀକ୍ଷାରେ ଯୋଗଦେବା ପୂର୍ବରୁ ସେ ତାଙ୍କ ପିତାମାତାଙ୍କ ଇଚ୍ଛା ପୂରଣ କରିବା ପାଇଁ ଡାକ୍ତର ହୋଇଥିଲେ। ସାନା ଗୁଲଓ୍ୱାନି ଏକ ସେ ସହକାରୀ କମିଶନର ହେବା ପରଠାରୁ ପାକିସ୍ତାନୀ ଗଣମାଧ୍ୟମରେ ଆଲୋଚନାର ବିଷୟ ।



# ଉପକୂଳବର୍ତ୍ତୀ ୯ ଜିଲ୍ଲାରେ 'ଡ୍ରେନେଜ୍ ଉନ୍ନତି କାର୍ଯ୍ୟକ୍ରମ' ଲାଗି ୨୨୦୦କୋଟି ଟଙ୍କା ବ୍ୟୟ ବରାଦ

ଭଦ୍ରକ, (ପିପିଏସ) : ଉପକୂଳବର୍ତ୍ତୀ ୯ ଜିଲ୍ଲାରେ ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ୨୨୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହି ୯ ଉପକୂଳବର୍ତ୍ତୀ ଜିଲ୍ଲା ମଧ୍ୟରେ ଭଦ୍ରକ ଜିଲ୍ଲା ବି ସାମିଲ ଅଛି । ଭଦ୍ରକ ଜିଲ୍ଲା ରେ ଏହି 'ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ'ରେ ମୋଟ ୬୪୩ କିଲୋମିଟର ଡ୍ରେନେଜ କାମ ସହିତ ୧୦୩୬୭ ହେକ୍ଟର ଜମି ପୁନରୁଦ୍ଧାର କରାଯିବ । ଏଣୁ ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ଭଦ୍ରକ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଠାରେ ଜିଲ୍ଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ କୃତଜ୍ଞତା ଅର୍ପଣ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ ତାଙ୍କ ବକ୍ତବ୍ୟରେ ବନ୍ୟା, ବାତ୍ୟା ତଥା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଭଦ୍ରକ ଜିଲ୍ଲାରେ ଡ୍ରେନେଜ ସମସ୍ୟା ଦୂର ସହିତ ଚାଷଜମି ପୁନରୁଦ୍ଧାର ଲାଗି ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ଅର୍ଥରାଶିରେ କାର୍ଯ୍ୟ କରାଯିବ । ଏଥିପାଇଁ ଭଦ୍ରକ ନିର୍ବାଚନମଣ୍ଡଳୀ ଓ ଜିଲ୍ଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ ଶ୍ରୀ ମଲ୍ଲିକ କୃତଜ୍ଞତା ଅର୍ପଣ କରିଥିଲେ । ଏହି ସଭାରେ ଉପସ୍ଥିତ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଅର୍ପଣ କରିବା ସହ ଏହି ମେଗା ପ୍ରକଳ୍ପ ଯୋଗୁଁ ଭଦ୍ରକ ଜିଲ୍ଲାର ସବୁ ନିର୍ବାଚନ ମଣ୍ଡଳୀ ବେଶ ଉପକୃତ ହେବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, କାଉନସିଲର ସେକ ଜୁଲଫିକର ଅଲ୍ଲି, ବିଜେଡିନେତା- କ୍ଷୀରୋଦ ଦାସ, ଯୋଗେନ୍ଦ୍ର ଘଡେଇ, ପ୍ରଣୟ ଦାସ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା ଅର୍ପଣ କରିଥିଲେ । ଏଠାରେ ସୂଚନାଯୋଗ୍ୟ : ଓଡ଼ିଶାର ଉପକୂଳବର୍ତ୍ତୀ ୯ଟି ଜିଲ୍ଲାର ୧୭ଟି ଅବବାହିକା ଓ ୩ଟି ଅଣ ଅବବାହିକା ଅଞ୍ଚଳର ଚାଷ ଜମି ଜଳବନ୍ଦୀ ମୁକ୍ତ କରିବା ସହିତ ଜଳ ନିଷ୍କାସନ ପ୍ରକ୍ରିୟା ତ୍ୱରାନ୍ୱିତ କରି ଜଳ ନିଷ୍କାସନ ସମସ୍ୟାର ନିରାକରଣ ଲାଗି ୨୦୧୪- ୧୫ ରୁ ୨୦୧୮-୧୯ ଏହି ୫ ବର୍ଷ ପାଇଁ 'ଡ୍ରେନେଜ ଉନ୍ନତି କାର୍ଯକ୍ରମ' କାର୍ଯକାରୀ କରାଯାଇଥିଲା । ଏହି ଯୋଜନାରେ ୫୦୦ କୋଟି ଟଙ୍କା ଏହି ୫ ବର୍ଷ ମଧ୍ୟରେ ବ୍ୟୟ କରାଯାଇ ଡ୍ରେନେଜ ଉନ୍ନତି କାର୍ଯକ୍ରମ ୨୦୧୯- ୨୦ ରୁ ୨୦୨୨-୨୩ ପର୍ଯ୍ୟନ୍ତ କରାଯିବା ପାଇଁ ଅନୁମୋଦନ କରାଯାଇ ଥିବାବେଳେ ଜନସାଧାରଣଙ୍କ ଆବଶ୍ୟକତା ଦୃଷ୍ଟିରୁ ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ତଥା ଡ୍ରେନ ଗୁଡିକରେ ଅଧିକ ଫାର୍ମ ଲ୍ୟାଣ୍ଡ ବ୍ରିଜ ଗଠନ କରାଯିବା ଯୋଗୁଁ ଏହି ପ୍ରକଳ୍ପର ମୂଲ୍ୟ ବୃଦ୍ଧି କରାଯାଇ ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ ପାଇଁ ୨୦୨୩-୨୪ ସୁଦ୍ଧା ୫୦୦ କୋଟି ପରିବର୍ତ୍ତେ ୮୦୦ କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଏହା ଦ୍ୱାରା ୪୨୮୨ କିଲୋମିଟର ଦୈର୍ଘ୍ୟର ଡ୍ରେନେଜ ଚ୍ୟାନେଲର ଖନନ, ଉନ୍ନତି ତଥା ନବୀକରଣକରାଯାଇ ୮୩୭୯୬ ହେକ୍ଟର ଚାଷ ଜମିକୁ ଜଳବନ୍ଦୀ ମକ୍ତ କରାଯିବ ବୋଲି ଜଣାଯାଇଛି । ଆସନ୍ତା ୨୦୨୩-୨୪ ରୁ ୨୦୨୭-୨୮ ପର୍ଯ୍ୟନ୍ତ ୫ ବର୍ଷ ପାଇଁ 'ଡ୍ରେନେଜ୍ ଉନ୍ନତି କାର୍ଯକ୍ରମ' ରେ ଆଉ ୧୪୦୦କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଏହା ଦ୍ୱାରା ୬୯୬୯କିଲୋମିଟର ଦୈର୍ଘ୍ୟର ଡ୍ରେନେଜ ଚ୍ୟାନେଲର ଖନନ ଉନ୍ନତି ତଥା ନବୀକରଣ କରାଯାଇ ୧୦୫୮୬୮ ହେକ୍ଟରଚାଷ ଜମିକୁ ଜଳବନ୍ଦୀ ମକ୍ତ କରାଯିବ । ୨୦୨୩-୨୪ ରୁ ୨୦୨୭-୨୮ ମଧ୍ୟରେ ୧୪୦୦ କୋଟି ଟଙ୍କା ବ୍ୟୟ କରାଯାଇ ପୁରୀ ଜିଲ୍ଲାର ପ୍ରାୟ ୧୧୧୦କିମି ଡ୍ରେନେଜ କାମ କରାଯାଇ ୧୭୧୩୦ ହେକ୍ଟର ଜମି ଏବଂ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ୫୩୮ କିମି ଡ୍ରେନେଜ କାମ ସହିତ ୮୩୦୦ ହେକ୍ଟର ଜମି ଜଳବନ୍ଦୀ ମୁକ୍ତ କରାଯିବ ।




# ଅନ୍ତିମ ଦିବସରେ ସାରିକା ସିଂ ଓ ହର୍ଷଦୀପ କୌର ଦର୍ଶକଙ୍କ ମନ ମୋହିଲେ

## ଉଦଯାପିତ ହେଲା ଯାଜପୁର ମହୋତ୍ସବ ୨୦୨୩ର ସାଂସ୍କୃତିକ କାର୍ଯ୍ୟକ୍ରମ



ଯାଜପୁର, (ପିପିଏସ) : ଯାଜପୁର ଜିଲ୍ଲା ମହୋତ୍ସବ ୨୦୨୩ ର ସାଂସ୍କୃତିକ କାର୍ଯ୍ୟକ୍ରମ ଓଲିଉଡ, ବଲିଉଡ ଓ ରାଜ୍ୟ ରାଜ୍ୟ ବାହାର କଳାକାର ମାନଙ୍କର କାର୍ଯ୍ୟକ୍ରମ ଶେଷ ହୋଇଛି । ଏକ ଆନ୍ତର୍ଜାତୀୟ ସ୍ତରର ମଞ୍ଚରେ ୫ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଓଡିଶାର ବିଭିନ୍ନ କୋଣ ଅନୁକୋଣରୁ ଆସି ଉପଭୋଗ କରିଥିଲେ । ପ୍ରତିଦିନ ସଂଧ୍ୟାରେ ଲକ୍ଷାଧିକ ଦର୍ଶକଙ୍କ ସମାବେଶ ହୋଇଥିଲା । ତେବେ ସଂଗମ ଓ ପଲ୍ଲୀଶ୍ରୀ ମେଳା, କୃଷି ବିଭାଗର ଷ୍ଟଲ ଏବଂ ଫୁଡ କୋଟ ସମେତ ହସ୍ତଶିଳ୍ପ ଷ୍ଟଲ ଗୁଡିକ ୧୫ ତାରିଖ ବୁଧବାର ପର୍ଯ୍ୟନ୍ତ ବଢେଇ ଦିଆଯାଇଛି । ଏହି ଷ୍ଟଲ ଗୁଡିକରେ ଆଶାନୁରୂପକ କାରବାର ହେଉଥିବାର ଦେଖାଯାଇଛି । ଅନ୍ୟପକ୍ଷରେ ଅନ୍ତିମ ସଂଧ୍ୟାରେ ବଲିଉଡ କଣ୍ଠଶିଳ୍ପୀ ସାରିକା ସିଂ ଓ ହର୍ଷଦୀପ କୌରଙ୍କ ସଂଗୀତ ପରିବେଷଣ ସବୁ ସଂଧ୍ୟା ଅପେକ୍ଷା ସ୍ୱତନ୍ତ୍ର ଥିଲା । ସଂପୂର୍ଣ୍ଣ ଭାବେ ଭାରତୀୟ ପୁରାତନ ଚଳଚ୍ଚିତ୍ର ଗୁଡିକର ଗୀତ ପରିବେଷଣ କରି ଉଭୟ ସାରିକା ଏବଂ ହର୍ଷଦୀପ ଉପସ୍ଥିତ ସ୍ରୋତାଙ୍କ ମନ ମୋହିଥିଲେ । ହର୍ଷଦୀପଙ୍କ ସୁଫି ସଂଗୀତ ଶୁଣିବାକୁ ଯେମିତି ଶେଷ ଯାଏ ଦର୍ଶକ ମଞ୍ଚ ଛାଡିନଥିଲେ ସେହିପରି ସାରିକାଙ୍କର ଲମ୍ଭିଜୁଦାଇ, ମେ ହୁଁ ଖୁସ ରଙ୍ଗ ହୀନା, ତୁମ ସି ମିଲନା ବାତ କରନା, ନିମୁଡା ନିମୁଡା ଇତ୍ୟାଦି ହିନ୍ଦୀ ଗୀତ ଗୁଡିକ ଉଭୟ ବରିଷ୍ଠ ଓ ବର୍ତ୍ତମାନ ପିଢିର ଦର୍ଶକଙ୍କୁ ଆନନ୍ଦିତ କରିଥିଲା । ଚଳଚ୍ଚିତ୍ର ଅଭିନେତା ପୁପିନ୍ଦର ଓ ଗୁନଗୁନ ଚମତ୍କାର ଭାବେ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ । ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏବଂ ଏସପି ବିନିତ ଅଗ୍ରୱାଲ ଉତ୍ସବ ଆରମ୍ଭ ପୂର୍ବରୁ ଓ ସରିବା ଯାଏ ସମସ୍ତ କାର୍ଯ୍ୟକୁ ତଦାରଖ କରୁଥିବା ଦେଖାଯାଇଥିଲା । କହିବାକୁ ଗଲେ ୨୦୨୩ ର ଏହି ମହୋତ୍ସବ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ କାର୍ଯ୍ୟକ୍ରମ ହୋଇଥିଲା । କେବଳ ମୁମ୍ବାଇ କଳାକାର ନୁହଁନ୍ତି ଓଡିଆ ଚଳଚ୍ଚିତ୍ରର ଅନେକ ନାୟକ/ନାୟିକା, ସଂଗୀତ ଶିଳ୍ପୀ, ନୃତ୍ୟ ଶିଳ୍ପୀ, ରାଜ୍ୟର ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିବା କଳାକାର ସମସ୍ତ ପ୍ରକାର ସଂଗୀତ ସମସ୍ତଙ୍କୁ ଆକୃଷ୍ଟ କରିଥିଲା ।

# ଧାରଣା ଭଙ୍ଗ କରିଲେ ବିରୋଧୀ ଦଳର କର୍ପୋରେଟର



କଟକ, (ପିପିଏସ) : କଟକ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଅହ ରାତ୍ର ଧାରଣାରେ ବସିଥିବା ବିରୋଧୀ ଦଳର କର୍ପୋରେଟର ମାନେ ଶେଷରେ ଉଠିଛନ୍ତି । ମଙ୍ଗଳବାର ସି ଏମ ସି କମିଶନର ନିଖିଲ ପଓ୍ୱନ୍ କଲ୍ୟାଣ ଧାରଣାରେ ବସିଥିବା କର୍ପୋରେଟର ମାନଙ୍କୁ ଆସି ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ । ଏହା ପରେ କର୍ପୋରେଟର ମାନେ ଅନୁରୋଧ ରକ୍ଷା କରି କମିଶନରଙ୍କ ସହ ଆଲୋଚନା କରିଥିଲେ ଓ ଯେଉଁ ଚାରି ଦଫା ଦାବି ରଖିଥିଲେ ତାହା କୁ ପୁନର୍ବାର ଦୋହରାଇ ଥିଲେ । ଶେଷରେ ଦୁଇ ପାଖିଆ ହୋଇଥିବା ଆଲୋଚନା ସଫଳ ହୋଇଥିଲା । ସମସ୍ତ ଦାବି ଗୁଡ଼ିକୁ ମାନିଥିଲେ କମିଶନର । ବିଶେଷ କରି ଯେଉଁ ନିର୍ବାହୀ ଯନ୍ତ୍ରୀ ଡି ଆର ତ୍ରିପାଠୀ ଙ୍କ କଥା ପାଇଁ ଅଧିକ ତମ୍ବି ତୁଫାନ ଚାଲିଥିଲା ତାଙ୍କୁ ତୁରନ୍ତ ବଦଳି କରିବା ଲାଗି ରାଜ୍ୟ ନଗର ଉନ୍ନୟନ ସଚିବ ଙ୍କୁ ଲିଖିତ ଜଣାଇଥିବା ଓ ତୁରନ୍ତ ବଦଳି କରାଯିବା ନେଇ ପ୍ରତିଶ୍ରୁତି ଦେଇଥିବା ପରେ ଶାନ୍ତ ପଡ଼ିଥିଲେ ବିରୋଧୀ ଦଳର କର୍ପୋରେଟର ମାନେ । ଏହା ସହ ଧାରଣା ଭଙ୍ଗ କରିଥିଲେ ସମସ୍ତେ ।

# ପୂର୍ବତନ ଉପନଗରପାଳ ବିଜୟ ମହାପାତ୍ରଙ୍କ ସ୍ମୃତିସଭା



କଟକ, (ପିପିଏସ) : କଟକ ମହାନଗର ନିଗମର ପୂର୍ବତନ ଉପନଗରପାଳ ବିଜୟ ମହାପାତ୍ର (ବେଙ୍ଗଭାଇ)ଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, କେନ୍ଦ୍ର ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ବନାତି ଶ୍ରୀନିବାସନ, ରାଜ୍ୟ ବିଜେପିର ସାଂଗଠନିକ ମୁଖ୍ୟ ମାନସ ମହାନ୍ତି, କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ, କଟକ ମହାନଗର ନିଗମର ମେୟର ସୁବାସ ସିଂହ, କଟକ ଜିଲ୍ଲା ବିଜେପି ସଭାପତି ଲଲାଟେନ୍ଦୁ ବଡୁ, କର୍ପୋରେଟର ଚନ୍ଦନ ବିଶ୍ୱାଳ, ରଞ୍ଜିତ ବିଶ୍ୱାଳ, ପ୍ରଶାନ୍ତ ନାୟକ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ତାଙ୍କର ୩ ପୁତ୍ର ବିଶ୍ୱଜିତ ମହାପାତ୍ର, ସତ୍ୟଜିତ ମହାପାତ୍ର, ଅଜିତ ମହାପାତ୍ର ବହୁ ଜାମାତା ଅଜୟ ଗୋଚ୍ଛାୟତ, ଦେବାଶିଷ ଦାସ, ଜୟଦେବ ମହାନ୍ତି ଓ ପରିବାରବର୍ଗ ଏହି ସଭାରେ ସ୍ମୃତିଚାରଣ କରିଥିଲେ ।

# କାର୍ ଦୁର୍ଘଟଣାରେ କନିଷ୍ଠ ଯନ୍ତ୍ରୀ ଗୁରୁତର



ଖଣ୍ଡପଡା, (ପି.ପି.ଏସ) : ଭାପୁର ବ୍ଲକକୁ ନୂତନ କରି ଆସିଥିବା କନିଷ୍ଠ ଯନ୍ତ୍ରୀ ଆଲୋକ ଶତପଥି ମଙ୍ଗଳବାର ଦିନ ବ୍ଲକକୁ ଆସୁଥିବା ସମୟରେ ଦୃଘଟଣାର ଶିକାର ହୋଇ ଗୁରୁତର ହୋଇଥିବା ସୂଚନା ମିଳିଛି । ଘଟଣାରୁ ପ୍ରକାଶ, କନିଷ୍ଠ ଯନ୍ତ୍ରୀ ଶ୍ରୀ ଶତପଥି କାର ଯୋଗେ ବ୍ଲକକୁ ଆସୁଥିବା ସମୟରେ ଗୋଳାପୋଖରୀ ପଂଚାୟତ ବେଗୁନିଆ ଗ୍ରାମ ନିକଟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା କଡକୁ ପଲଟି ଯାଇଥିଲା । ଗାଡିଟି ଭାଙ୍ଗିଯାଇଥିବା ବେଳେ ଗାଡିଭିତରେ ଥିବା କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ଜଣାପଡିଛି । ସ୍ଥାନୀୟ ଲୋକମାନେ୧୦୮ ଆମ୍ବୁଲାନ୍ସ ଯୋଗେ ଭାପୁର ଡାକ୍ତରଖାନାରେ କରାଯାଇଥିଲା । ଭାପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଥିବା ଯଣାପଡିଛି ।

### କଣ୍ଟାପଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଅଭାବନୀୟ ଦୃଶ୍ୟ

# କିଏ କାଟିଲା କାର୍ଯ୍ୟାଳୟ ପରିସରରେ ବିରାଟ ଗଛ ?



କଣ୍ଟାପଡା, (ପିପିଏସ) : କଣ୍ଟାପଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଅଭାନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଏହି କାର୍ଯ୍ୟାଳୟ ପରିସରରେ ଥିବା ଏକ ବିରାଟ ପୁରୁଣା ଚାକୁଣ୍ଡା ଗଛକୁ କେହି କାଟି ଚୋରୀ କରିବାକୁ ଉଦ୍ୟମ କରି ବିଫଳ ହୋଇଥିବା ଦେଖିବାକୁ ମିଳିଛି । ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଲା ଏହି ଘଟଣାକୁ ପ୍ରାୟ ୧୫ ଦିନ ବିତି ଯାଇଥିବା ବେଳେ ଅଦ୍ୟାବଧି ଏ ସଂକ୍ରାନ୍ତରେ ପଦସ୍ଥ କର୍ମଚରୀ କିମ୍ବା ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ । ଏହାଦ୍ୱାରା ପରୋକ୍ଷରେ ବିଭାଗୀୟ ଅଧିକାରୀଙ୍କ ଏହି ଘଟାରେ ସଂପୃକ୍ତି ପଦାରେ ପଡିଯାଇଛି । ଫୁଲନଖରା-ନିଆଳୀ ରାଜ୍ୟ ରାଜପଥ କଡରେ କଣ୍ଟାପଡାରେ ଥିବା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ପୁରୁଣା ଚାକୁଣ୍ଡା ଗଛକୁ କେହି କାଟିଦେଇଥିବା ଦେଖିବାକୁ ମିଳିଛି । ଗଛଟି ଯେପରି ଅନାବଶ୍ୟକ ଭାବେ କଟା ଯାଇଛି ତାହା କେବଳ ଚୋରୀ ଉଦ୍ଦେଶ୍ୟରେ କଟାଯାଇଥିବା ପରିଷ୍କାର ଜଣାପଡି ଯାଉଛି । ସେହିପରି ଗଛକୁ ଯେପରି ଗରଗର କରାଯାଇଛି ତାହା କେହି ବେପାରୀକୁ ବିକ୍ରୟ କରିବା ଉଦ୍ଦେଶ୍ୟରେ କାଟିଥିବା ସ୍ପଷ୍ଟ ହେଉଛି । ତେବେ ଏଠାରେ କଥା ଉଠୁଛି କାର୍ଯ୍ୟାଳୟ ପରିସରରୁ କେତେବେଳେ ଏହି ଗଛ କଟାଯାଇଛି । ଗଛ କଟାଯିବା କିପରି କାହା ଆଖିରେ ପଡିଲାନାହିଁ । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଘଟଣାକୁ ଏତେଦିନ ବିତି ଯାଇଥିଲେ ମଧ୍ୟ ଏହି କାର୍ଯ୍ୟାଳୟ ସାମ୍ନାରେ ଓଲଟପୁର ଥାନା ଥିଲେ ମଧ୍ୟ ଅଦ୍ୟାବଧି କୌଣସି ଅଭିଯୋଗ କରାଯାଇନାହିଁ । ଏଥିରୁ ବିଭାଗୀୟ ଅଧିକାରୀଙ୍କ ପୂର୍ଣ୍ଣ ସମର୍ଥନ ସ୍ପଷ୍ଟ ହୋଇଯାଉଛି । ଉକ୍ତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଏପରି ଘଟଣାରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି ।

# ଉପର ତେଲେଙ୍ଗା ବଜାର ପୂଜା କମିଟି ଓ ଯୁବକ ସଙ୍ଘ ମିଳିତ ଆନୁକୂଲ୍ୟରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



କଟକ, (ପିପିଏସ) : କଳା ଦିବସ ତଥା ସହିଦ ଦିବସ ଉପଲକ୍ଷେ ମଙ୍ଗଳବାର ସଂଧ୍ୟାରେ କଟକ ଉପର ତେଲେଙ୍ଗା ଛକ ଠାରେ ଯୁବ ସମାଜ ସେବି ଉମାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରିଥିଲେ । ଏଥିରେ ସୁଧନ କୁମାର ଦତ୍ତ ମୁଖ୍ୟ ଅତିଥି ଓ ଫିରିଙ୍ଗି ବଜାର ପୂଜା କମିଟି ସମ୍ପାଦକ ନରେଶ କୁମାର ସାହୁ, ପୂର୍ବତନ କର୍ପୋରେଟର ଇତିଶ୍ରୀ ବେହେରା, ସଞ୍ଜୟ ମହାନ୍ତି, ସତ୍ୟନାରାୟଣ ପାତ୍ର, ସମ୍ପଦ କୁମାର ମଲ୍ଲିକ, ସଞ୍ଜୟ ଶର୍ମା, ସରୋଜ ସାହୁ, ନରେନ୍ଦ୍ର ବେହେରା, ଧନେଶ୍ୱର ବେହେରା, ରଜନୀକାନ୍ତ ମଲ୍ଲିକ ଅଲୁ ପ୍ରସାଦ, ସନ୍ତୋଷ ମଲ୍ଲିକ ପ୍ରମୁଖ ଉପସ୍ଥିତ ହୋଇ ସେଇ ଅମର ଯବାନ ଶ୍ରଦ୍ଧାଞ୍ଜଳି ଦେବସହିତ ତାଙ୍କ ପରିବାରଙ୍କୁ ସମବେଦନା ଜଣାଇଥିଲେ । ଆୟୋଜକ ଯୁବ ସମାଜସେବୀ ଉମାକାନ୍ତ ମହାନ୍ତି କହିଲେ ଆଜି ଦେଶର ଜାଗ୍ରତ ପ୍ରହରୀ ହୋଇ ଦେଶପାଇଁ ବଳିଦାନ ଦେଇଥିବା ସେହି ସହିଦଙ୍କ ପ୍ରତି ଆଜିର ଆବାଳ ବୃଦ୍ଧ ବନିତା ଓ ସମସ୍ତ ଯୁବପିଢ଼ି ତାଙ୍କୁ ସ୍ମରଣ ରଖି ଶ୍ରଦ୍ଧାଞ୍ଜଳି ଜଣାଇବା ଉଚିତ । ଏହି ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବୁଦ୍ଧିଜୀବୀ ଓ ପଥଚାରି ସହିଦ ଯବାନଙ୍କୁ ତାଙ୍କର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ ।

# ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ - ୨୦୨୩




ଧାମନଗର, (ପିପିଏସ) : ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାରୋହ - ୨୦୨୩ ସାଡ଼ମ୍ବରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଥିବା ସ୍ଥାୟୀ ମଞ୍ଚରେ ପ୍ରଧାନ ଶିକ୍ଷକ ରମଣୀ ରଂଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ୍ ସ୍ଥିତପ୍ରଜ୍ଞ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାରୋହକୁ ଉଦଘାଟନ କରିଥିଲେ । ଯେ କୌଣସି ବିଭାଗରେ ପାରଦର୍ଶୀତା ଅର୍ଜନ କରିବା ଦ୍ୱାରା ପୁରସ୍କୃତ ହେଲେ ତାହା କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀକୁ ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରିଥାଏ ବୋଲି ବିଧାୟକ ତାଙ୍କ ଓଜସ୍ୱୀ ବକ୍ତବ୍ୟରେ କହିଥିଲେ । ଏହି ସମାରୋହରେ ଧାମନଗର ଏନ୍.ଏ.ସି.ଅଧ୍ୟକ୍ଷା ନିବେଦିତା ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରସାନନ୍ଦ ମହାପାତ୍ର, ମୂରଲୀଧର ମିଶ୍ର, ମୋସ୍କୁଲ ଅଭିଯାନ କମିଟିର ସଭାପତି ମହେଶ୍ୱର ସ୍ୱାଇଁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଙ୍କ ଦ୍ୱାରା ଜଗନ୍ନାଥ ବନ୍ଦନା ଓ ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ସହକାରୀ ଶିକ୍ଷକ ଭାସ୍କର ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ମାନଙ୍କ ଦ୍ୱାରା ସଙ୍ଗୀତ ମାଧ୍ୟମରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସ୍ୱାଗତ କରାଯାଇ ଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତି ଛାତ୍ର/ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇ ଥିଲା । ଉତ୍ସବରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ର/ଛାତ୍ରୀ ଓ ଅଭିଭାବକ ମାନେ ଯୋଗଦେଇ ଥିଲେ । ଶେଷରେ ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ଦାସ ଧନ୍ୟବାଦ୍ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ସମ୍ପର୍କିତ ନିମନ୍ତ୍ରଣ ପତ୍ରରେ ଜିଲ୍ଲା ଓ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଏବଂ ଧାମନଗର ବ୍ଲକ ଶିକ୍ଷାଧିକାରୀଙ୍କ ନାମ ସମ୍ମାନୀତ ଅତିଥି ସୂଚୀରେ ଥିଲେ ମଧ୍ୟ ସେମାନେ ଅନୁପସ୍ଥିତ ଥିବାର ଦେଖା ଯାଇଥିଲା ।

# ଚୌଦ୍ୱାର କଲେଜରେ ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ



ଚୌଦ୍ୱାର, (ପିପିଏସ୍) : ବିଶ୍ୱବ୍ୟାଙ୍କ ଅନୁଦାନରେ ଚୌଦ୍ୱାର ମହାବିଦ୍ୟାଳୟରେ ନିର୍ମାଣ କରାଯାଉଥିବା ବିଜ୍ଞାନ ବ୍ଲକ୍‌ର ଏକ କୋଠାଘର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ ପାଇଁ ବିଶ୍ୱବ୍ୟାଙ୍କର ୨ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଦିନ କଲେଜ ପରିଦର୍ଶନ କରିଥିଲେ । ବିଶ୍ୱବ୍ୟାଙ୍କ ତରଫରୁ ପ୍ରଦତ୍ତ ୨କୋଟି ୯୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ମାଧ୍ୟମରେ ନିର୍ମାଣ କରାଯାଉଥିବା ଏହି କାର୍ଯ୍ୟକୁ ବିଶ୍ୱବ୍ୟାଙ୍କ ପ୍ରତିନିଧି ରାଜୀବ ଗ୍ରେୱାଲ ଓ ଓଡ଼ିଶା ପ୍ରତିନିଧି ବିନାୟକ ପାଢ଼ୀ ଅନୁଧ୍ୟାନ କରିଥିଲେ । କାର୍ଯ୍ୟ ଅଗ୍ରଗତି ଉପରେ ପ୍ରତିନିଧି ମାନେ ସନ୍ତୋଷ ବ୍ୟକ୍ତ କରିଥିବା ଜଣା ପଡ଼ିଛି । ରାସ୍ତା ଏବଂ ଗୃହ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, କଲେଜ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତା, ନୋଡ଼ାଲ ଅଫିସର ସଂଜୟ କୁମାର ଧଳ, ମୋହିତ କର ପ୍ରମୁଖ ପ୍ରତିନିଧି ମାନଙ୍କୁ ନିର୍ମାଣାଧୀନ ଗୃହ ବୁଲାଇ ଦେଖାଇବା ସହିତ କାର୍ଯ୍ୟ ଅଗ୍ରଗତି ଉପରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଧାର୍ଯ୍ୟ ୧୧ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆ ଯାଇଥିବା ସହକାରୀ ଯନ୍ତ୍ରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

### ସରକାରଙ୍କ ଟାଳଟୁଳ ନୀତି ପ୍ରତିବାଦରେ

# ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଚେତାବନୀ

ନୟାଗଡ଼, (ପିପିଏସ) : ସରକାର ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକମାନଙ୍କ ବିଭିନ୍ନ ଦାବି ପୂରଣ ପାଇଁ ପ୍ରତିଶୃତି ଦେଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ପ୍ରତିବାଦରେ ଶିକ୍ଷକମାନେ ପୁଣି ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି । ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ,୬ବର୍ଷର ଠିକା କାର୍ଯ୍ୟକାଳକୁ ୬ଟି ନୋସନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରୀରେ ଗଣନା କରିବା,କେନ୍ଦ୍ରୀୟ ହାରରେ ଦରମା ଏବଂ ପୁରୁଣା ପେନସନକୁ ପୁନଃ ପ୍ରଚଳନ କରିବା ଆଦି ୩ଦଫା ଦାବି ନେଇ ଶିକ୍ଷକମାନେ ସରକାରଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଥିବା ବେଳେ ସରକାର ନିଦାବିଷ୍ଟୁ ସାଜି ଚୁପ ରହିଛନ୍ତି । ଫଳରେ ରାଜ୍ୟରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକମାନେ ବାଧ୍ୟ ହୋଇ ଗତ ନଭେମ୍ବର ମାସରେ ଭୁବନେଶ୍ୱରଠାରେ ବିଧାନସଭା ସମ୍ମୁଖରେ ଏକ ବିଶାଳ ସମାବେଶରେ ଏକତ୍ରିତ ହୋଇ ୪ଦିନ ଧରି ଜୋରଦାର ଆନ୍ଦୋଳନ କରିଥିଲେ । ପରେ ମୁଖ୍ୟ ଶାସନ ସଚିବ ମହାସଂଘ ନେତୃତ୍ୱଙ୍କ ସହିତ ଆଲୋଚନା କରି ଡିସେମ୍ବର ୧୬ରୁ ୨୦ ତାରିଖ ମଧ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ଲିଖିତ ପ୍ରତିଶୃତି ପ୍ରଦାନ କରିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖା ଯାଇଥିଲା । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଡିସେମ୍ବର ୨୧ ତାରିଖରେ ଉଚ୍ଚସ୍ତରୀୟ ବୈଠକ ବସିଥିଲା ଓ ଆସନ୍ତା ଡିସେମ୍ବର ୨୯ ତାରିଖରେ ଶିକ୍ଷକ ମହାସଂଘ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ସଚିବ ପ୍ରେସ ରିଲିଜ ମାଧ୍ୟମରେ ଜଣାଇଥିଲେ । ତେବେ ଡିସେମ୍ବର ୨୯ ତାରିଖରେ ଶିକ୍ଷକ ମହାସଂଘ ସହିତ ବିଭିନ୍ନ ଦାବି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ବର୍ତ୍ତମାନ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ରାଜ୍ୟରେ ଗୁଣାତ୍ମକ ଶିକ୍ଷା ନିମନ୍ତେ ୧ଲକ୍ଷ ୨୦ ହଜାର ଶିକ୍ଷକଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ବିଧାନସଭା ଅଧିବେଶନ ପୂର୍ବରୁ ପ୍ରାଥମିକ ଶିକ୍ଷକମାନଙ୍କ ଦାବି ପୂରଣକରିବା ପାଇଁ ନୟାଗଡ଼ ବ୍ଲକ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସଭାପତି ପୀତବାସ ପ୍ରଧାନ,ସଂପାଦକ ସୁରେଶ ସେଠୀ,ଲକ୍ଷ୍ମୀଧର ସାହୁ,ସଂଗ୍ରାମ ସାହୁ,ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ,ମିନାକ୍ଷୀ କର,ଅଶୋକ ମଲ୍ଲ,ସଲିମ ଇବ୍ରାହିମ,ଚିତ୍ତରଂଜନ ଦାଶ,ଶରତ ସାମନ୍ତରାୟ,ଜୀବନଜ୍ୟୋତି ହୋତା ପ୍ରମୁଖ ଏକ ପ୍ରେସ ବିବୃତିରେ ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

# ମୁଖ୍ୟମନ୍ତ୍ରୀଙ୍କ ଅପାରଗତା ପାଇଁ ଅରାଜକତା

ସରକାରଙ୍କ ନେତା, ମନ୍ତ୍ରୀ ଓ ଶାସକ ଦଳର ହାତ ବାରିସ ସାଜିଥିବା ପୋଲିସ ଅଧିକାରୀମାନେ ଓଡ଼ିଶାର ଅପରାଧରେ ସଂପୃକ୍ତ ଅଛନ୍ତି ବୋଲି ଭାରତୀୟ ଜନତା ପାର୍ଟି ବାରମ୍ବାର ଦାବି କରିଆସିଛି । ପୋଲିସ ବିଭାଗରେ ବିଶୃଙ୍ଖଳା ଚରମ ସୀମା ଅତିକ୍ରମ କରିସାରିଛି । ସାଧାରଣ ଜନତାଙ୍କ ପୋଲିସ ଉପରୁ ବିଶ୍ୱାସ ତୁଟିଯାଇଛି । ୨୩ ବର୍ଷ ଧରି ଓଡ଼ିଶାର ଗୃହ ବିଭାଗ ଦାୟୀତ୍ୱରେ ଥିବା ସ୍ୱୟଂ ମୁଖ୍ୟମନ୍ତ୍ରୀ ନବୀନ ବାବୁ ନିଜ ନୈତିକତା ହରାଇଛନ୍ତି । ରାଜ୍ୟବାସୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ନିଜ ପଦରୁ ଓହରି ଯିବା ଉଚିତ୍ । ବିଜେପି ଏହି ଆନ୍ଦୋଳନକୁ ଆଗାମୀ ଦିନରେ ଆହୁରି ଅଧିକ ଶାଣିତ କରିବା ସହ ଗାଁ, ପଂଚାୟତ, ବ୍ଲକରେ ଆନ୍ଦୋଳନ କରିବ । ଆସନ୍ତା କାଲି ୧୫ ତାରିଖ ଦିନ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ବିକ୍ଷୋଭ ପ୍ରଦର୍ଶନ ସହିତ ଆଇନ ଅମାନ୍ୟ ଆନ୍ଦୋଳନ ଓ ହରତାଳ କରାଯିବ । ସେହିପରି ୧୬ତାରିଖ ଦିନ ରାଜ୍ୟ ସରକାରଙ୍କୁ ବରଖାସ୍ତ ଦାବୀ କରି ପାଇଁ ରାଜଭବନ ସମ୍ମୁଖରେ ଦଳ ପକ୍ଷରୁ ଧାରଣା ଦିଆଯାଇ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ ।

# ସତ୍ୟପାଠ ଦିଅନ୍ତୁ ଶକ୍ତି ସଚିବ, ନ ହେଲେ ୟୁନିଟ୍

ସରକାର ଗ୍ରାହକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ବିଦ୍ୟୁତ୍ ସେବା ଶସ୍ତା, ସୁଲଭ, ନିରବଚ୍ଛିନ୍ନ ଓ ଗୁଣାତ୍ମକ ହେବ । କିନ୍ତୁ ଦୁଃଖର କଥା, ଦୀର୍ଘ ୨୮ ବର୍ଷର ବିଦ୍ୟୁତ୍ ସଂସ୍କାର ପରେ ମଧ୍ୟ ଆମ ରାଜ୍ୟରେ ବିଦ୍ୟୁତ୍ ସେବା ଶସ୍ତା, ସୁଲଭ, ଗୁଣାତ୍ମକ ଓ ନିରବଚ୍ଛିନ୍ନ ହୋଇପାରିଲା ନାହିଁ । ତେଣୁ ଏହାକୁ ଆଖି ଆଗରେ ରଖି ଶକ୍ତି ସଚିବ ଆସନ୍ତାକାଲି ଗ୍ରୀଡ୍‌କୋର ଜନଶୁଣାଣି ସମୟରେ ଶୁଳ୍କ ବୃଦ୍ଧି ବିରୁଦ୍ଧରେ ସତ୍ୟପାଠ ଦାଖଲ କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି । ଶକ୍ତିମନ୍ତ୍ରୀ ନିଜେ ହସ୍ତକ୍ଷେପ କରି ଏହି ଶକ୍ତିପାଠ ଦାଖଲ କରିବା ପାଇଁ ଶକ୍ତି ସଚିବଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ଶ୍ରୀ ବେହେରା ଏହି ପ୍ରେସ୍ ବିଜ୍ଞପ୍ତିରେ ଦାବି କରିଛନ୍ତି । ଆଗାମୀ ଗ୍ରୀଷ୍ମ ଋତୁ ଏବଂ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଋତୁ ଆରମ୍ଭ ହେଉଥିବା ଦୃଷ୍ଟିରୁ ଅଘୋଷିତ ବିଜୁଳିକାଟକୁ ବନ୍ଦ କରିବା ପାଇଁ ମଧ୍ୟ ଶ୍ରୀ ବେହେରା ଦାବି କରିଛନ୍ତି ।

# ଜିଲ୍ଲା ସ୍ତରୀୟ ହକାଥାନ ଓ ସହାୟକ ପ୍ରତିଯୋଗିତା କାର୍ଯ୍ୟକ୍ରମ




ନୟାଗଡ, (ପିପିଏସ) : ନୟାଗଡର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଇଟାମାଟି ଶିକ୍ଷା ବୈଷୟିକ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ହକାଥାନ ଓ ସହାୟକ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ପ୍ରଦୀପପ୍ରଜ୍ଜ୍ୱଳନ ଓ ବେଦମନ୍ତ୍ର ଧ୍ୟାନ ସହ ଜିଲ୍ଲା ଶିକ୍ଷା ଅଧିକାରୀ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପର୍ଯ୍ୟବେକ୍ଷକ, ଉପସ୍ଥିତ ଥିବା ଜିଲ୍ଲା ର ୨୯ଗୋଟି ଉଚ୍ଚ ମାଧ୍ୟମିକ ଅଧ୍ୟକ୍ଷ ଅଧ୍ୟାପିକା,ଛାତ୍ରଛାତ୍ରୀ ଓ ବିଚାରକ ମଣ୍ଡଳୀଙ୍କ ସମାବେଶରେ ଶୁଭ ଉଦଘାଟନ କରାଯାଇଥିଲା । ଇଟାମାଟି ଶିକ୍ଷା ବୈଷୟିକ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶୋକ କୁମାର ନାୟକ ସମସ୍ତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ,ତର୍କ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା । ଏହି ପ୍ରତିଯୋଗିତାକୁ ଅଧ୍ୟାପକ ଅଭିମନ୍ୟୁ ସାହୁ, ପ୍ରଶାନ୍ତ କୁମାର ରାଉତ ପରିଚାଳନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଶ୍ରୀଯୁକ୍ତ ରଜନୀକାନ୍ତ ମିଶ୍ର, ଶ୍ରୀଯୁକ୍ତ ଅଜୟ ପଟ୍ଟନାୟକ,ରମେଶ ମହାପାତ୍ର, ଉମର ମଲ୍ଲିକ,ହରେକୃଷ୍ଣ ସାହୁ,ଶ୍ରାବଣ କୁମାର ରାମ ପ୍ରଭୃତି ଛାତ୍ରଛାତ୍ରୀ ମାନଙ୍କର ପ୍ରତିଭାର ମୂଲ୍ୟାଙ୍କନ କରିଥିଲେ ଏବଂ ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ବିଭିନ୍ନ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନେ ହେଲେ ଓଡିଆ ପ୍ରବନ୍ଧ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ନିର୍ଜ୍ଜା ପ୍ରଧାନ (ନୟାଗଡ଼ ଯୁକ୍ତ ଦୁଇ ମହାବିଦ୍ୟାଳୟ), ଦ୍ୱିତୀୟ ସ୍ଥାନ ପ୍ରିୟ ରଞ୍ଜନ ପାଣି (ବୃନ୍ଦାବନ ସୁବୁଦ୍ଧି ଯୁକ୍ତ ଦୁଇ ମହାବିଦ୍ୟାଳୟ ଦଶପଲ୍ଲା), ତୃତୀୟ ସ୍ଥାନ ପ୍ରତ୍ୟୁଷା ପ୍ରଧାନ (ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ), ଓଡିଆ ତର୍କ ପ୍ରତିଯୋଗୀତାରେ ପ୍ରଥମ କଳ୍ପନା ରାଉତ (ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ), ଦ୍ୱିତୀୟ ଦେବାଶିଷ ସ୍ୱାଇଁ (ରଘୁନାଥ ସମବାୟ ଯୁକ୍ତଦସ୍ୱବ ମହାବିଦ୍ୟାଳୟ), ତୃତୀୟ ଲକ୍ଷ୍ମୀ ନାୟକ (କୃଷ୍ଣପ୍ରିୟା ଦେବୀ ମହିଳା ଯୁକ୍ତ ଦୁଇ ମହାବିଦ୍ୟାଳୟ ଦଶପଲ୍ଲା), ଇଂରାଜୀ ପ୍ରବନ୍ଧରେ ପ୍ରଥମ ସୁପ୍ରଭା ବେହେରା (ଓଡିଶା ଆଦର୍ଶ ବିଦ୍ୟାଳୟ ନୟାଗଡ଼), ଦ୍ୱିତୀୟ ଅନନ୍ୟା ନାୟକ (ନୟାଗଡ଼ ଯୁକ୍ତ ଦୁଇ ମହାବିଦ୍ୟାଳୟ), ତୃତୀୟ କୃଷ୍ଣଚନ୍ଦ୍ର ପାଲ (ଶରଣକୁଳ ଯୁକ୍ତଦୁଇ ମହାବିଦ୍ୟାଳୟ), ଇଂରାଜୀ ତର୍କ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅମ୍ରିତା ସ୍ନେହଗଙ୍ଗା (ବୃନ୍ଦାବନ ସୁବୁଦ୍ଧି ଯୁକ୍ତଦୁଇ ମହାବିଦ୍ୟାଳୟ ଦଶପଲ୍ଲା), ଦ୍ୱିତୀୟ ଅର୍ଚ୍ଚନା ପଟ୍ଟନାୟକ (ଗତିଶ୍ୱର ଯୁକ୍ତଦୁଇ ମହାବିଦ୍ୟାଳୟ ମାଳିସାହି), ତୃତୀୟ ସ୍ମୃତିସଙ୍ଘମିତ୍ରା (ରଘୁନାଥ ସମବାୟ ଯୁକ୍ତଦୁଇ ମହାବିଦ୍ୟାଳୟ ଓଡ଼ଗାଁ) ହୋଇ ପୁରସ୍କାର ପ୍ରାପ୍ତ କରିଥିଲେ । ଜିଲ୍ଲା ସ୍ତରୀୟ ହକାଥାନ ପ୍ରତିଯୋଗିତା ରେ ୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।ସେଥି ମଧ୍ୟରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନୟାଗଡ ର ଛାତ୍ର ଶୁଭାଶିଷ ବରାଡ ଏବଂ ବିଷ୍ଣୁ ମଙ୍ଗରାଜ ପ୍ରକଳ୍ପ ପାଇଁ ପ୍ରଥମ ସ୍ଥାନ ଅଧିକାର କରି ୧୫୦୦୦ହଜାର ଟଙ୍କା ପୁରସ୍କାର ପ୍ରାପ୍ତ କରିଥିଲେ । ପଠାଣି ସାମନ୍ତ +୨ ମହାବିଦ୍ୟାଳୟର ଛାତ୍ରୀ ସ୍ୱୟଂଶ୍ରୀ ନନ୍ଦ ସ୍ମାର୍ଟ ଗ୍ରୀନ୍ ହାଉସ ପ୍ରକଳ୍ପ ପାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରି ୧୦୦୦୦ଟଙ୍କା ପୁରସ୍କାର ପାଇଥିଲେ ଏବଂ ବୃନ୍ଦାବନ ସୁବୁଦ୍ଧି ଦଶପଲ୍ଲା ମହାବିଦ୍ୟାଳୟର କୁମାର ପ୍ରଭୁଦତ୍ତ, ସୌମ୍ୟରଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରି ୫୦୦୦ ଟଙ୍କା ପୁରସ୍କାର ପ୍ରାପ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୁକାନ୍ତି କ୍ରିଏସନ ସାଂସ୍କୃତିକ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି,ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ସାହୁ, ଇଟାମାଟି ଗ୍ରାମ ପଞ୍ଚାୟତ ସରପଞ୍ଚ ସ୍ୱପ୍ନେଶ୍ୱରି ସେଠୀ ଏବଂ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ମାନସ ଷଡ଼ଙ୍ଗୀ ଯୋଗଦାନ କରି କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ହକାଥାନର ଏହି ଅଭିନବ ଉଦ୍ୟମକୁ ଅତିଥି ବୃନ୍ଦ ଉଚ୍ଚ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏହା ଯୁବ ପ୍ରତିଭା ମାନଙ୍କୁ ଭବିଷ୍ୟତ ଜୀବନରେ ସଫଳତା ପାଇଁ ପ୍ରୋତ୍ସାହିତ କରିବ ବୋଲି ମତ ପ୍ରକାଶ କରିଥିଲେ ।

# ବାଣୀବିହାର ଆଲୋଚନା ଚକ୍ର ଉପରେ ଏବିଭିପି ଗୁଣ୍ଡାମାନଙ୍କର ଆକ୍ରମଣକୁ ନେଇ ଏସ୍ଏଫଆଇ ଓ ଡ଼ିୱାଇଏଫଆଇର ପ୍ରତିବାଦ




ବ୍ରହ୍ମପୁର, (ପିପିଏସ) : ଆଜି ଏସ୍ଏଫଆଇ ଓ ଡ଼ିୱାଇଏଫଆଇ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ବାଣୀବିହାର ଆଲୋଚନା ଚକ୍ର ଉପରେ ଆକ୍ରମଣ ର ପ୍ରତିବାଦ କାଯ୍ୟକ୍ରମ ଖଲିକୋଟ ମହାବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା, ଏହି ଘଟଣା ଶିକ୍ଷା ଅନୁଷ୍ଠାନ ର ସାନ୍ତି ଓ ଶୃଙ୍ଖଳା ଭଙ୍ଗ କରିବା ସହିତ ସାରା ଦେଶରେ ଓ ରାଜ୍ୟର ସମ୍ମାନ ହାନି ବୋଲି ପ୍ରକାଶ କରିଥିଲେ, ଏହି ଘଟଣା ରେ ଗିରଫ୍ ୦୨ ଜଣ ଏ ବି ଭି ପି ନେତା ଙ୍କର ଅପରାଧ କୁ ଇତିହାସ ସଂଘ ମାନଙ୍କର ଅସଲି ଚରିତ୍ରକୁ ପ୍ରକାଶ କରୁଛି, ଶିକ୍ଷାନୁଷ୍ଠାନର ମାନଙ୍କ ରେ ପ୍ରଗତିଶୀଳ ଓ ବିଜ୍ଞାନ ଚିନ୍ତାଧାରା ପ୍ରସାରକୁ ରୋକିବା ଏବଂ ଅନ୍ଧ ବିଶ୍ୱାସ ଓ ଧର୍ମୀୟ ଭାବନା ସୃଷ୍ଟି କରିବା ପାଇଁ ଚରିତ୍ର ର ଦ୍ୱାହି ଦେଉଥିବ ସଂଗଠନ ଅସାମାଜିକ ବ୍ୟକ୍ତି ଙ୍କୁ ହାତବାରିସି କରୁଛି, ତେଣୁ ଘଟଣା ସହିତ ସଂପୃକ୍ତ ସମସ୍ତ ଅସାମାଜିକ ବ୍ୟକ୍ତି ଙ୍କୁ ଗିରଫ୍ କରି ଦଣ୍ଡ ଦେବା, ଶିକ୍ଷାନୁଷ୍ଠାନ ରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବାକୁ ଦାବୀ କରାଯାଇଚି, ଏହି ପ୍ରତିବାଦରେ ଡ଼ି ୱାଇଏଫଆଇ ର ଜିଲ୍ଲା ସଂପାଦକ ଅଜିତ ପାଣିଗ୍ରାହୀ, ଏସ୍ଏଫଆଇ ନେତା ଚନ୍ଦନ ସ୍ୱାଇଁ, ମନସ ରଞ୍ଜନ ସ୍ୱାଇଁ, ଅଭିମନ୍ୟୁ ଛଟେଇ, ବଳରାମ ସ୍ୱାଇଁ, ଅଲେଖ ପ୍ରଧାନ, ସତ୍ୟ ସ୍ୱାଇଁ, ସନ୍ତୋଷ କୁମାର ସ୍ୱାଇଁ, ଅଜୟ ଗୋଉଡ, ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ରୋଗୀ ଥିବା ଆମ୍ବୁଲାନ୍ସରୁ ଗଞ୍ଜେଇ ଜବତ



ପାରଳାଖେମୁଣ୍ଡି,(ପିପିଏସ୍): ଆମ୍ବୁଲାନ୍ସରେ ଗଞ୍ଜେଇ ଚୋରାଚାଲାଣ, ଏକ ପ୍ରାଇଭେଟ ଆମ୍ବୁଲାନ୍ସ ରେ ଗଞ୍ଜେଇ ଚୋରାଚାଲାଣ ବେଳେ ତାକୁ କାବୁ କରିଛି ପୋଲିସ। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା ଅଞ୍ଚଳ ରେ ଚନ୍ଦ୍ରଗିରି ଡାହାଣୀନାଳ ନିକଟରେ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ ଯାନ ବାହନ ଯାଞ୍ଚ କରୁଥିବା ବେଳେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଆମ୍ବୁଲାନ୍ସ କୁ ସନ୍ଦେହ ରେ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଆମ୍ବୁଲାନ୍ସ ରେ ୭ କେଜି ଗଞ୍ଜେଇ ଥିବା ଜଣାପଡିଥିଲା। କେଶରୀଗୁଡା ପଞ୍ଚାୟତ ଡେକାବନ୍ଧ ର ମିଖାଏଲ ରାଇତ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ତାଙ୍କ ଭଣଜା ଏବଂ ସମ୍ପର୍କୀୟ ସହ ବ୍ରହ୍ମପୁର ଯାଉଥିଲେ, କୌଣସି ସୂତ୍ର ରୁ ଖବର ପାଇ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ ଆମ୍ବୁଲାନ୍ସଟିକୁ ଯାଞ୍ଚ କଲାବେଳେ ତା ମଧ୍ୟରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଏହି ଗଞ୍ଜେଇ ବ୍ରହ୍ମପୁର ଚାଲାଣ ହେଉଥିବା ସୂଚନା ମିଳିଛି। ଜବତ ଆମ୍ବୁଲାନ୍ସ ଟିରେ ବ୍ରହ୍ମପୁର ଖ୍ରୀଷ୍ଟିଆନ ହସ୍ପିଟାଲ ର ନାମ ଫଳକ ଥିବା ଦେଖା ଯାଇଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଡ୍ରାଇଭର କରଞ୍ଜସାହି ର ପ୍ରଶାନ୍ତ ମାଝୀ, କଣ୍ଟାସାରୁ ର ଜିଖରୀୟ ମଳିକ ଏବଂ ଡେକାବନ୍ଧ ଗ୍ରାମର ରୋଗୀ ମିଖାଏଲର ଭଣଜା ପାଉଲ ଦଳେଇକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ନୋ ପାର୍କିଙ୍ଗ ବୋର୍ଡ ରହିଥିଲେ ସୁଦ୍ଧା ବ୍ୟାଙ୍କ ସମ୍ମୁଖରେ ଗାଡି ପାର୍କିଙ୍ଗ, ବଢୁଛି ଟ୍ରାଫିକ ସମସ୍ୟା

କଣ୍ଟାବାଞ୍ଜି (ପିପିଏସ୍): କଣ୍ଟାବାଞ୍ଜି ସହରରେ ମୁଣ୍ଡ ବ୍ୟଥା ହୋଇଛି ଟ୍ରାଫିକ ସମସ୍ୟା। ବେଆଇନ ପାର୍କିଙ୍ଗ ରାସ୍ତାକୁ ମାଡି ବସୁଛି, ଯାହାଫଳରେ ରାସ୍ତା ପ୍ରସ୍ତତା ସଂକୀର୍ଣ୍ଣ ହୋଇ ବୃଦ୍ଧି ପାଉଛି ଟ୍ରାଫିକ ଭଳି ସମସ୍ୟା। ସହର ରାସ୍ତା ହେଉ କି ସାଧାରଣ ରାସ୍ତା ସବୁଠି ଏକଭଳି ବେଆଇନ ପାର୍କିଙ୍ଗ ଦୃଶ୍ୟ। ସହରରେ ସାଇଁ ଛକ ରାସ୍ତାରେ ରହିଥିବା ବ୍ୟାଙ୍କ ଶାଖା ବିଶିଷ୍ଟ ରାଧେରୁକ୍ମଣୀ କଂପ୍ଲେକ୍ସ, ଏହି କଂପ୍ଲେକ୍ସରେ ରହିଛି ଏସ ବି ଆଇ ବ୍ରାଞ୍ଚ ଶାଖା, ଏଚ୍‌ଡିଏଫସି ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା, ଗୋଲଡ଼ ଲୋନ ବ୍ୟାଙ୍କ ଓ ଏହା ସହିତ ରହିଛି ଦୁଇଟି ଏ ଟି ଏମ।




ଗୁଡ଼ାଏ ଶାଖା ରହିଛି କିନ୍ତୁ ପାର୍କିଙ୍ଗ ଜାଗା ନ ରହିଥିବାରୁ ବ୍ୟାଙ୍କ କର୍ମଚାରୀ ହେଉ କି ଗ୍ରାହକ ସମସ୍ତଙ୍କ ଗାଡି ପାର୍କ ହେଉଛି ରାସ୍ତା ଉପରେ। ଏନଏସି ପକ୍ଷରୁ ଲାଗିଛି ନୋ ପାର୍କିଙ୍ଗ ବୋର୍ଡ। ନୋ ପାର୍କିଙ୍ଗ ଜୋନ ନିର୍ଦ୍ଦେଶ ସୁଦ୍ଧା ଗାଡି ମାନଙ୍କ ଭିଡ଼ ସବୁ ଦିନିଆ ଦୃଶ୍ୟ, ଫଳରେ ଯୋତା ଯାତ ଜନିତ ବାଧା ସୃଷ୍ଟି ହେଉଛି। ପାର୍କିଙ୍ଗ ସୁବିଧା ବିଷୟରେ ବ୍ୟାଙ୍କ କର୍ମଚାରୀ ମଧ୍ୟ କିଛି କହୁନାହାନ୍ତି। ଆର ବି ଆଇ ନିୟମରେ ପାର୍କିଙ୍ଗ ଏରିଆ ଗୁରୁତ୍ୱପୂର୍ଣ୍ଣ, ଗ୍ରାହକ ସୁବିଧା ନିୟମ ସର୍ତ୍ତାବଳି ରେ ଅଯୋଗ୍ୟ , ୧୩ ବର୍ଷ ରୁ ଅଧିକ ସମୟ ବ୍ୟତୀତ ପରେ ବି କାହିଁକି ହେଉ ନି ବ୍ୟାଙ୍କ ଶାଖା ବିଶଷ୍ଟ ରାଧେୟ ରୁକ୍ମଣୀ କଂପ୍ଲେକ୍ସରେ ବାହନ ପାର୍କିଙ୍ଗ ବ୍ୟବସ୍ଥା ଭଳି ପ୍ରଶ୍ନ ସାଧାରଣରେ ଉଠୁଛି, ସମ୍ପୃକ୍ତିତ ବିଭାଗ ଓ ଏନ୍‌ଏସି କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

## ଏସ୍‌ଏସ୍‌ଭିଏମ୍ ଠାରେ କନ୍ୟା ଶିବିର ଅନୁଷ୍ଠିତ

କନ୍ଧମାଳ (ହି.ସ.): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଫୁଲବାଣୀ ପରିସରରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ କନ୍ଧମାଳ ଜିଲ୍ଲାର ଜିଲ୍ଲା ପ୍ରମୁଖ ଇନ୍ଦ୍ରମଣି ନାୟକ, ମାତୃ ଭାରତୀର ସଭାପତି ପ୍ରମିଳା ବେହେରା, ସମ୍ପାଦକ କଳ୍ପଲତା କର ଉପସ୍ଥିତ ଥିଲେ। ପ୍ରାୟ ୭୦ ଜଣ ଭଉଣୀ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତା ଯଥା ଅଳତା ଲଗାଇବା, ଝୋଟି, ଶାଢ଼ୀ ପିନ୍ଧା, ଖାଦ୍ୟ ପ୍ରସ୍ତୁତି ଓ ବ୍ୟବସାୟିକ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ସମାରୋପ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ କଳ୍ପନା ଦଳେଇ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜ୍ୟୋସ୍ନାରାଣୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଫିରିଙ୍ଗିଆ ମହାବିଦ୍ୟାଳୟର ଅଧ୍ୟାପିକା ହରପ୍ରିୟା ମିଶ୍ର, ଅନୁଷ୍ଠାନର ସମ୍ପାଦକ ବିରଂଚି ନାରାୟଣ ମିଶ୍ର, ଜିଲ୍ଲା ପ୍ରମୁଖ ଇନ୍ଦ୍ରମଣି ନାୟକ ଉପସ୍ଥିତ ଥିଲେ। ବିଚାରକ ଭାବେ ବିରିଗାଁର ବିଜ୍ଞାନ ଶିକ୍ଷୟିତ୍ରୀ ସବିତା ସାହୁ, କଳ୍ପଲତା କର, ରଶ୍ମିତା ମହାନ୍ତି, ସୁଦେଷ୍ଣା ମିଶ୍ର, ପ୍ରମିଳା ଦଳ ବେହେରା ସହଯୋଗ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ପ୍ରଧାନ ଆଚାର୍ଯ୍ୟ ଦକ୍ଷିଣ ପୂର୍ବ ସମ୍ଭାଗର ବାଳିକା ଶିକ୍ଷ୍ୟ ସଂଯୋଜିକା ବୈଜୟନ୍ତି ସାମନ୍ତରାୟଙ୍କ ସଂଯୋଜନା ତଥା ସମସ୍ତ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ବିଦେଶରେ ସମସ୍ତଙ୍କ ମନମୋହିଲେ ପାରଳାର ନୃତ୍ୟଶିଳ୍ପୀ



ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ରର ଗୁରୁ ସୁଶ୍ରୀ ଡ଼ି. ପ୍ରିୟଙ୍କା ଏବଂ ଓଡ଼ିଶାର ବିଶିଷ୍ଟ ନୃତ୍ୟଗୁରୁ ଡକ୍ଟର ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କର ମିଳିତ ଆନୁକୂଲ୍ୟରେ ଏହି ଅନୁଷ୍ଠାନର ୬ ଜଣ ନୃତ୍ୟଶିଳ୍ପୀ ଯଥା ବିଷ୍ଣୁପ୍ରିୟା ମଣ୍ଡଳ, ତନିଷା ବେବର୍ତ୍ତା, ଶୁଭଶ୍ରୀ ପାଣିଗ୍ରାହୀ, ସ୍ୱପ୍ନାରାଣୀ ପାଣିଗ୍ରାହୀ,ରିଶିତା ପାତ୍ର ଓ ଅନେଷ୍ଣା ଅନୋହିତା ସାହୁ ମାଲେସିଆ ଗସ୍ତରେ ଯାଇଥିଲେ। ଶିରିଡ଼ି ସାଇବାବା ସେଣ୍ଟର୍ ଦ୍ୱାର ମାଲେସିଆର କୁଆଲା ଲୁମ୍ପୁପୁର ଠାରେ ଆୟୋଜିତ ଇଣ୍ଡିଆନ୍ ଡାନ୍ସ ଫେଷ୍ଟିଭାଲ ୨୦୨୩ ରେ ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହେବା ସହିତ ମାନପତ୍ର ଓ ଉପଢ଼ୌକନରେ ସମ୍ମାନିତ ହୋଇଥିଲେ। ସେହିପରି ହିନ୍ଦୁସ୍ଥାନ ଆର୍ଟ ଏଣ୍ଡ ମ୍ୟୁଜିକ୍ ସୋସାଇଟି ଏଣ୍ଡ ହାଇ କମିଶନ ଅଫ ଇଣ୍ଡିଆ, କୁଆଲା ଲୁମ୍ପୁପୁର୍‌ର ମିଳିତ ଆନୁକୂଲ୍ୟରେ ସନ୍ତାନନ୍ଦ ଅଡିଟୋରିୟମ, ଟେମ୍ପଲ୍ ଅଫ ଫାଇନ ଆର୍ଟସ ଠାରେ ଭାରତ ସଂସ୍କୃତି ଯାତ୍ରା (ଗ୍ଲୋବାଲ ଫେଷ୍ଟିଭାଲ) ରେ ଏହି ନୃତ୍ୟାଙ୍ଗନାମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଓଡ଼ିଶା ତଥା ଗଜପତି ଜିଲ୍ଲା ପାଇଁ ସୁଖ୍ୟାତି ଆଣିଦେଇଛନ୍ତି । ଏତଦ୍ ବ୍ୟତୀତ ଗୁରୁ ସୁଶ୍ରୀ ଡ଼ି. ପ୍ରିୟଙ୍କା ଙ୍କୁ ପଦ୍ମଶ୍ରୀ ରମଲି ଇବ୍ରହିମ୍ ଏବଂ କାଉନସିଲର (କମ୍ୟୁନିଟି ଆଫାୟର୍ସ ଆଣ୍ଡ ଲେବର) ଇଣ୍ଡିଆନ୍ ହାଇ କମିଶନ ମିସ୍ ଅର୍ମ୍ରିତା ଦାସ ଙ୍କ ଦ୍ୱାରା ଉପଢ଼ୌକନ, ମାନପତ୍ର ଏବଂ ଫଳକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ପ୍ରକାଶ ଯୋଗ୍ୟ ରେ ଏହି ଅନୁଷ୍ଠାନ କଳାକାର ମାନେ ପୂର୍ବରୁ ଅନେକ ଥର ବିଦେଶ ରେ କଳା ପ୍ରଦର୍ଶନ କରି ସୁନାମ ଅର୍ଜନ କରିବା ସହ ପାରଳାଖେମୁଣ୍ଡି ପରି ଉପାନ୍ତ ଅଞ୍ଚଳରେ ମଧ୍ୟ ବିଦେଶ ରୁ କଳାକାର ମାନଙ୍କୁ ଆଣି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥାନ୍ତି, କଳାକାର ମାନେ ବିଦେଶ ରୁ କଳା ପ୍ରଦର୍ଶନ କରି ଫେରିବା ପରେ ଜିଲ୍ଲା ର ବିଭିନ୍ନ ଅନୁଷ୍ଠାନ ଓ କଳାପ୍ରେମିଙ୍କ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଗଜପତି ପ୍ରଶାସନର ବାଲ୍ୟ ବିବାହକୁ ବନ୍ଦ କରିବାକୁ ପ୍ରୟାସ ଜାରି




ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲାରେ ପ୍ରଶାସନ ବାଲ୍ୟ ବିବାହକୁ ବନ୍ଦ କରିବାକୁ ଅହରହ ପ୍ରୟାସ ଯାରି ରଖିଛନ୍ତି। କିନ୍ତୁ ପରିତାପର ବିଷୟ କି କେତେକ ଶିକ୍ଷିତ ସରକାରୀ ଶିକ୍ଷକ ଏହାକୁ ଖୋଲମଖୋଲା ଗାଁ ଗହଳିରେ ଘଟି ଆସୁଥିବକ୍ଷ ନାବାଳିକା ଓ ନାବାଳକ ବାପା, ମା'ଙ୍କୁ ଦୁଃଖ ଦେଇ ଲୁଚି ପଳେଇଯାଇଥିବ। ବିଷୟକୁ ସମର୍ଥନ ଜଣାଉଛନ୍ତି। ଯେଉଁ ଶିକ୍ଷକଙ୍କ ଉପରେ ପିଲାଙ୍କ ଉତ୍ତମ ଭବିଷ୍ୟତ ଗଢିବାର ଦାୟିତ୍ୱ ଥିବାବେଳେ ଏହିପରି ଘୃଣ୍ୟ କାର୍ଯ୍ୟକୁ ସମର୍ଥନ ଦେଇଥିବା ଶିକ୍ଷକଙ୍କ ପାଇଁ ପୁରା ଶିକ୍ଷକ ଗୋଷ୍ଠି ଉପରେ ଊଂଗୁଳି ଉଠିବା ପର୍ବରୁ ଶିକ୍ଷକର ପରିଭାଷା ବୁଝିନେବକ୍ଷ ଉଚିତ୍।

## ରାୟଗଡ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଶ୍ରୀମୀନା ଝୁଲାରେ ପ୍ରଥମଥର ପାଇଁ ହେବ ତ୍ରିବେଣୀ ମହୋତ୍ସବ

ରାୟଗଡ (ପିପିଏସ୍): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ହନୁମନ୍ତପୁର ଗ୍ରାମପଞ୍ଚାୟତ ଅବବାହିକାରେ ତଥା ଗୁଡ଼ାରୀ ବ୍ଲକ ସୀମାନ୍ତରେ ଅବସ୍ଥିତ ଐତିହାସିକ ପ୍ରାଚୀନ ଶୈବପୀଠ ଶ୍ରୀମୀନାଝୋଲାରେ ଜାଗରମେଳା ତଥା ମହାଶିବରାତ୍ରି ଯାତ୍ରା ଉପଲକ୍ଷେ ଆସନ୍ତା ଫେବୃୟାରୀ ୧୭-୨୦୨୩ ତାରିଖ ଅପରାହ୍ନ ୪ଘଣ୍ଟା ସମୟରେ କଳାକ୍ଷେତ୍ର ଭୁବନେଶ୍ୱର ଏବଂ ପ୍ରେସ କ୍ଲବ୍ ଚନ୍ଦ୍ରପୁର ତତ୍ୱା ବଧାନରେ ରାୟଗଡ଼ା ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ପ୍ରଶାସନର ସହାୟତାରେ ପ୍ରଥମଥର ଲାଗି ତ୍ରୀବେଣୀ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସୁଯୋଗ୍ୟ ସନ୍ତାନ ତଥା ଓଡ଼ିଶାର ସୁନାମ ଧନ୍ୟ ଗୀତିକାର, କଣ୍ଠଶିଳ୍ପୀ ଓ ଅଭିନେତା ଶ୍ରୀ ବାସୁଦେବ ମାଳ ବିଶୋଇଙ୍କ ଦ୍ୱାରା ରଚିତ ୭ଗୋଟି ଶିବ ଭଜନ ଲୋକାର୍ପିତ ହେବାକୁ ଯାଉଥିବା ବେଳେ କାର୍ଯ୍ୟକ୍ରମକୁ ଅତି ରିତ କରିବା ନିମନ୍ତେ ଓଡ଼ିଶାର ଜଣାଶୁଣା ଏବଂ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଶ୍ରୀଚରଣ ଅନ୍ତରା, ପ୍ରତିଭା ଅନୁରାଧା ବିରାଜିନି ଓ ବାସୁଦେବ ମାଳବିଶୋଇ ମଞ୍ଚରେ ଭଜନ ପରିବେଷଣ କରିବା ସୂଚନା ମିଳିଛି । ସୂଚନା ମୁତାବକ ଉକ୍ତ କାର୍ଯ୍ୟକ୍ରମ ପ୍ରେସ କ୍ଲବ୍ ଚନ୍ଦ୍ରପୁର ଏବଂ କଳାକ୍ଷେତ୍ର ଭୁବନେଶ୍ୱରର ମିଳିତ ଉଦ୍ୟମରେ ଶ୍ରୀ ବାସୁଦେବ ମାଳ ବିଶୋଇଙ୍କ ତତ୍ୱା ବଧାନରେ ଏବଂ ସ୍ଥାନୀୟ ବିଧାୟକ ଶ୍ରୀ ରଘୁନାଥ ଗମାଙ୍ଗଙ୍କ ସଭାପତିତ୍ୱରେ ଆୟୋ ଜିତ ହେଉଥିବା ସୂଚନା ମିଳିଛି । ଉକ୍ତ ଉତ୍ସବରେ ସ୍ଥାନୀୟ ବିଧାୟକ, ମନ୍ତ୍ରୀ ଓ ଜିଲ୍ଲାପାଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଉତ୍ସବକୁ ରିତ କରିବା ପାଇଁ ୩୦ ଗୋଟି ଜିଲ୍ଲାର ବଛା ବଛା ନାମିଦାମୀ କଳାକାର ଓ ସାଂସ୍କୃତିକ ଦଳମାନ ଯୋଗ ଦେବାର ପ୍ରୟାସ ଜାରି ରହିଛି । ମହୋତ୍ସବକୁ ଅଧିକ ଲୋକାଭିମୁଖୀ ସହ ଅଗ୍ରଗତି ନିମନ୍ତେ ପ୍ରେସ କ୍ଲବ୍ ସଭାପତି ଶ୍ରୀ ପ୍ରମୋଦ କୁମାର ସାହୁକାର, ସମ୍ପାଦକ ଶ୍ରୀ ବିଜୟ ଉଲାକା ଓ ମିନାଝୋଲା ସ୍ଥିତ ଜନକଲ୍ୟାଣ ଆଶ୍ରମର ପ୍ରତିଷ୍ଠାତା ବାବା ଜନକା ନନ୍ଦ ଗିରି ଅହରହ ଲାଗିପଡ଼ିଥିବା ବେଳେ ସ୍ଥାନୀୟ ବିଡ଼ିଓ ଏବଂ ସମିତି ଅଧକ୍ଷ ତଦାରଖ କରୁଛନ୍ତି । ପ୍ରଥମ ତ୍ରୀବେଣୀ ମହୋତ୍ସବର ପ୍ରତିଷ୍ଠାତା ମୁଖ୍ୟ ଆୟୋଜକ ଶ୍ରୀ ବାସୁଦେବ ମାଳବିଶୋଇଙ୍କ ଠାରୁ ବୁଝିଥିଲୁ ମହୋତ୍ସବକୁ ସଫଳ ଦିଗରେ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବ୍ଲକ ପ୍ରଶାସନ, ଏଓରଞ୍ଜ, ଗଓଞ୍ଜ୍‌ ଏବଂ ଜନ ପ୍ରତିନିଧି ମାନଙ୍କ ଯଥେଷ୍ଟ ଭୂମିକା ଓ ପ୍ରେରଣା ରହିଥିବା ମତବ୍ୟକ୍ତ କରିଛନ୍ତି। ଉକ୍ତ ଲୋକାର୍ପଣ କାର୍ଯ୍ୟକ୍ରମକୁ ୨୨ ଗଟି ଦେଶରେ ଲାଇଭ ମାଧ୍ୟମରେ ପ୍ରସାରଣ ହେବା ସ୍ଥିର ହୋଇଥିବା ଜଣାପଡିଛି ।



## ନୂଆପଡା ପୋଲିସ ଦ୍ୱାରା ୧୯ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

ନୂଆପଡା, ( ହି.ସ): ନୂଆପଡା ଜିଲ୍ଲା ପୋଲିସ , ଜିଲ୍ଲାର ବିଭିନ୍ନ ସ୍ଥାନରେ ଗାଡି ଚେକିଂ ବେଳେ ମୋଟର ଭେଇକିଲ ନିୟମକୁ ଅମାନ୍ୟ କରିବା ଅପରାଧରେ ଜିଲ୍ଲା ପୋଲିସ ସମୁଦାୟ ୧୯ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରିଛି । ଏହା ସହିତ ଗାଡି ଚେକିଂ ବେଳେ ୩ ଜଣ ନିୟମ ଉଲଙ୍ଘନ କାରୀଙ୍କର ଡ୍ରାଇଭିଂ ଲାଇସେନ୍ସ କ୍ୟାନସେଲ କରାଯାଇଅଛି । ସୋମବାର ମଦ ପାନ କରି ଗାଡି ଚଲାଉଥିବା ଅପରାଧରେ ୧୯ ଜଣ ଲୋକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପୋଲିସ ପକ୍ଷରୁ ସୁଚନା ଦିଆଯାଇଛି । ଜିଲ୍ଲାରେ ୨ ଜଣଙ୍କ ନାମରେ ୨ ଗୋଟି ଅବକାରୀ ମାମଲା ରୁଜୁରାଯିବା ସହ ୪୧.୬୦୦ ଲିଟର ମଦ ଜବତ କରାଯାଇଛି ବୋଲି ଏ ସଂପର୍କରେ ନୂଆପଡା ପୋଲିସ୍ ଦ୍ୱାରା ଟ୍ୱିଟ କରି ସୂଚନା ଦିଆଯାଇଛି ।

## ସ୍ୱାସ୍ଥ୍ୟମନ୍ତ୍ରୀ ନବଦାସଙ୍କୁ ଆଇନ ମହାବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳୀ




ସମ୍ବଲପୁର (ପିପିଏସ୍): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଲାଲା ଲଜପତରାୟ ଆଇନ ମହାବିଦ୍ୟାଳୟର କନଫରେନ୍ସ ହଲ୍ ରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅକାଳ ବିୟୋଗରେ ସୋମବାର ଦିନ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ବିଜୟାନନ୍ଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ଼ଃ ଆଦିତ୍ୟ ପ୍ରସାଦ ପାଢ଼ୀ, ବରିଷ୍ଠ ଶିକ୍ଷାବିତ୍ ଶ୍ରୀ ଅରବିନ୍ଦ ମହାପାତ୍ର, ଭକ୍ତ ପ୍ରସାଦ ନନ୍ଦ ଏବଂ ପ୍ରଫେସର ଶ୍ରୀକାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ । ମହାବିଦ୍ୟାଳୟର ସହକାରୀ ଅଧ୍ୟାପକ ଡଃ. ଲକ୍ଷ୍ମୀକାନ୍ତ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ନବ କିଶୋର ଦାସଙ୍କ ଫଟୋଚିତ୍ରରେ ବସ୍ତ୍ର ପ୍ରଦାନ ସହ ପୁଷ୍ପ ମାଲ୍ୟା ଅର୍ପଣ କରି ଦୀପ ପ୍ରଜ୍ୱଳନ କରିଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ୧୯୮୯ ରୁ ୧୯୯୩ ମସିହା ପର୍ଯ୍ୟନ୍ତ ଆଇନ ମହାବିଦ୍ୟାଳୟରେ ଆଇନ ପାଠ୍ୟକ୍ରମରେ ଅଧ୍ୟୟନ କରି ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କ ସହପାଠୀମାନେ କହନ୍ତି ଯେ ; ସେ ଛାତ୍ର ଅବସ୍ଥାରେ ଛାତ୍ର ସଂସଦ ନିର୍ବାଚନରେ ଲଢ଼ି ନ ଥିଲେ । ଏହା ବ୍ୟତୀତ ବିଦ୍ୟାଳୟ ପାଠପଢ଼ା ସମୟରୁ ଶିକ୍ଷକମାନଙ୍କୁ ସମ୍ମାନ ଦେଉଥିଲେ । ବ୍ୟକ୍ତି ବିଶେଷରେ ସେ ସମସ୍ତଙ୍କର ଗ୍ରହଣୀୟ ହୋଇପାରିଥିଲା ଏବଂ ଅନ୍ୟମାନଙ୍କୁ କିପରି ନିଜ କଥାରେ ପ୍ରଭାବିତ କରାଯାଇପାରେ , ସେହି କଳା ମଧ୍ୟ ତାଙ୍କ ପାଖରେ ରହିଥିଲା । ଯାହା ସହଜରେ ତାଙ୍କ କଥାକୁ ଅନ୍ୟମାନେ ମାନି ନେଉଥିଲେ । ପଶ୍ଚିମ ଓଡ଼ିଶା ଆଜି ଏକ ପ୍ରବୀଣ, ପ୍ରମୁଖ ଓ ଦକ୍ଷତା ପୂର୍ଣ୍ଣ ବ୍ୟକ୍ତିଙ୍କୁ ହରାଇଛି । ଅବିଭାଜିତ ସମ୍ବଲପୁର ଜିଲ୍ଲା ସମୟରେ ଏକ ପ୍ରଗତିଶୀଳ ?ଯୋଜନାକୁ ସଫଳ କରିବାର ଚେଷ୍ଟା ଅକ୍ଷୁର୍ଣ୍ଣ ରହିଲା । ଆଇନର ଛାତ୍ର ଥିଲେ ମଧ୍ୟ ଆଇନ ବୃତ୍ତିରେ ଯୋଗ ଦେଇ ନ ଥିଲେ। କିନ୍ତୁ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ପ୍ରତି ତାଙ୍କର ଅଶେଷ ସମ୍ମାନ ରହିଥିଲା ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ । ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ନବଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ପର୍ଯ୍ୟନ୍ତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ନିରବ ପ୍ରାର୍ଥନା କରିଥିଲେ ।

## ୧୩ କିଗ୍ରା ଗଞ୍ଜେଇ ଜବତ, ୩ ଯୁବକ ଗିରଫ

କନ୍ଧମାଳ, (ହି.ସ.): ଖଜୁରୀପଡା ଥାନା ଅଧିନସ୍ଥ ଦୁତିମେଣ୍ଡି ଠାରେ ଗଞ୍ଜେଇ ସହ ୩ ଯୁବକଙ୍କୁ ଖଜୁରୀପଡା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ବସ ଯୋଗେ ଯିବାପାଇଁ ମୟୂରଭଞ୍ଜ କପ୍ତିପଦା ଅଂଚଳର ୩ ଯୁବକ ଗଞ୍ଜେଇ ଧରି ଦୁତିମେଣ୍ଡି ଠାରେ ଅପେକ୍ଷା କରିଥିବାବେଳେ ପୋଲିସ ସେମାନଙ୍କୁ ସନ୍ଦେହରେ ଧରି ଥାନାକୁ ଆଣି ପଚରାଉଚରା କରିଥିଲା। କିନ୍ତୁ ପୂର୍ବରୁ ସୁଚନା ପାଇ ପୋଲିସ ଏକ ଘରୋଇ ବସକୁ ଅଟକାଇ ତନଖି କରୁଥିବା ବେଳେ ସବ୍‌ଇନସ୍ପେକ୍ଟର ଦୀନବନ୍ଧୁ ପ୍ରଧାନ ଏବଂ ଜଣେ କନେଷ୍ଟବଳ ଦୁତିମେଣ୍ଡିକୁ ବାଇକ୍ ରେ ଯାଇ ଯୁବକ ମାନଙ୍କୁ ଆଣି ଯାଂଚ କରିଥିବା ବେଳେ ବ୍ୟାଗରୁ ସମୁଦାୟ ୧୩ କେଜି ଗଂଜେଇ ରହିଥିବା ପୋଲିସ ସୁଚନା ଦେଇଛି। କପ୍ତିପଦା ଅଂଚଳର ବିରେନ କୁମାର ନାୟକ, ଧିରେନ କୁମାର ନାୟକ ଏବଂ ତପନ କୁମାର ପାତ୍ରଙ୍କ ନାମରେ ୧୯/୨୩ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ସବଇନସ୍ପେକ୍ଟର ଉଦ୍ଧବ କୁମାର ଯାନୀ ଏହି ମାମଲାର ତଦନ୍ତ କରୁଥିବା ସୂଚନା ଖଜୁରୀପଡା ଥାନା ଅଧିକାରୀ ଗେଲ୍ଲି କୁମାରୀ ସାହୁ ସୂଚନା ଦେଇଛନ୍ତି।

## ଇମ୍ପେରିଆଲ କ୍ଲାସିକ ୨୦୨୩ ଉଦ୍‌ଯାପିତ



ବଲାଙ୍ଗୀର (ପିପିଏସ୍): ସ୍ଥାନୀୟ ଟାଉନ ହଲଠାରେ କଳିଙ୍ଗ ବଡି ବିଲ୍ଡିଂ ସଂଘ ଦ୍ୱାରା ଆୟୋଜିତ ଇମ୍ପେରିଆଲ କ୍ଲାସିକ ୨୦୨୩ ଉଦଯାପତି ହୋଇଯାଇଛି । ଏଥିରେ ଗଞ୍ଜାମର ବ୍ରଜବନ୍ଧୁ ସୁଆର ପୁରୁଷ ବିଭାଗରେ ଚମ୍ପିଆନ ଅଫ ଚମ୍ପିଆନ୍ସ ବିବେଚିତ ହୋଇଥିବା ବେଳେ ବଲାଙ୍ଗିର ର କଲ୍ୟାଣି ଦାସ ମିସ ଇମ୍ପେରିଆଲ କ୍ଲାସିକ ଆକ୍ଷା ଅର୍ଜନ କରିଛନ୍ତି । କେନ୍ଦ୍ରୀୟ ପୋଲିସ ବଳର କମାଣ୍ଡେନ୍ଟ ଅଫିସର ପବନ ତିୱାରି ମୁଖ୍ୟ ଅତିଥି ରୁପେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । କଳିଙ୍ଗ ବଡି ବିଲ୍ଡିଂ ଓ ଫିଟନେସ ସଂଘର ସାଙ୍ଗଠନିକ ସଂପାଦକ ବାଳକୃଷ୍ଣ ବାଗଙ୍କ ପରିଚାଳନା ତଥା ଜିଲ୍ଲା ସଭାପତି ଗୋପାଳ ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ପ୍ରାୟ ୧୫୦ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ୧୧ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା । ଦ୍ୱିତୀୟ ଦିନ ସକାଳୁ ସଂଘ ପକ୍ଷରୁ ପ୍ରତିଯୋଗୀମାନେ ଏକ ଶୋଭା ଯାତ୍ରାରେ ବାହାରି ସମାଜକୁ ସୁସ୍ଥ ଶରୀରର ବାର୍ତ୍ତା ଦେଇଥିଲେ । ପରେ ପରେ ସମସ୍ତ ପ୍ରତିଯୋଗୀଙ୍କ ଓଜନ ଓ ଉଚ୍ଚତା ମାପ କରି ପୁରୁଷ ବିଭାଗରେ ୯ଟି ଭେଟରାନଙ୍କ ପାଇଁ ଗୋଟିଏ ବର୍ଗ ନିର୍ଦ୍ଧାରିତ କରାଯାଇଥିଲା । ମହିଳାମାନଙ୍କ ପାଇଁ ଫିଟନେସ ଟେଷ୍ଟ ହୋଇଥିଲା । ତନ୍ମଧ୍ୟରୁ ଗଞ୍ଜାମର ବ୍ରଜବନ୍ଧୁ ସୁଆର ଚମ୍ପିଆନ ଅଫ ଚମ୍ପିଆନ, ସମ୍ବଲପୁର ର ଶଙ୍କର ମେହେର ରନର୍ସ ଅପ, ସମ୍ବଲପୁରର ଅନିଲ ବାଗ ମୋଷ୍ଟ ମସ୍କୁଲାର ଓ କଳାହାଣ୍ଡିର ଦେବେନ ନାଏକ ମୋଷ୍ଟ ଇମ୍ପେରିଆଲ ବିବେଚିତ ହୋଇଥିଲେ । ସେହିପରି ମହିଳା ବିଭାଗରେ ବଲାଙ୍ଗିରର କଲ୍ୟାଣି ଦାସ ମିସ ଇମ୍ପେରିଆଲ ଆଖ୍ୟା ଅର୍ଜନ କରିଥିଲେ । ଉଦଯାପନି ଉତ୍ସବରେ ରାଜ୍ୟ ଟ୍ରକ ସଂଘ ସଭାପତି ବିରେନ୍ଦ୍ର ମିଶ୍ର ସମ୍ମାନୀତ ଅତିଥି ରୁପେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

## ମାହେଶ୍ୱରୀ ସଂଗଠନର ନିଆରା ପ୍ରତିଯୋଗିତା



ବଲାଙ୍ଗୀର (ପିପିଏସ୍): ବଲାଙ୍ଗିର ର ଅଗ୍ରଣୀ ଅନୁଷ୍ଠାନ ମାହେଶ୍ୱରୀ ସଂଗଠନନ ଆଜି ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଏକ ନିଆରା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । କୋଶଲାଞ୍ଚଳର ଲୁପ୍ତ ପ୍ରାୟ ବେଶଭୁଷା ଆୟ ଅଳଙ୍କାର ବୃତ୍ତି ବ୍ୟବସାୟରୁ ଲୋକଲୋଚନକୁ ଆଣିବା ପାଇଁ ଏକ ପ୍ରତିଯୋଗିତା କଲେଜ ଛାତ୍ର ଛାତ୍ରୀଙ୍କ ମଧ୍ୟ ରେ ହୋଇଥିଲା । କୋଶଲି ପିନ୍ଧନ ନାମରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ କଳାକାର, ଦର୍ଶକ, ସଂସ୍କୃତି ପ୍ରେମୀ ତଥା ଗବେଷକଙ୍କ ମଧ୍ୟରେ ଏକ ବିଶେଷ ଆଗ୍ରହ ସୃଷ୍ଟି କରିଥିବା ଦେଖାଦେଇଥିଲା । ଜିଲ୍ଲାର ଅନେକ କଲେଜ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରି ଏକ ନୂଆ ଅନୁଭୂତି ପାଇପାରିଥିଲେ । ଚଳିତ ବର୍ଷ ଶ୍ରୀକୋଶଲି ଭାବେ ଭୁବନେଶ୍ୱର ପ୍ରଧାନ ତଥା ସୁଶ୍ରୀ କୋଶଲି ଭାବେ ସିମା ମଲ୍ଲିକ ବିବେଚିତ ହୋଇଥିଲେ । ବିଚାରକ ଭାବେ ହରେକୃଷ୍ଣ ସାହୁ, ଯାଜ୍ଞସେନୀ ମହାପାତ୍ର ତଥା ସସ୍ମିତା ସାହୁ ଦାୟିତ୍ୱ ତୁଲାଇଥିଲେ । ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ କୋଶଲି ଲୋକ ସଂସ୍କୃତି ଗବେଷକ ଗୁରୁଶ୍ରୀ ଘାସିରାମ ମିଶ୍ର, ରସରାଜ ଅଚ୍ୟୁତ ପୁରୋହିତ, ବରିଷ୍ଠ ସାମ୍ବାଦିକ ଗୋପାଳ ପଧାନ, ବରିଷ୍ଠ ଲୋକକଳାକାର ବାସୁଦେବ ସା ପ୍ରମୁଖ ଉପସ୍ଥିତ ଥିଲେ । ସକାଳୁ ହୋଇଥିବା (ରିପୋଟିଂ) ପ୍ରତିଯୋଗିତାରେ ଅହିଂସା ଜୈନ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ରେ ତୃପ୍ତିମୟୀ ମହାପାତ୍ର ଏବଂ ତୃତୀୟ ସ୍ଥାନରେ ଆଶୁତୋଷ ପଧାନ ରହିଥିଲେ । ଏଥିରେ ବିଚାରକ ଦାୟିତ୍ୱରେ ଥିଲେ ବରିଷ୍ଠ ସାମ୍ବାଦିକ ବିରେନ୍ଦ୍ର ଝାଙ୍କର, ଚନ୍ଦ୍ରଭାନୁ ମୋଲନା ଏବଂ ଜ୍ୟୋସ୍ନାରାଣୀ ଦାଶ । ଓ ଟିଭି ପଶ୍ଚିମ ଓଡିଶା ମୁଖ୍ୟ ମନୋରଞ୍ଜନ ଯୋଷୀ ପର୍ଯ୍ୟବେକ୍ଷକ ଭାବେ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଏକ ନୃତ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ତନୁପ୍ରିୟା ଯାଦବ ବିଜେୟୀ ଘୋଷିତ ହୋଇଥିଲେ । ଦ୍ୱିତୀୟରେ ପ୍ରୀୟଂସା ସାହୁ ଓ ତୃତୀୟ ରେ ହର ଜେକସନ ରହିଥିଲେ । ଦଳିୟ ନୃତ୍ୟରେ ଅପୁ ଏବଂ ଆକାଶ ପ୍ରଥମ ତଥା ସରକାରୀ ଆଇଟିଆଇ ଛାତ୍ରବୃନ୍ଦ ଦ୍ୱିତୀୟରେ ରହିଥିଲେ । ଏଥିରେ ବିଚାରକ ଭାବେ ବିଶ୍ୱଜିତ ଦାଶ, ଜୟ ପଟ୍ଟନାୟକ ଏବଂ ସୁଚରିତା ମିଶ୍ର ରହିଥିଲେ ।

## ସୁପର ସ୍ପେସିଆଲିଟି ହସ୍ପିଟାଲକୁ ଏମ୍‌ସ ଦ୍ୱାରା ପରିଚାଳନା ପାଇଁ ଦାବି



ରାଉରକେଲା (ପିପିଏସ୍): ଶିଳ୍ପ ରାଜଧାନୀ ଭାବେ ରାଉରକେଲା ପରିଚିତ । ଏଠାରେ ପବ୍ଲିକ୍ ସେକ୍ଟର ଷ୍ଟିଲ୍ ଶିଳ୍ପ ଭାବେ ସେଲ୍‌ର ଆର୍‌ଏସ୍‌ପି ପ୍ରତିଷ୍ଠିତ । ରାଉରକେଲା ହେଉଛି ଓଡିଶାର ତୃତୀୟ ବୃହତ୍ତମ ସହର । ଏଠାରେ ବିଶ୍ୱସ୍ତରୀୟ ବୈଷୟିକ ପ୍ରତିଷ୍ଠାନ (ଏନ୍‌ଆଇଟି) ସହ ବିପିୟୁଟି, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସହ ବହୁ ଶିକ୍ଷାନୁଷ୍ଠାନ ଗଢି ଉଠିଛି । ଏଥିସହ ରାଉରକେଲା କଟକ-ଭୁବନେଶ୍ୱର ପରେ ଦ୍ୱିତୀୟ ଅର୍ବାନ ସହର ଭାବେ ୧୦୦ ସ୍ମାର୍ଟସିଟି ତାଲିକାରେ ସ୍ଥାନ ପାଇଛି । ସୁନ୍ଦରଗଡ ସହର ହକିର ମକ୍କା ଭାବେ ପରିଚିତ । ନିକଟରେ ଏଠାରେ ପୁରୁଷ ହକି ବିଶ୍ୱକପ୍ ପ୍ରତିଯୋଗିତା ସଫଳତାପୂର୍ବକ ଅନୁଷ୍ଠିତ ହୋଇଯାଇଛି । ତଥାପି ଆଜି ରାଉରକେଲା ସହର ଅବହେଳିତ ହୋଇ ରହିଯାଇଛି ବୋଲି ରାଉରକେଲା ନାଗରିକ ସୁରକ୍ଷା କମିଟି ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି । ଭଭବନ ପରିସରସ୍ଥ ଆଦର୍ଶ ପାଠାଗାର ଠାରେ ଗତକାଲି ରାଉରକେଲା ନାଗରିକ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବର୍ଷିୟାନ ନାଗରିକ ତଥା ବିଶିଷ୍ଟ ସ୍ତମ୍ଭକାର ଭୂପେନ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅଭୟ ଦାସ ଅଧ୍ୟକ୍ଷତା କରିଥିଲେ । ବୈଠକରେ ରାଉରକେଲାରେ ସୁପର ସ୍ପେସିଆଲିଟି ହସ୍‌ପିଟାଲକୁ ଏମ୍‌ସ ଦ୍ୱାରା ପରିଚାଳନା, ତାଳଚେର-ବିମଳାଗଡ ରେଳପଥ ତୁରନ୍ତ ନିର୍ମାଣ, ରାଉରକେଲାରେ ଏକ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ରାଉରକେଲାକୁ ଏକ ରେଳ ଡିଭିଜନ ଘୋଷଣା କରିବା, ଏବଂ ରାଉରକେଲା ବିମାନ ବନ୍ଦରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଆଦି ରାଉରକେଲା ଜନସାଧାରଣଙ୍କ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଗତକାଲି ବୈଠକର ନିଷ୍ପତ୍ତି ଅନୁଯାୟୀ ଆଜି ସେକ୍ଟର-୫ ସ୍ଥିତ ଭଭବନ ପରିସରସ୍ଥ ଆଦର୍ଶ ପାଠାଗାର ଠାରେ ରାଉରକେଲା ନାଗରିକ ସୁରକ୍ଷା କମିଟି ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ନାଗରିକ ସୁରକ୍ଷା କମିଟିର ପ୍ରମୁଖ ସଦସ୍ୟ ବିଷ୍ଣୁ ମହାନ୍ତି, ଅଭୟ କୁମାର ଦାସ, ହରିହର ରାଉତରାୟ, ଗିରିଶ ଚନ୍ଦ୍ର ମହାପାତ୍ର, ସୁରେଶ ଚନ୍ଦ୍ର ମାଝି, ସୀବ ମହାନ୍ତି, ଜାହାଙ୍ଗୀର ଅଲ୍ଲୀ, ପ୍ରଶାନ୍ତ ସେଠୀ, ସୁମନ ଦତ୍ତ, ଅଜିତ ନାୟକ, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ହୃଦୟାନନ୍ଦ ଯାଦବ, ଶକୁନ୍ତଳା ମହାକୁଡ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ କମିଟିର ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ ସମ୍ପର୍କରେ ସୂଚନା ପ୍ରଦାନ ସହ ଚଳିତ ମାସ ୧୯ ତାରିଖ ରବିବାର ଦିନ ୧୦ଟା ବେଳେ ଆଦର୍ଶ ପାଠାଗାର ଠାରେ ଅନୁଷ୍ଠିତ ହେବାକୁ ଥିବା ଜନସମାବେଶରେ ଯୋଗ ଦେବା ନିମନ୍ତେ ସୁନ୍ଦରଗଡ ଜିଲ୍ଲାର ସାଂସଦ, ସମସ୍ତ ବିଧାୟକ, ଜନପ୍ରତିନିଧି, ସମସ୍ତ ରାଜନୈତିକ ଦଳ, ଟ୍ରେଡ୍ ୟୁନିୟନ, ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ, ବୁଦ୍ଧିଜୀବୀ, ବାର୍ ଆସୋସିଏସନ, ବିଶିଷ୍ଟ ବ୍ୟକ୍ତି ବିଶେଷ, ଛାତ୍ର, ଯୁବ ଓ ମହିଳା ସମାଜ ସାମିଲ୍ ହେବା ପାଇଁ କମିଟି ତରଫରୁ ଆହ୍ୱାନ କରାଯାଇଛି ।

*ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।*

**(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୧୫।୦୨।୨୦୨୩ ■ ବୁଧବାର

# ନୂଆ ରାଜ୍ୟପାଳ

ଦୀର୍ଘ ଅପେକ୍ଷା ପରେ ଗତ ରବିବାର ଦିନ ମହାରାଷ୍ଟ୍ରର ରାଜ୍ୟପାଳ ଭଗତ ସିଂହ କୋଶ୍ୟାରୀଙ୍କ ଇସ୍ତଫା ମଂଜୁର କରିନିଆଯାଇଛି । ତାଙ୍କ ସ୍ଥାନରେ ଝାଡ଼ଖଣ୍ଡର ରାଜ୍ୟପାଳ ରମେଶ ବୈସଙ୍କୁ ଅବସ୍ଥାପିତ କରାଯାଇଛି । ଏହା ସହିତ ୧୩ଟି ରାଜ୍ୟର ରାଜ୍ୟପାଳ ବଦଳାଇବାର ନିର୍ଣ୍ଣୟ ନିଆଯାଇଛି । ତେଣୁ ଔପଚାରିକ ଭାବେ ଏହାକୁ ନିୟମିତ ବଦଳୀର ଅଂଶବିଶେଷ ବୋଲି କୁହାଯାଇପାରେ, କିନ୍ତୁ ମହାରାଷ୍ଟ୍ରରେ ଏ ପରିବର୍ତ୍ତନ ଆବଶ୍ୟକ ହୋଇଯାଇଥିଲା । ଏଥିଲାଗି ବିରୋଧୀ ପକ୍ଷ ଲଗାତାର ଚାପ ପକାଇ ଆସୁଥିଲା ଓ ଶାସକ ଦଳର ବଡ଼ ଭାଗ ଭିତରେ ଭିତରେ ଏହାର ସପକ୍ଷରେ ମଧ୍ୟ ଥିଲା । ସେଇ ଦୃଷ୍ଟିରୁ କୋଶ୍ୟାରୀଙ୍କ କାର୍ଯ୍ୟକାଳ ଅନନ୍ୟ ବୋଲି କୁହାଯିବ କାରଣ ପ୍ରାୟ ତିନିବର୍ଷର ଅବଧି ଭିତରେ ସେ କେବଳ ବିରୋଧୀ ଦଳମାନଙ୍କୁ ଉଦ୍‌ବେଳିତ କରିଛନ୍ତି ତା' ନୁହେଁ, ବରଂ ଶାସକ ଗୋଷ୍ଠୀଙ୍କୁ ମଧ୍ୟ ଅସୁବିଧାଜନକ ସ୍ଥିତିରେ ପକାଇବା ଲାଗି କୌଣସି ପଦକ୍ଷେପ ହାତଛଡ଼ା କରି ନାହାନ୍ତି । ଏପରିକି ଛତ୍ରପତି ଶିବାଜୀ, ମହାତ୍ମା ଫୁଲେ ଓ ସାବିତ୍ରୀବାଇ ଫୁଲେଙ୍କ ଉପରେ ଦିଆଯାଇଥିବା ବୟାନ ଦ୍ୱାରା ରାଜ୍ୟର ଅରାଜନୈତିକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିବାକୁ ପଛାଇ ନାହାନ୍ତି ।

ମୁମ୍ବାଇରୁ ଯଦି ରାଜସ୍ଥାନ ଓ ଗୁଜରାଟ ଲୋକ ଚାଲିଯିବେ ତେବେ ଏହା ଦେଶର ବିତ୍ତୀୟ ରାଜଧାନୀ ବୋଲାଇବା ପଦବାଚ୍ୟ ହେବ ନାହିଁ ବୋଲି ତାଙ୍କର ମନ୍ତବ୍ୟ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇଛି । ଏପ୍ରକାରର ବିବାଦୀୟ ବକ୍ତବ୍ୟମାନ କାରଣରୁ କୋଶ୍ୟାରୀ ସେଠି ରାଜ୍ୟପାଳ ପଦରେ ରହିବା କଷ୍ଟକର ହୋଇଚାଲିଥିଲା ଓ କିଛି ସପ୍ତାହ ପରେ ସିଏ ନିଜେ ପଦତ୍ୟାଗ କରିବା ପାଇଁ ଇଚ୍ଛା ପ୍ରକଟ କଲେ । ସିଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନୁରୋଧ କରିଥିଲେ ଯେ ତାଙ୍କୁ ଶୀଘ୍ର ତାଙ୍କ ଦାୟିତ୍ୱରୁ ମୁକ୍ତି ଦିଆଯାଉ । ସେ ଦୃଷ୍ଟିରୁ ଦେଖିଲେ ରବିବାର ଦିନ ପ୍ରକାଶିତ ବିଜ୍ଞପ୍ତି ସବୁପକ୍ଷରୁ ଲୋକଙ୍କୁ ଆଶ୍ୱାସନା ଦେଇଛି । କିନ୍ତୁ ଏହା ସହିତ ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ ରାଜ୍ୟପାଳମାନଙ୍କ ନିଯୁକ୍ତି ସଂକ୍ରାନ୍ତରେ ତାହା କୁହାଯାଇ ପାରିବ ନାହିଁ । ମୋଟ ୧୩ଟି ରାଜ୍ୟରେ ରାଜ୍ୟପାଳଙ୍କୁ ବଦଳାଯାଇଛି ଯାହାଙ୍କ ମଧ୍ୟରୁ ସାତଟିରେ ବଦଳି କରାଯାଇ କାମ ଚଳାଯାଇଛି । ଅର୍ଥାତ୍ ସେଠାକୁ ପଠାଯାଇଥିବା ରାଜ୍ୟପାଳ ପୂର୍ବରୁ ଅନ୍ୟ କୌଣସି ରାଜ୍ୟରେ ସେ ପଦରେ ରହି ଶୋଭାବର୍ଦ୍ଧନ କରୁଥିଲେ । ଯେଉଁ ଛଅଜଣ ନୂଆ ଚେହେରା ରାଜଭବନକୁ ପଠାଯାଇଛି, ତାଙ୍କ ମଧ୍ୟରେ ଜଣେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଥିବାବେଳେ ଅନ୍ୟ ଚାରିଜଣ ହେଉଛନ୍ତି ଭାରତୀୟ ଜନତା ପାର୍ଟିର ନେତା ।

ପୂର୍ବତନ ବିଚାରପତି ଜଷ୍ଟିସ ନାଜିର ଗତମାସରେ ଅବସର ଗ୍ରହଣ କରିଛନ୍ତି । ଅବଶ୍ୟ ପ୍ରଥମଥର ଲାଗି ଯେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି, ତା' ନୁହେଁ କି ଏପରି ଅବସରପ୍ରାପ୍ତ ବିଚାରପତିଙ୍କୁ ରାଜ୍ୟପାଳ କରାଯାଇ ପାରିବ ନାହିଁ କି ସରକାର ସକ୍ଷମ ନୁହେଁ, ତା' ମଧ୍ୟ ନୁହେଁ । ତଥାପି କୁହାଯାଇପାରେ ଯେ ରାଜ୍ୟପାଳ ପଦବୀ ଓ ସୁପ୍ରିମକୋର୍ଟ ବିଚାରପତିଙ୍କ ଗରିମା ଲାଗି ଭଲ ହୁଅନ୍ତା ଯଦି ବିଚାରପତିଙ୍କ ଅବସର ଗ୍ରହଣ ପରେ ରାଜ୍ୟପାଳ ବା ଅନ୍ୟ ପଦବୀ ଅର୍ପଣ କରାହେବା ମଧ୍ୟରେ ନ୍ୟୁନତମ ଆଠ, ଦଶ ମାସ କି ବର୍ଷେ ସମୟ ବ୍ୟବଧାନ ରଖାଯାଏ । ଏପରି କଲେ ନିଯୁକ୍ତିକୁ ନେଇ ସମାଲୋଚନା ହୁଅନ୍ତା ନାହିଁ । ରାଜ୍ୟପାଳ ନିଯୁକ୍ତି ପଛରେ ରାଜନୈତିକ ଦିଗ ମଧ୍ୟ ଅଛି । ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ରାଜ୍ୟପାଳଙ୍କୁ ବଦଳି କରାଯାଇଛି । ସେଠି ନିର୍ବାଚନ ହେବ । ରାଜସ୍ଥାନରେ ଗୁଲାବଚାନ୍ଦ କଟରିଆଙ୍କୁ ମଧ୍ୟ ରାଜ୍ୟପାଳ କରି ରାଜ୍ୟ ବାହାରକୁ ପଠାଇ ଦିଆଯାଇଛି ଯିଏକି ମୁଖ୍ୟମନ୍ତ୍ରୀ ଆଶାୟୀ ଥିଲେ । ହୋଇପାରେ, ରାଜସ୍ଥାନରେ ଭାଜପା ନିଜ ଦଳରେ ବ୍ୟାପକ ପରିବର୍ତ୍ତନ କରିବା ଲକ୍ଷ୍ୟରେ ଅଛି । ଏସବୁକୁ ଦେଖିଲେ, ରାଜ୍ୟପାଳଙ୍କ ନିଯୁକ୍ତି ଯେ ରାଜନୀତି ବିବର୍ଜିତ, ତାହା କୁହାଯାଇ ପାରିବ ନାହିଁ । ❑❑

**—ଭର୍ତ୍ତୃହରି ମହତାବ**

# ଲୋକାଃ ସମସ୍ତା ସୁଖିନୋ ଭବନ୍ତୁ

ଆଜିର ସମୟକୁ ଟିକେ ଦେଖନ୍ତୁ ଅଧିକାଂଶଙ୍କ ଭିତରେ ଆପଣ ଦୁଃଖ, ଅଭାବ, ନୈରାଶ୍ୟ, ଯନ୍ତ୍ରଣାର ଅନୁଭବର ଖବର ପାଇବେ। କ୍ୱଚିତ ବର୍ଗର ଥାଆନ୍ତି ଯେଉଁମାନେ ବାସ୍ତବରେ ମୁଁ ଖୁସିରେ ଅଛି ବୋଲି କୁହନ୍ତି। ଭଗବାନ ଆମକୁ ସବୁକିଛି ଦେଇଛନ୍ତି ଏବଂ ଆମେ ପୃଥିବୀର ଶ୍ରେଷ୍ଠ ପ୍ରାଣୀ ଭାବେ ଜାଣିଛୁ ଯେ ସୁଖର କାରଣ କ'ଣ ଓ ଦୁଃଖର କାରଣ କ'ଣ ? ଏହି ପ୍ରସଙ୍ଗରେ ଆଜିର ଛୋଟିଆ ଆଲୋଚନାଟି ସହୃଦୟ ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ପାଖରେ ଉପସ୍ଥାପନ କରୁଛୁ। ଆବହମାନ କାହିଁ କେଉଁ ଯୁଗରୁ ଏ ମାଟିର ଋଷିମାନେ ପ୍ରାର୍ଥନା କରି ଆସୁଛନ୍ତି – 'ଲୋକାଃ ସମସ୍ତା ସୁଖିନୋ ଭବନ୍ତୁ'। ଅର୍ଥାତ ସମଗ୍ର ପୃଥିବୀ ସୁଖି ହେଉ। ଏହି ସଂସାରକୁ ଭଗବାନଙ୍କ ପରିପ୍ରକାଶ ବୋଲି ଜ୍ଞାନ କରିବା ହିଁ ପ୍ରକୃତ ଆଧ୍ୟାତ୍ମିକତା। ସତ୍ୟଂବଦ, ଧର୍ମଂଚର (ସତ କହ, ଧର୍ମ ଆଚରଣ କର) – ଏସବୁ ଥିଲା ଏ ପୁଣ୍ୟ ଭୂମିର ବାର୍ତ୍ତା। ଏ ଦେଶର ଲୋକମାନେ ସୃଷ୍ଟିର ପ୍ରାରମ୍ଭରୁ ତାଙ୍କର ଦୈନନ୍ଦିନ ଜୀବନରେ ଏହି ଆଦର୍ଶମାନ ଅନୁସରଣ କରି ଆସୁଛନ୍ତି।

ମଣିଷ ବ୍ରହ୍ମଙ୍କ ଠାରୁ ସୃଷ୍ଟି କେବଳ ଦେହରୁ ନୁହେଁ। ଶିଶୁଟିଏ ଜନ୍ମ ହୋଇପଡ଼ିବା ମାତ୍ରେ ସେ ବଢ଼ିବାକୁ ଲାଗେ। ମା'ଶିଶୁକୁ ଜନ୍ମ ଦିନଏ, ପିତାଙ୍କୁ ଚିହ୍ନାଇ ଦିଏ। ପିତା ଶିଶୁକୁ ଗୁରୁଙ୍କ ପାଖକୁ ଘେନି ଯାଆନ୍ତି। ଗୁରୁ ତାକୁ ଈଶ୍ୱରଙ୍କ ପର୍ଯ୍ୟନ୍ତ ଆଗେଇ ନିଅନ୍ତି। ତେଣୁ ମାଆ, ବାପା, ଗୁରୁ ଓ ଈଶ୍ୱର ଭିନ୍ନ ନୁହନ୍ତି। ସେମାନେ ଏକ। ପ୍ରତ୍ୟେକ ବ୍ୟକ୍ତି ସେ ଦୃଷ୍ଟିରୁ ଭାବିବା ଦରକାର ଯେ, 'ସେ କିଏ' ? ଭାଗବତକୁ ତେଲୁଗୁରେ କହନ୍ତି ଭାଗବତମୁ। ଏହା ସମସ୍ତ ସଦଗୁଣର ସାରତତ୍ତ୍ୱ। 'ଭା'ର ଅର୍ଥ ଭକ୍ତି, 'ଗ'ର ଅର୍ଥ ଜ୍ଞାନ, 'ବ'ର ଅର୍ଥ ବୈରାଗ୍ୟ, 'ତ'ର ଅର୍ଥ ତତ୍ତ୍ୱ ଓ 'ମୁ'ର ଅର୍ଥ ମୁକ୍ତି। ଏହିପରି ଭାଗବତମୁ ଶବ୍ଦରୁ ଜଣାପଡୁଛି ସେ ଭକ୍ତିରୁ ମୁକ୍ତି। କର୍ମରେ ପ୍ରବୃତ୍ତ ହେବା ପୂର୍ବରୁ ପ୍ରଥମେ ଈଶ୍ୱରଙ୍କୁ ନିଜ ଠାରେ ପ୍ରତିଷ୍ଠା କରାଇବା। ତାଙ୍କୁ ଅର୍ପଣ କରିବା ମନ ନେଇ ସମସ୍ତ କର୍ମ କରିବା। ପ୍ରତିଦାନରେ କିଛି ଆଶା କରିବା ନାହିଁ। ଏହା ହିଁ ଆଧ୍ୟାତ୍ମିକତା। ଯେତେ ସାଧନା ଆମେମାନେ କରୁଛ ସେ ସବୁ ଅନ୍ତରକୁ ନିର୍ମଳ କରିବା ପାଇଁ ଉଦ୍ଦିଷ୍ଟ। ନିର୍ମଳ ହୃଦୟରେ କର୍ମ କରି ଯଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ଲାଭ କରିବା। ସେବାକୁ ଜୀବନର ବ୍ରତ କରିବା ଓ ସମାଜ ପାଇଁ ସେବା କରିବା। ଯେ କୌଣସି ସେବା ହେଉ ପଛକେ ପ୍ରେମର ସହିତ କରିବା ଉଚିତ। ଆମେମାନେ ମନେରଖିବା ଉଚିତ ଭଗବାନ ପ୍ରତ୍ୟେକଙ୍କ ହୃଦୟରେ ଅଛନ୍ତି ଅନ୍ୟ କେଉଁଠାରେ ନୁହେଁ। ଏବଂ ଆମ ମାନଙ୍କୁ ଆହୁରି ମନେରଖିବା ଉଚିତ ଯେ ଈଶ୍ୱର ତୁମର ସବୁ କାମ ନିରୀକ୍ଷଣ କରୁଛନ୍ତି।

ତ୍ରିନାଥ ଓଝା ,କଟକ

# ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ

**ହିମାଂଶୁ ଶେଖର ଆଚାର୍ଯ୍ୟ**

ଅଗଣିତ ସଂଗ୍ରାମୀ ମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ । ଆଗାମୀ ୨୦୪୭ ଅଗଷ୍ଟ ୧୫ରେ ଆମେ ସ୍ୱାଧୀନାତର ଶତବାର୍ଷିକ ସମାରୋହ ପାଳନ କରିବୁ । ତେଣୁ ଆଗାମୀ ୨୫ବର୍ଷ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଗତ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେଇଛନ୍ତି । ପ୍ରଧାନମମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ବିକଶିତ ଭାରତର ଦର୍ଶନ କଥା କହିଛନ୍ତି । ଏକ ଆଧୁନିକ ଭାରତ ନିର୍ମାଣ ପାଇଁ ଭିତ୍ତିଭୂମି ମାପ ଏବଂ ଗତିର ଗୁରୁତ୍ୱ ଆମେ ବୁଝୁଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପୁଣି ସାଧାରଣ ଲୋକଙ୍କ ଆକାକ୍ଷାଂ ପୂରଣ କରିବା ପାଇଁ ଆମେ ଦିନରାତି ନିରନ୍ତର ପରିଶ୍ରମ କରୁଛୁ । ଆଜାଦୀକା ଅମୃତ ମହୋତ୍ସବ କାଳରେ ସବୁକ୍ଷେତ୍ର ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି । ଏପରିକି ୨୦୨୩-୨୪ ବଜେଟ୍‌କୁ ସେ ଅମୃତକାଳର ଐତିହାସିକ ବଜେଟ୍ ବୋଲି କହିଛନ୍ତି । ଏହି ବଜେଟ୍‌ରେ ସବୁବର୍ଗର ଲୋକଙ୍କ ସୁବିଧା ସୁଯୋଗକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । ଏହି ବଜେଟ୍‌ରେ ୪୫ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବାବେଳେ ଚାଷୀ, ମଧ୍ୟବିତ୍ତ, ଷ୍ଟାର୍ଟଅପ୍ ସହ ୭ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି । ମଧ୍ୟବିତ୍ତବର୍ଗକୁ ଖୁସି କରିବା ପାଇଁ ଆୟକର ସୀମା ବୃଦ୍ଧି କରାଯାଇଛି । ଖାଦ୍ୟ, ସାର, ପଏମ୍ କିସାନ, ଆଦି ସବ୍‌ସିଡ଼୍‌କାର୍ଯ୍ୟକ୍ରମ ପୂର୍ବବତ୍ତ ଜାରିରହିବ । ଯାହାକି ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକର କରିବ ବୋଲି ସେ ଦୃଢ ଭାବରେ କହିଛନ୍ତି । ଏଦିଗରେ ଆମେ କେତେ ସଫଳ ହେବା ତାହା ସମୟ କହିବ ।

ନିକଟରେ ଏକ ତଥ୍ୟ ଅନୁଯାୟୀ ୧୯୭୦ ପରେ ସାରା ବିଶ୍ୱ ସବୁଠୁ ଖରାପ ସମୟ ଦେଇ ଗତି କରୁଛି ବୋଲି ବିଶ୍ୱବ୍ୟାଙ୍କ କହିଛି । ବିଶ୍ୱବ୍ୟାଙ୍କ ଆକଳନ କରିଛି ଯେ ଦାରିଦ୍ର ମଧ୍ୟରେ ୨୦୩୦ ସୁଦ୍ଧା ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ଥିବା ଲୋକଙ୍କ ସଂଖ୍ୟା ୫୭.୪କୋଟି ରହିବ । କରୋନା ମହାମାରୀର ପ୍ରଭାବ ବ୍ୟତିତ ଖାଦ୍ୟ ଓ ଶକ୍ତି ମୂଲ୍ୟରେ ଅହେତୁକ ବୃଦ୍ଧି, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଋଷ୍ ୟୁକ୍ରେନ ଯୁଦ୍ଧ ଯୋଗୁ ଅର୍ଥନୀତିରେ ଆଶାନୁରୂପ ସୁଧାର ହୋଇନି ଫଳସ୍ୱରୂପ ଅସମାନତା ବୃଦ୍ଧି ପାଇବାସ ହ ସମାଜିକ ଅସ୍ଥିରତା ଦେଖା ଦେବାର ସମ୍ଭାବନା ଯଥେଷ୍ଟ ରହିଛି । ଆମ ଦେଶ ଭାରତ ମଧ୍ୟ ଦାରିଦ୍ରର କରାଳ ଚକ୍ରରୁ ମୁକ୍ତ ନୁହେଁ। ଦୀର୍ଘଦିନର ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ରହି ଆମେ ବହୁ ପଛକୁ ଚାଲିଗଲୁ । ବିଶେଷକରି ଇଂରେଜ ମାନଙ୍କଦ୍ୱାରା ପ୍ରାୟ ଦୁଇଶହ ବର୍ଷ ଧରି ଶାସିତ ହେବା ଦ୍ୱାରା ଆମ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡିଲା। ଫଳସ୍ୱରୂପ, କୃଷି,ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଓ ସାମାଜିକ ଭିତିଭୂମି ଇତ୍ୟାଦି କ୍ଷେତ୍ରରେ ଆମର ସ୍ଥିତି ଦୟନୀୟ ହୋଇପଡିଲା। ଦାରିଦ୍ର୍ୟ, ବେକାରୀ, ଜାତୀୟଆୟ, ମୁଣ୍ଡପିଛାଆୟ ସବୁଥିରେ ଆମର ପଶ୍ଚାତଗତି ବଢିଚାଲିଲା। ଆମର ଅର୍ଥ ବ୍ୟବସ୍ଥାର ସ୍ଥାଣୁତା ଆମକୁ ଏକ ଅନୁନ୍ନତ ଦେଶରେ ପରିଣତ କଲା। ଏହିଭଳି ପରିସ୍ଥିତିରେ ଅଗଣିତ ସଂଗ୍ରାମୀ ମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ ।

ଏହି ସମୟ ମଧ୍ୟରେ ଭାରତ ଏକ ସାର୍ବଭୌମ, ଧର୍ମ ନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ହିସାବରେ ସମଗ୍ର ବିଶ୍ୱରେ ନିଜ ପାଇଁ ନିଆରା ପରିଚୟ ସୃଷ୍ଟି କରିପାରିଛି । ଏହା ଅମ ପାଇଁ ଗୌରବର ବିଷୟ । ସେହିପରି ଦୀର୍ଘ ସାତ ଦଶନ୍ଧି ଧରି ଆମେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଆମକୁ ଶାସନକରି ଚାଲିଛୁ ।ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ଆମେ ଆମର ଇପ୍‌ସିତ ଲକ୍ଷ୍ୟକୁ ଅନେକାଂଶରେ ପୁରଣକରି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛୁ। ସବୁଜ ବିପ୍ଳବ ପରେ ଏଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛି। ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲେଖନୀୟ ସଫଳତା ମିଳିଛି। ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କ□ାଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ କାରିଗରିରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ । ଖାଲି ସେତିକିନୁହେଁ , ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି। ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା. ସଫ୍ଟୱେୟାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯାଦା ଦେଇଛି। ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୩୧ କୋଟି ଟପିସାରିଲାଣି। ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ପ୍ରତିଶତକୁ ବୃଦ୍ଧି ପାଇଛି। ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ବର୍ଷରୁ ୬୫ବର୍ଷକୁ ବୃଦ୍ଧି ପାଇଛି। ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହାହେଉଛି ଏବେବି ଭାରତରେ ରହୁଛନ୍ତି ପ୍ରାୟ ୩୫କୋଟି ନିରକ୍ଷର,୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶୀକାର ହେଉଥିବା ୪୨ପ୍ରତିଶତ ଶିଶୁ। ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ ଆମେ ବିଫଳ ହୋଇଛୁ। ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ। ଏପରିକି ସମଗ୍ର ବିଶ୍ୱରେ ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ । ଏହାର ମୁଳ କାରଣ ହେଉଛି ଦୁର୍ନୀତି । ବିଡମ୍ବନା ହେଲାଯେ ଏହି ଦୁର୍ନୀତିର ପରିମାଣ କମୁନି ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୨୦୧୧ ମସିହା ଆଦର୍ଶ ହାଉସିଂ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି କାୟାବିସ୍ତାର କରି ଚାଲିଛି। ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବହୁ ଚର୍ଚ୍ଚିତ ବ୍ୟାପମ୍ ଦୁର୍ନୀତି। ଖାଲିସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମି ଥିବା ଲୋକମାନେ। ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇ ଦେବା । ସେ ସ୍ୱପ୍ନ ଆଜି ସୁଦୂର ପରାହତ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ। ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ଦିନକୁ ଦିନ ଆମ ମା-ଭଉଣୀ ମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି । ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ଦୁର୍ନୀତି କଥା ନ କହିବା ଭଲ । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଠିପିଣ୍ଡା ହେଉଛନ୍ତି । ଜାତି ଧର୍ମନାମରେ ସାଂପ୍ରଦାୟିକ ଦଙ୍ଗା ଦେଶର ବିଭିନ୍ନ ସ୍ଥାନରେ ଘଟୁଛି । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁଲୋକଙ୍କୁ ଦୁଇ ଓଳି ପେଟପୁରା ଆହର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆର ମୁହଁ ମାଡି ପାରିଲେନି ।

ପୁଣି ଥରେ ଆମ ପାଇଁ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଗୋଟିଏ ଦେଶପାଇଁ ୭୫ ବର୍ଷ କିଛିକମ୍ ନୁହେଁ । ଆମ ପରେ ସ୍ୱାଧୀନତା ପାଇଥିବା ବହୁ ଛୋଟେଛାଟ ଦେଶ ଆଜି ସବୁ କ୍ଷେତ୍ରରେ ଆମ ଠାରୁ ବହୁ ଆଗରେ କିନ୍ତୁ ଆମେ ବହୁ ପଛରେ ପଡିଛୁ। ଅଦ୍ୟାବଧି ଆମ ଜନସଂଖ୍ୟାର ୬୮.୮ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ସହରାଞ୍ଚଳରେ ମାତ୍ର ୩୧.୨ଭାଗ ଲୋକ ବାସ କରନ୍ତି । କିନ୍ତୁ ଅନ୍ୟାନ୍ୟ ବିକଶିତ ଦେଶ ଇଂଲଣ୍ଡରେ ସହରାଞ୍ଚଳରେ ୮୦ପ୍ରତିଶତ , ଯୁକ୍ତରାଷ୍ଟ୍ର ଆମେରିକାରେ ୭୪ ପ୍ରତିଶତ , ଜାପାନରେ ୭୮ ପ୍ରତିଶତ ଲୋକ ଓ ଦକ୍ଷିଣ କୋରିଆରେ ପ୍ରାୟ ୮୩ ପ୍ରତିଶତ ଲୋକ ସହରାଞ୍ଚଳରେ ବାସ କରନ୍ତି। ଏହାର ପ୍ରମୁଖ କାରଣ ହେଉଛି ଆମ ଦେଶ କୃଷି ପ୍ରଧାନ ହୋଇଥିବା ବେଳେ ଏସବୁ ଦେଶ ଶିଳ୍ପ ପ୍ରଧାନ । ସେଥିପାଇଁ ଆମ ମୁଣ୍ଡପିଛା ଆୟଠାରୁ ସେମାନଙ୍କର ମୁଣ୍ଡପିଛା ଆୟ ବହୁ ଉଚ୍ଚରେ। ଏପରିକି ସେମାନଙ୍କର ଜୀବନ ଧାରଣର ମାନ ଆମଠାରୁ ବହୁତ ଉନ୍ନତ। ତେଣୁ ଆମ ଦେଶ ବିକାଶମୁଖୀ ଦେଶ ରୂପେ ପରିଗଣିତ । ବିକଶିତ ଦେଶ ହେବା ପାଇଁ ଆମକୁ ଆହୁରି ଅନେକ ବାଟ ଯିବାକୁ ହେବ । ଗୋଟିଏ ପଟେ ସୁପରପାୱାର ସ୍ୱପ୍ନ ଆମେ ଦେଖୁଥିବା ବେଳେ ଅନ୍ୟପଟେ ଦୁର୍ନୀତି, ଭ୍ରଷ୍ଟାଚାର, ଦାରିଦ୍ର୍ୟ,ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି । ପରିଣାମ ସ୍ୱରୂପ, ଗୋଟିଏ ପଟେ ଉଜ୍ଜ୍ୱଳ ଭାରତର କଥା ଆମେ ବଖାଣୁ ଥିବା ବେଳେ ଅନ୍ୟପଟେ ଉଜୁଡା ଭାରତର କଥା ଆମକୁ ଉପହାସ କରୁଛି। ଆମ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଥିଲା । ଏହାକୁ ସଫଳତାର ସହ ଆମେ ମୁକାବିଲା କରିପାରିଛେ ଓ ସାରା ବିଶ୍ୱରେ ଆମ ବୈଜ୍ଞାନିକମାନେ ଆମ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତଥାପି ପଥ ବହୁଦୂର। ଆମକୁ ପଛରେ ପଡ଼ିଥିବା କ୍ଷେତ୍ରଗୁଡ଼ିକ ଉପରେ ପ୍ରାଥମିକତା ଦେବାକୁ ହେବ। ତାହାହେଲେ ଯାଇଁ ଆମେ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିପାରିବା !

ଜଗତସିଂହପୁର

ମୋ-୯୯୩୭୧୫୧୦୫୨

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

**ପ୍ରଫେସର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ।

ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ।

ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି।

ବାଲେଶ୍ୱର,

ମୋ : ୯୪୩୭୧୨୪୦୭୪

# ଆକାଶରେ ଗୁଇନ୍ଦାଗିରି

**ସୌଭାଗ୍ୟ ରଂଜନ ମହାନ୍ତି**

ଆମେରିକାର ଉପକୂଳ ଆକାଶରେ ଚୀନର ଗୁଇନ୍ଦା ବେଲୁନକୁ ପେଂଟାଗନ ଗୁଳିମାଡ କରାଇ ଦେବା ଘଟଣା ଦୁଇ ବୃହତ ଶକ୍ତିଙ୍କ ସମ୍ପର୍କକୁ ଆହୁରି ଉତ୍ତେଜିତ କରିଛି। ଏଥିରେ ସନ୍ଦେହ ନାହିଁ। ବିଭିନ୍ନ ଘଟଣାବଳୀକୁ ନେଇ ଦୁଇଦେଶ ମଧ୍ୟରେ ଉତେଜନା ଲାଗି ରହିଥିବାବେଳେ ଏହି ଘଟଣାକୁ ନେଇ ଚୀନ କେବଳ ସିମୀତ କ୍ରୋଧ ପ୍ରକାଶ କରିଛି। କିନ୍ତୁ ନିଜର ଶତ୍ରୁତା ମନୋଭାବ ଯେ ପରିବର୍ତନ କରିଥିବା, ସମ୍ଭାବନା ନାହିଁ। ଏହା କେବଳ ଚୀନର ପ୍ରଥମ ଗୁଇନ୍ଦା ବେଲୁନ ନୁହେଁ, ଏହା ଅତ୍ୟାଧୁନିକ ଜ୍ଞାନକୌଶଳରେ ପରିପୃଷ୍ଟ ମଧ୍ୟ। ସେହିପରି ଅନୁରୂପ ଆଉ ଏକ ଗୁଇନ୍ଦା ବେଲୁନ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକା ଆକାଶରେ ଉଡୁଥିବା କୁହାଯାଇଛି। ଏହା ନିଶ୍ଚିତ ଯେ, ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳ କ୍ଷେତ୍ରରେ ଚୀନର ସାମର୍ଥ୍ୟକୁ କେବେହେଲେ ଅଣଦେଖା କରାଯାଇନପାରେ। ତେବେ ଭାରତ ପାଇଁ ଏହା ଏକ ମହାଶିକ୍ଷା। କାରଣ ହେଉଛି ସୀମାବିବାଦ ନେଇ ଚୀନ ସହ ସମ୍ପର୍କ ଆଦୌ ଭଲ ନାହିଁ। ରିପୋର୍ଟ ପ୍ରକାଶ ଯେ, ଆଉ ଏକ ଗୁଇନ୍ଦା ବେଲୁନ ଭାରତ ଓ ଜାପାନ ଆକାଶରେ ତେବେ କିଛିମାସ ତଳେ ଉଡିଥିଲା। ଏହା ଯଦି ସତ୍ୟ ହୋଇଥାଏ, ତେବେ ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯିବ। ଏତିପ୍ରତି ଭାରତ ସତର୍କ ଓ ସଜାଗ ରହିବା ଜରୁରୀ। ଆହୁରି ମଧ୍ୟ ଚୀନ ଏହି ଗୁଇନ୍ଦା ବେଲୁନ ସ୍ପଷ୍ଟ ସୂଚନା ପ୍ରଦାନ କରୁଛି ଯେ, ଏହା ଏକ ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ବେଲୁନ। ତେବେ ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ଗୁଇନ୍ଦାଗିରି ଚୀନ ପାଇଁ ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ଶ୍ରୀଲଙ୍କାର ହମ୍ବାନଟୋଟା ବନ୍ଦରରେ ଗୋଇନ୍ଦା ଗିରି କରିବା ସାମର୍ଥ୍ୟ ଥିବା ଏକ ଜାହାଜ ଲଙ୍ଗର ପକାଇଥିଲା। ଯାହା ମନରୁ ପାଶୋରା ଯାଇନାହିଁ। ଏବେ ଆମେରିକାର ସମ୍ବେଦନଶୀଳ ସାମରିକ ଘଟିଥିବା ଅଂଚଳର ଆକାଶରେ ଚୀନ ବେଲୁନ୍ ଉଡିବା ଘଟଣା ଦୁଇଦେଶକୁ ମୁହାଁମୁହିଁ ଅବସ୍ଥାକୁ ଟାଣି ଆଣିଥିବା ବେଳେ ଚୀନ କିନ୍ତୁ ଏହାକୁ ପାଣିପାଗ ତଦାରଖ କରୁଥିବା ବେଲୁନ ବୋଲି ଦର୍ଶାଇଛି। ଆମେରିକା ଖସାଇ ଦେଇଥିବା ବେଲୁନର ଯନ୍ତ୍ରାଂଶ ପରୀକ୍ଷା ନିରୀକ୍ଷା କରିବା ପରେ ଏହା କେବଳ ପାଣିପାଗ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁନଥିଲା ବୋଲି କୁହାଯାଇଛି। ଏହା ସତ୍ୟ ଯେ, ଚୀନରସ୍ୱେଚ୍ଛାଚାରୀ କମ୍ୟୁନିଷ୍ଟ ଶାସକଙ୍କର ପଡୋଶୀ ରାଷ୍ଟ୍ରଙ୍କ ଭୂଖଣ୍ଡ ଉପରେ ପଡିଛି। ଚୀନ ଭୂଖଣ୍ଡ ସଂଲଗ୍ନ ୧୬ଟି ରାଷ୍ଟ୍ରର ଅଂଚଳକୁ ଚୀନ ନିଜର ବୋଲି ଦର୍ଶାଇ ଅକ୍ତିଆର କରିବାକୁ ଲକ୍ଷ୍ୟ ରଖିଛି। ତାଇୱାନକୁ ନେଇ ଯୁଦ୍ଧର ବାଦଲ ଘନାଉଥିବାବେଳେ ଭାରତ ସହ ଦୀର୍ଘ ୬ଦଶନ୍ଧି ଧରି ସମର ବିବାଦ ଲାଗି ରହିଛି। ଅନ୍ୟପକ୍ଷରେ ଚୀନର ବର୍ତମାନର ରାଷ୍ଟ୍ରପତି ସି.ଜିନପିଙ୍ଗ ଦେଶର ସର୍ବଶକ୍ତିମାନ ନେତା ଭାବେ ନିଜକୁ ଅଭିସିକ୍ତ କରିବାକୁ ସମର୍ଥ ହୋଇଥିବାବେଳେ ସେନା ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଜିନପିଙ୍ଗଙ୍କ ବିସ୍ତାରବାଦୀ ନୀତି ଯୋଗୁଁ ଅନ୍ୟ ଦେଶର ସାମରିକ ସାମର୍ଥ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ ଲାଗି ମାନବବିହୀନ ଗୁଇନ୍ଦାଗିରିକୁ ମୁଖ୍ୟ ଆୟୁଦ୍ଧ ଭାବେ ଗ୍ରହଣ କରିଥିବା ମନେହୁଏ। ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଚୀନ ଅନ୍ୟ ଦେଶ ଉପରେ ଗୁଇନ୍ଦାଗିରି କରୁଛି। ଏହା ସତ୍ୟ ଯେ, ବିଶ୍ୱରେ ଶୀତଳ ଯୁଦ୍ଧର ଅବସାନ ପରେ ଆମେରିକା ଏକକ ବୃହତ ଶକ୍ତିରେ ପରିଣତ ହୋଇଥିବାବେଳେ ଚୀନ ଏହାକୁ ବରଦାସ୍ତ ନକରିବା ସ୍ୱାଭାବିକ। ସେହିପରି ଦକ୍ଷିଣ ଏସିଆରେ ଭାରତ ଏକ ବୃହତ ଶକ୍ତିରେ ପରିଣତ ହୋଇଛି। ଯାହାକୁ ଚୀନ ଆଦୌ ସହ୍ୟ କରିପାରୁନାହିଁ। ଗୋଟିଏ ପଟେ ଚୀନ ଭାରତୀୟ ସୀମାରେ ଉତେଜନା ସୃଷ୍ଟି କରୁଥିବାବେଳେ ଅନ୍ୟପଟେ ଭାରତ ଉପରେ ଗୁଇନ୍ଦା କାର୍ଯ୍ୟକଳାପକୁ ସକ୍ରୀୟ କରିଛି।

ଏବେ ଗୁଇନ୍ଦା ବେଲୁନ ଦ୍ୱାରା ଚୀନ ଭାରତ ଉପରେ ନଜର ରଖିଥିବା ରିପୋର୍ଟ ପ୍ରକାଶ ପାଇଥିବାବେଳେ ୨୦୨୦ରେ ଏକ ତଦନ୍ତ ରିପୋର୍ଟରୁ ଜଣାଯାଇଛି ଯେ, ସେନଜେହାନ ସ୍ଥିତ ଏକ ବୈଷୟିକ ଫାର୍ମ, ୧୦, ୦୦୦ରୁ ଉର୍ଦ୍ଧ୍ୱ ପ୍ରଭାବଶାଳୀ ଭାରତୀୟଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା। ଏହାକୁ ଦୃଷ୍ଟିରେ ରଖି ଭାରତ ଉଚ୍ଚ ବୈଷୟିକ ଯୁକ୍ତ ଗୁଇନ୍ଦା ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ତେବେ ଭାରତ ଚୀନଠାରୁ ଏ କ୍ଷେତ୍ରରେ ବହୁ ପଛରେ ରହିଛି। ଚୀନ ତାର ବୈଷୟିକ କୌଶଳ ଦ୍ୱାରା ସ୍ଥଳ ଓ ଜଳ ପରେ ଆକାଶରେ ଗୁଇନ୍ଦାଗିରି ଚଳାଇଛି। ଚୀନର ଷଡଯନ୍ତ୍ରକୁ ପଣ୍ଡ କରିବାପାଇଁ ଆମେରିକା ଓ ସମଭାବାପନ୍ନ ରାଷ୍ଟ୍ରଙ୍କ ସହଯୋଗିତାରେ ଭାରତ ବୈଷୟିକ ଗୁଇନ୍ଦାଗିରିକୁ ସକ୍ରୀୟ କରିବା ଜରୁରୀ।

ଭୁବନେଶ୍ୱର

ମୋ:୯୪୩୭୯୯୪୩୭୯

## ସଂପାଦକଙ୍କୁ ପତ୍ର

### ସାଧନା ସଫଳ ହୋଇଛି

ମହାଶୟ

ରବିବାର (୧୨.୦୨.୨୩) ପୃଷ୍ଠା - ୭ ବିଶିଷ୍ଟ ସାମ୍ବାଦିକ (କଣ୍ଟାପଡ଼ା ପ୍ରତିନିଧି) ରଘୁନାଥ ଆଚାର୍ଯ୍ୟଙ୍କ ତଥ୍ୟ ଭିତ୍ତିକ 'ସମସ୍ତେ ଭୁଲିଗଲେ କଣ୍ଟାପଡ଼ାର କହ୍ନେଇକୁ' ଲେଖାଟି ମୁଁ ପ୍ରଜାତନ୍ତ୍ରର ନିୟମିତ ପାଠକ ହିସାବରେ ପାଠକଲି । ବାସ୍ତବରେ ଦୈନିକ ଖବର କାଗଜ 'ପ୍ରଜାତନ୍ତ୍ର' ଓ ରଘୁ ବାବୁଙ୍କ ସାଧନା ସଫଳ ହୋଇଛି,ଷ୍ଟୋରୀଟି ଖୁବ୍ ବାସ୍ତବତା ବହନ କରୁଛି । ଆଶା କରେ ଏଭଳି ତଥ୍ୟ ଭିତ୍ତିକ ଖବର ନିୟମିତ ପରିବେଷଣ ହେଲେ ସମାଜରେ ବହୁ ସମସ୍ୟା ଘେରରେ ଥିବା ଅନେକ ଦୁଃଖଦ ଖବରର ସମାଧାନ ହୋଇ ପାରିବ । ପ୍ରଜାତନ୍ତ୍ର ଦୀର୍ଘ ୭୫ ବର୍ଷରେ ତାର ନିରପେକ୍ଷତା,ବାସ୍ତବତା ତଥା ସ୍ୱତନ୍ତ୍ରତା ବଜାଇ ରଖିଛି,ଏଠି କିନ୍ତୁ ରଖି ଗୋଟିଏ କଥା କହିବି,ବରେଣ୍ୟ ସମ୍ପାଦକ ଭର୍ତ୍ତୃହରି ମହତାବ ମହୋଦୟଙ୍କ ସାହିତ୍ୟ ସେବା, ସମାଜ ପାଇଁ ତ୍ୟାଗ,ଆଦର୍ଶ ଆମ ସମୟର ସୁକାର୍ଯ୍ୟ କରିବା ପାଇଁ ଏକ ବଳିଷ୍ଠ ଆହ୍ୱାନ । ଶିଶୁ କହ୍ନେଇ ପାଇଁ ସବୁ ସ୍ତରରେ ସହଯୋଗ କରିଥିବା ମହାନ୍ ବ୍ୟକ୍ତିବିଶେଷ, ସାମ୍ବାଦିକ,ବିଭିନ୍ନ ସଂଗଠର ସମସ୍ତେ ଧନ୍ୟବାଦର ପାତ୍ର । ଆଉ ସରକାରୀ ସ୍ତରରେ ସହଯୋଗ ଯାହା କରାଯିବା କଥା ବା କରାଯାଇଛି ତାହା ତ୍ୱରାନିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରାଯାଉଛି ।

**ଇଂ. ସେବକ ଶ୍ରୀକାନ୍ତ**

ମୁହାଁଣ ସାହିତ୍ୟ ସଂସଦ,ମୁମ୍ବାଇ





## ଉତ୍କଟ ହେଲାଣି ବିଶୁଦ୍ଧ ପାଣି ସମସ୍ୟା

# ଝରଣା ପାଣି ଉପରେ ନିର୍ଭରଶୀଳ ୧୬୦ ଅନ୍ତେବାସୀ ଛାତ୍ରଛାତ୍ରୀ

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ପୁଟୁରୁପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗ୍ରୀଷ୍ମ ଋତୁ ଆରମ୍ଭ ନ ହେଉନୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ମାସାଧିକ ସମୟ ହେଲାଣି ପାଣିର ଉତ୍କଟ ଅଭାବ ଦେଖା ଦେଇଛି। ପାଣିର ଅଭାବ ସମସ୍ୟା ରହିଥିବାରୁ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି, ବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସରେ ରହୁଥିବା ଅନ୍ତେବାସୀ ମାନଙ୍କ ନିମନ୍ତେ ଦୁଇ ଓଳା ରୋଷେଇ କରିବା ଓ ଛାତ୍ରାବାସର ୪୦ଜଣ ଅନ୍ତେବାସୀ ଙ୍କ ନିତ୍ୟକର୍ମ ବ୍ୟବହାର ନିମନ୍ତେ ଯଥା ଶୌଚକର୍ମ , ସ୍ନାନ କରିବା ଓ ପୋଷାକପତ୍ର ସଫା କରିବା ନିମନ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବିଷୟରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲେ ମଧ କୌଣସି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମାଧାନର ବ୍ୟବସ୍ଥା ହୋଇପାରୁନାହିଁ। ଫଳରେ କମ ବୟସର ପିଲାମାନେ ବାଧ ହୋଇ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ଅସୁରକ୍ଷିତ ତଥା ଅତି କମ ପାଣି ଥିବା ଝରଣାକୁ ଯାଇ ଶୌଚ ଓ ସ୍ନାନ କରୁଥିବା ଛାତ୍ର ମାନେ କହିଛନ୍ତି । ରୋଷେଇ କରିବା ପାଇଁ ମଧ ସେହି ଝରଣାରୁ ହିଁ ପାଣି ନେଇ ରୋଷେଇ କରୁଥିବା ରୋଷେୟା କହିଛନ୍ତି। ଏହି ବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସରେ ୪୦ ଜଣ ଛାତ୍ର ଏବଂ ଅଙ୍ଗନବାଡ଼ି କେନ୍ଦ୍ର ରେ ୩୦ ଜଣ ସେହିଭଳି ବିଦ୍ୟାଳୟରେ ୧୬୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପରିସରରେ ଥିବା ଦୁଇଟି ନଳକୂଅ ରୁ ପାଣି ଆସୁନାହିଁ। ଦୁଇଟି ସ୍ୱାସ୍ଥ୍ୟକର କୂଅ ଅଛି କିନ୍ତୁ ପାଣି ନାହିଁ। ଶୌଚାଳୟ ଅଛି କିନ୍ତୁ ହୋଇପାରୁନି ବ୍ୟବହାର। ଶାହା ଭରସା ପାଲଟିଛି ଝରଣା ପାଣି। ନାଳ ପାଣିରେ ଶୌଚ ଓ ସ୍ନାନ କରିବାକୁ ଯାଆନ୍ତି ଛାତ୍ର ଅନ୍ତେବାସୀଗଣେ। ଏହି ଭଳି ପ୍ରତ୍ୟେକ ବର୍ଷ ସମସ୍ୟା ହେଉଥିବା ବି କହିଛନ୍ତି। ଏହାର ସମାଧାନ ପାଇଁ ଛାତ୍ରାବାସ ନିକଟରେ ଏକ ବହୁକ୍ଷମତା ବିଶିଷ୍ଟ ବୋର କୂଅ ଖୋଳା ଯାଇ ପାଣି ଟାଙ୍କ ସହ ସୌରଶକ୍ତି ମୋଟର ସଂଯୋଗ କରାଗଲେ ଏପରି ଅସୁବିଧା ଦୂର ହୋଇପାରିବ ଏବଂ ବ୍ଲକ ର ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଓ ଛାତ୍ର ମାନେ ଦାବି କରିଛନ୍ତି। ଏବିଷୟ ନେଇ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳର କନିଷ୍ଠ ଯନ୍ତ୍ରୀ( ୧ ) ପ୍ରଭାକର ମୁନି କହିଛନ୍ତି କିଛି ଦିନ ଭିତରେ ବୋର୍ ଖୋଲି ସ୍ଥାୟୀ ସମାଧାନ କରାଯିବ ବୋଲି କହିଛନ୍ତି।





## ଗ୍ରୀଷ୍ମ ଋତୁ ପୂର୍ବରୁ ପାଣି ପାଇଁ ହାହାକାର

# ଫେଲ୍ ମାରିଛି ବସୁଧା ଯୋଜନା

ପାରଳାଖେମୁଣ୍ଡି: ଗ୍ରାମାଞ୍ଚଳ ହେଉ ଅବା ଆଦିବାସୀ ଅଧୁଷିତ ଅଞ୍ଚଳ ମାନଙ୍କରେ ବସବାସ କରୁଥିବା ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ଲକ୍ଷରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି । ବସୁଧକ୍ଷ ଯୋଜନା ମାଧ୍ୟମରେ ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦିଆଯାଉଥିବା ନେଇ ବିଭିନ୍ନ ସଭା ସମିତିରେ ସରକାରୀ ବାବୁ ଓ ନେତା ମାନେ ଗଳାଫଟା ଚିତ୍କାର କରୁଥିବାବେଳେ, ବାସ୍ତବରେ ଏହା କେତେ ଯେ କାର୍ଯ୍ୟକାରୀ ହେଉଛି ଗଜପତି ଜିଲ୍ଲାରେ।

କଥାରେ ଅଛି ଜଳ ବିହୁନେ ସୃଷ୍ଟି ନାସ,ଜଳ ବହୁଳେ ସୃଷ୍ଟି ନାସ । ଜଳ ହିଁ ଜୀବନ । ଟିକେ ଭଲକରି ଦେଖନ୍ତୁ ଏହି ଫୋଟ। ଯେ ହେଉଛି ଗଜପତି ଜିଲ୍ଲା ଆର,ଉଦୟଗିରି ବ୍ଲକ୍ ମହେନ୍ଦ୍ରଗଡ ପଞ୍ଚାୟତର । ବସୁଧା ଯୋଜନାରେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି ପାଣି ଟାଙ୍କି । ୫୦ ହଜାର ଲିଟର ବିଶିଷ୍ଟ ଏହି ଟାଙ୍କିର ନିର୍ମାଣ କାର୍ଯ୍ୟ ୨୦୨୦ ମସିହାରେ ହୋଇଥିବାବେଳେ,ଅନେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ୍ ନିର୍ମାଣ ସହ ପ୍ରତ୍ୟେକ ଘରକୁ ପାଇପ୍ ସଂଯୋଗ ମଧ କରାଯାଇଛି । ହେଲେ, ଦୀର୍ଘ ୩ ବର୍ଷ ବିତିଯାଇଥିଲେ ମଧ ଏଯାବତ୍ ପାଣିର ଦେଖାନାହିଁ । ନିମ୍ନମାନର କାମ ଯୋଗୁଁ ଟାଙ୍କିର ଚତୁର୍ପାର୍ଶ୍ୱରେ ଫାଟ ସୃଷ୍ଟି ହୋଇଥିବା ବେଳେ,ସେଥିରୁ ପାଣି ଲିକ୍ କରୁଛି । ଅନେକ ସ୍ଥାନରେ ଘରକୁ ସଂଯୋଗ ହୋଇଥିବା ପାଇପ୍ ମଧ ଫାଟି ଆଁ କଲାଣି । ନିର୍ମାଣ ହୋଇଥିବା ଷ୍ଟାଣ୍ଡପୋଷ୍ଟ ଗୁଡିକ ମଧ୍ୟରୁ ଅନେକ ଏବେ ଭଗ୍ନ ଅବସ୍ଥାରେ ରହିଥିବା ବେଳେ, ସେଥିରେ ଲଟାବୁଦା ମାଡିଗଲାଣି । ଟାଙ୍କିରେ ଲଗାଯାଇଥିବା ଲୁହା ପାଇପରେ ମଧ କଳଙ୍କି ଲାଗିବା ସହ ଘାସ ଚଢିଗଲାଣି । ରାସ୍ତା ପାର୍ କରି ଘରକୁ ସଂଯୋଗ ହୋଇଥିବା ପାଇପ୍ ରାସ୍ତାରେ ପଡିଥିବାବେଳେ,ଯାତାୟାତରେ ବାଧା ସୃଷ୍ଟି ହେଉଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ପ୍ରଶାସନ ସେଥିପ୍ରତି ଗୁରୁତ୍ୱ ଦେଉନଥିବାରୁ ଜନ ଅସନ୍ତୋଷ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏନେଇ ପାଣି ପଞ୍ଚାୟତ ସଭାପତି ସୁଦର୍ଶନ ପଣ୍ଡା, ଓ ସ୍ଥାନୀୟ ବାସିନ୍ଦା ମାନେ ବାରଂବାର ଦାବି କରିଛନ୍ତି। ଦୀର୍ଘ ବର୍ଷ ଧରି ସ୍ଥାନୀୟ ଲୋକମାନେ ପାଣି ଟୋପାଏ ପାଇଁ ତହଳ ବିକଳ ହେଉଥିବାବେଳେ,ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ଖରାଦିନ ଆସୁଥିବାରୁ ପାଣି ସମସ୍ୟାର ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା । ସେପଟେ, ଗ୍ରୀଷ୍ମ ଋତୁ ପୂର୍ବରୁ ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଭାକର ମୁନି । ତେବେ, ଦେଖିବାକୁ ବାକି ରହିଲା କେବେ ସୁଧୁରିବ ଏହି ସମସ୍ୟା, ଆଉ କେବେ ମିଳୁଛି ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଏବେ ତାକୁହିଁ ଅପେକ୍ଷା।











## ଖରା ବର୍ଷାରେ ବିକ୍ଷିପ୍ତ ହୋଇ ପଡ଼ିରହିଛି ବାରଶହ ବଢ଼େଇଙ୍କ ନିହାଣ ମୁନର କଳାକୃତି

# ଭବିଷ୍ୟତ ପୀଢ଼ି ପାଇଁ ଆଉ ମିଳିବନି ପ୍ରାଚୀନ ଐତିହ୍ୟ



କୋଣାର୍କ (ବିଚିତ୍ର ଓଝା): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ନିଜର ପ୍ରାଚୀନ କଳାକୃତି ଓ ସ୍ଥାପତ୍ୟ ପାଇଁ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଯାହା ସଂଗ୍ରହାଳୟରେ ସଂରକ୍ଷିତ ହୋଇ ରହିବା କଥା ତାହା ଏବେ ବିକ୍ଷିପ୍ତ ହୋଇ ଏଣେତେଣେ ପଡ଼ିରହିଛି । ସଂରକ୍ଷଣ ଦାୟିତ୍ୱରେ ଥିବା ସଂସ୍ଥା ଏଏସଆଇର ଖାମ ଖିଆଲ ନୀତି ଯୋଗୁଁ ବାରଶହ ବଢେଇଙ୍କ ବାରବର୍ଷ ର କଳାଚାତୁରିକୁ ଭବିଷ୍ୟତ ପୀଢ଼ି ପାଇଁ ସାଇତି ରଖିବାକୁ ସାଧାରଣରେ ଦାବୀ ପ୍ରକାଶ ପାଇଛି । ସବୁଠାରୁ ଦୁଃଖର ବିଷୟ ମନ୍ଦିର ଚତୁଃ ପାର୍ଶ୍ୱସ୍ଥ ନିର୍ମାଣଧିନ ପ୍ରାଚେରୀ କାର୍ଯ୍ୟ ହେଉଥିବା ବେଳେ କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରସ୍ତର ସଂରକ୍ଷଣ କରିବା ବଦଳରେ ନିୟୋଜିତ ଠିକାଦାର କାର୍ଯ୍ୟ କରିବା ସମୟରେ ସେଗୁଡିକ ନଷ୍ଟ କରୁଥିବା ଘଟଣା ସଂସ୍କୃତି ପ୍ରେମୀ, ଐତିହାସିକ, ଗବେଷକ, ବୁଦ୍ଧିଜୀବୀ ତଥା କୋଣାର୍କ ଅଞ୍ଚଳବାସୀ ମାନଙ୍କ ମନରେ ଆଘାତ ଦେଇଥିବା ଜଣାପଡିଛି । ସୂର୍ଯ୍ୟ ମନ୍ଦିର ଚତୃପାର୍ଶ୍ୱ ସହ ମନ୍ଦିର ପଛ ପାଖରେ ଥିବା କାଜୁ ଜଙ୍ଗଲରେ ହଜାର ହଜାର ସୂକ୍ଷ୍ମ କାରୁକାର୍ଯ୍ୟ ଅଙ୍କିତ ପଥର ଗୁଡ଼ିକ ବିକ୍ଷିପ୍ତ ହୋଇ ଏଣେତେଣେ ପଡ଼ିରହିଛି । ଏପରିକି ମନ୍ଦିର ସଂରକ୍ଷିତ ଜାଗା ବାହାରେ ମଧ ମନ୍ଦିର ଭଗ୍ନାବଶେଷ ଏଣେତେଣେ ପଡିରହିଥିବା ଦେଖିବାକୁ ମିଳିଛି । ଖବରରୁ ପ୍ରକାଶ ଯେ କୋଣାର୍କ ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ କୋଣାର୍କର ସୂର୍ଯ୍ୟ ମନ୍ଦିର ନିଜର କାରୁକାର୍ଯ୍ୟ ପୂର୍ଣ୍ଣ କଳାକୃତି, ଐତିହ୍ୟ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ପାଇଁ ବିଶ୍ୱର କୋଣ ଅନୁକୋଣରେ ସୁପରିଚିତ ଲାଭ କରିଛି। ଏହି ବିରଳ ଐତିହାସିକ ସଂସ୍କୃତି ସଂପନ୍ନ କାରୁକାର୍ଯ୍ୟ ପୂର୍ଣ୍ଣ କଳାକୃତିକୁ ଦେଖିବା ପାଇଁ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଦେଶବିଦେଶରୁ ଆସିଥାନ୍ତି ।ଏହି କାରୁକାର୍ଯ୍ୟ ପୂର୍ଣ୍ଣ ଐତିହ୍ୟ ସ୍ଥଳୀର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ କେନ୍ଦ୍ର ସରକାରଙ୍କ ଏଏସଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ସମୟରେ ସୂର୍ଯ୍ୟ ମନ୍ଦିର ପରିସରରେ ଉନ୍ନୟନ କାର୍ଯ୍ୟମାନ କରାଯାଉଛି ।ହେଲେ କୋଣାର୍କ ସୂର୍ଯ୍ୟ ମନ୍ଦିର ଚତୁଃ ପାର୍ଶ୍ୱରେ ମନ୍ଦିରର ବିରଳ କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରସ୍ତର ମାନ ବିଛୁରିତ ହୋଇ ପଡି ରହିଛି। ଏହି କାରୁକାର୍ଯ୍ୟ ପୂର୍ଣ୍ଣ କଳାକୃତି ପଥର ଖଣ୍ଡକୁ ଏଏସଆଇ ପକ୍ଷରୁ ସଂରକ୍ଷଣ କରି ଭବିଷ୍ୟତ ପିଢ଼ି ମାନଙ୍କ ପାଇଁ ସାଇତି ରଖିବା ଏକ ସମ୍ବେଦନଶୀଳ ବିଷୟ ଅଟେ । ସୂର୍ଯ୍ୟ ମନ୍ଦିରର ଭଗ୍ନାବଶେଷ କୁ ଭବିଷ୍ୟତ ପୀଢ଼ି ପାଇଁ ସାଇତି ରଖିବା ନିମନ୍ତେ ଏଣେତେଣେ ପଡିରହିଥିବା ସୂକ୍ଷ୍ମ କାରୁକାର୍ଯ୍ୟ ଖଚିତ





ପଥର ଗୁଡ଼ିକୁ ସଂଗ୍ରହାଳୟ ରେ ସାଇତି ରଖିବାକୁ ସାଧାରଣରେ ଦାବୀ ପ୍ରକାଶ ପାଇଛି । ଯଦି ଏହାର ଉପଯୁକ୍ତ ସୁରକ୍ଷା ନହୁଏ ତେବେ ଆମ ପୁର୍ବଜଙ୍କ ହାତରେ ନିର୍ମାଣ କରାଯାଇଥିବା ଏହି ପ୍ରାଚୀନ କଳାକୃତି କେବଳ ଇତିହାସ ବହିର କେଉଁ ଏକ ପୃଷ୍ଠାରେ ସୀମିତ ହୋଇରହିଯିବ ବୋଲି ସାଧାରଣରେ ଆଶଙ୍କାଜାତ ହୋଇଛି । କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ସମେତ ଏ ଏସ ଆଇ ମହାନିର୍ଦ୍ଦେଶକ, ଜିଲ୍ଲାପାଳ ପୁରୀ, ଏ ଏସ ଆଇ ର ଉପରିସ୍ଥ ଅଧିକାରୀ ମାନେ ଦୃଷ୍ଟି ଦେବାକୁ ଅଞ୍ଚଳବବାସୀମାନେ ମତପ୍ରକାଶ କରିଅଛନ୍ତି ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ




ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସ୍ଥାନୀୟ ଗଜପତି ଷ୍ଟାଡିୟମ୍ ପାରଳାଖେମୁଣ୍ଡି ପରିସରରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଚନ୍ଦ୍ର ଶେଖର ସାହୁ, ସାଂସଦ ବ୍ରହ୍ମପୁର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗାଓ୍ୱରା ତିରୁପତି ରାଓ,ଜିଲ୍ଲାପରିଷଦ ଅଧ୍ୟକ୍ଷ ଗଜପତି, ସୁନେମୀ ମଣ୍ଡଳ, ଅଧକ୍ଷା,ପଞ୍ଚାୟତ ସମିତି ଗୁମ୍ମା, ପୂର୍ଣ୍ଣବାସୀ ନାୟକ,ଅଧକ୍ଷା,ପଞ୍ଚାୟତ ସମିତି ରାୟଗଡ଼, ବି.ସାୟାମ୍ମା,ଅଧକ୍ଷା,ପଞ୍ଚାୟତ ସମିତି କାଶୀନଗର ଓ ମୁଖ୍ୟ ଜିଲ୍ଲା କୃଷିଧିକାରୀ କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦଯାପନ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ଏହି କୃଷକ ମେଳା ଅନୁଷ୍ଠିତ ହୋଇଥିଲା ଓ ଏହି ମେଳା ଗତ ୧୦ ତାରିଖ ଠାରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲୁରହିଥିଲା । ମୁଖ୍ୟଅତିଥିଙ୍କ ସମେତ ସମସ୍ତ ଅତିଥିମାନେ ଗଜପତି ଜିଲ୍ଲାର ଚାଷୀ ମାନଙ୍କୁ ଉଦ୍‌ବୋଧନ ଦେଇ ଚାଷୀମାନଙ୍କର ଆୟକୁ ଦୁଇ ଗୁଣିତ କରିବା ନିମନ୍ତେ ବୈଷୟିକ ଜ୍ଞାନ ଓ ଜୈବିକ ସାର ବ୍ୟବହାର କରିବା ସାଙ୍ଗକୁ ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ଆଲୋଚନା କରଯାଇଥିଲା। ମିଶ୍ରିତ ଫସଲର ଚାଷ, ଅର୍ଥକାରୀ ଫସଲ ପାଇଁ ଉନ୍ନତ ଯନ୍ତ୍ରପାତିର ସଠିକ୍ ଉପଯୋଗ ଓ ପରିଚାଳନା ,ଉନ୍ନତ ମାନର ଯାନ୍ତ୍ରିକୀକରଣ ସୁବିଧା ଓ ସୁଯୋଗ ନେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଜିଲ୍ଲାରସ୍ତରୀୟ ଚାରି ଦିନ ଧରି ଅନୁଷ୍ଠିତ ହୋଇଥିବା ମେଳାରେ ୫୬ ଜଣଙ୍କୁ ବିଭିନ୍ନ କୃଷି ଯନ୍ତ୍ରପାତି ଯୋଗେଇ ଦିଆଯାଇଥିବା ବେଳେ ୧୨୯ ଜଣ କୃଷକ ଅନ୍‌ଲାଇନ ମାଧ୍ୟମରେ ବିଭିନ୍ନ କୃଷି ଯନ୍ତ୍ରପାତିଗୁଡ଼ିକୁ ଆବେଦନ କରିଛନ୍ତି। ଯାହାର ମୂଲ୍ୟ ୧ କୋଟି ୯୦ ଲକ୍ଷ ୭୮ ହଜାର ୬୮୮ ଟଙ୍କା ହେବ । ଏହି କୃଷି ଯନ୍ତ୍ରପାତି ମେଳାରେ ୫୦ ଗୋଟି ଷ୍ଟଲ୍ ଖୋଲା ଯାଇ ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ ସହିତ ରିହାତି ଦରରେ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରଦାନ କରାଯାଇଛି। ଏହି ମେଳା ରେ ଜିଲ୍ଲାର ବିଭିନ୍ନ ବିଭାଗ ତଥା ଉଦ୍ୟାନ କୃଷି ବିଭାଗ, ମତ୍ସ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିକାଶ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ, ଓଡ଼ିଶା କୃଷୀ ଶିଳ୍ପ ନିଗମ, ମିଶନ ଶକ୍ତି ଓ ଓଡ଼ିଶା ମିଲେଟ୍ ମିଶନ ବଳି ବିଭାଗ ଏହି ମେଳାରେ ନିଜ ନିଜ ବିଭଗର ଯନ୍ତ୍ରପାତି ପ୍ରଦର୍ଶନ କରିଥଲେ। ଏହି ଉଦଯାପନ ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀଗଣଙ୍କ ସମେତ ଗୁମ୍ମା, କାଶୀନଗର, ଗୋଷାଣୀ ଓ ରାୟଗଡ଼ ବ୍ଲକ୍ ଚାଷୀ ଭାଇ ଭଉଣୀମାନଙ୍କ ସମେତ କୃଷୀ ଓ ଆନୁସଙ୍ଗିକ ବିଭଗର ବରିଷ୍ଠ ଅଧିକାରୀ ମାନେ ଯୋଗଦେଇ ଚାଷୀ ମାନଙ୍କୁ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର ଏବଂ ଉଦ୍ୟଗି କରଣ ଉପରେ ଆଲୋଚନା କରିଥିଲେ ।

# ରାୟଗଡ଼ା ଜିଲ୍ଲାପାଳଙ୍କ ଗୁଡାରି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



## ୮୩ଟି ଅଭିଯୋଗ

ରାୟଗଡା(ପିପିଏସ୍): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଆଜି ଗୁଡାରି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁଧା ଦେବ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣୀରେ ମୋଟ ୮୩ଟି ଅଭିଯୋଗ ଜିଲ୍ଲାପାଳଙ୍କ ନିକଟକୁ ଆସିଥିଲା। ସେ ଥି ମଧ୍ୟରୁ ୬୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୧୯ଗୋଟି ଗ୍ରାମବାସୀମାନଙ୍କର ଅଭିଯୋଗଥିଲା । ଜିଲ୍ଲାପାଳ ୨ ଜଣକୁ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସହାୟତା କୋଷରୁ ୨୨ ହଜାର ଟଙ୍କା ପ୍ରଦାନ କରିଥିଲେ । ଜିଲ୍ଲାପାଳ ଉକ୍ତ ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ରବିନାରାୟଣ ତ୍ରିପାଠୀ, ଉପଜିଲ୍ଲାପାଳ ଗୁଣପୁର, ଲଳିତ କୁମାର କଂହର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ଗୁଣପୁର ଶ୍ରୀ ପ୍ରଭା ପ୍ରଧାନ, ପଂଚାୟତ ସମିତି ଅଧକ୍ଷା, ଲକ୍ଷ୍ମୀ ଶବର, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ ଚନ୍ଦ୍ର ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ମିଶନ ଦୟାନିଧି ବାଘ, ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ରାୟଗଡ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜନାବ ଶେଖ ଅକ୍ଷଲେନୁର, ତହସିଲଦାର ଗୁଡାରି,ସୁଶ୍ରୀ ଭାରତୀ ଦେବୀ, ବିଡିଓ ନୃସିଂହ ଚରଣ ସେଠୀ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗଗୁଡିକର ଶୁଣାଣୀ କରିଥିଲେ ।

# କୋଏଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ




ରାଉରକେଲା(ପିପିଏସ): ସେକ୍ଟର-୨୦ ସ୍ଥିତ କୋଏଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟା ମନ୍ଦିରର ସଭାପତି ଉପେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱ ଓ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସଭାପତି ସୁଦାମ ଦାଶ ମୁଖ୍ୟ ଅତିଥି ସମ୍ମାନିତ ଅତିଥି ଭାବେ କବି କୁଞ୍ଜବିହାରୀ ରାଉତ, ଡାକ୍ତର ଅମିତ ଦାସ, ଡଃ ସୁମନ ଦତ୍ତ, ଅମ୍ରିତ ନୀଲମ,ଅଜୟ ପୂଜାରୀ, ଜଗନ୍ନାଥ ରାଉତ, ବିଜୟାଲକ୍ଷ୍ମୀ ତ୍ରିପାଠୀ ଓ ପଣ୍ଡିତ ପ୍ରଶାନ୍ତ କୁମାର ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ ପରେ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ବିଦ୍ୟାଳୟ ହେଉଛି ଜ୍ଞାନର ମନ୍ଦିର । ସପ୍ନ ଦେଖ ଓ ସପ୍ନକୁ ସାକାର କରିବା ପାଇଁ ଚେଷ୍ଟା କର। ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ ସହ ବିଦ୍ୟାର ଆବଶ୍ୟକତା,ଗୁରୁ ପରମ୍ପରା,ବ୍ୟବହାରିକ, ସାମାଜିକ ଓ ନୈତିକ ଶିକ୍ଷା ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଡାକ୍ତର ଦାସ ତାଙ୍କ ପିତାଙ୍କ ନାମରେ ଓ ବିଜୟାଲକ୍ଷ୍ମୀ ତାଙ୍କ ଜେଜେବାପା ଓ ଜେଜେମାଙ୍କ ନାମରେ ବିଦ୍ୟାଳୟର କୃତି ଛାତ୍ର ଛାତ୍ରୀ ଅଞ୍ଜଳି କେର୍କେଟା,ନେହା ଖାଖା, ରାଧା କୁମାରୀ,ମମତା ପାତ୍ର,ଆନିଆ କଣ୍ଡୁଲନା, ସନ୍ତୋଷ ରାୟଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀ ସାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାପତି ଶ୍ରୀ ନାୟକ ସଭାପତିତ୍ୱ ଅଭିଭାଷଣ ଓ ସଂପାଦକ ଗଣେଶ ଜୟସିଂହ, ପରିଚାଳନା କମିଟି ର ଲିଲିମା ଜୟସିଂହ ଓ ଉପସଭାପତି ରୁକସନା ବେଗମ ପ୍ରମୁଖ ମଞ୍ଚାସୀନ ଥିଲେ । ବିଦ୍ୟାମନ୍ଦିରର ବରିଷ୍ଠ ଶିକ୍ଷୟିତ୍ରୀ ସଂଧାରାଣୀ ଜୟସିଂହ, ଝରଣା ଦାସ, କାହ୍ନୁଚରଣ ପ୍ରଧାନ, ରଶ୍ମିତା ବେହେରା, ରୂପାଲୀ ସିଂହ, ପ୍ରଭାସିନୀ ସାଇଁ, ବିନିତା ଅଗ୍ରଓ୍ୱାଲ,ଦୀପ୍ତିମୟୀ ପରିଡା, ଦୀପିକା କଛ,ଗୁଲବାହାର ପରଓ୍ୱିନ ଓ ଲୁଭ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀ ଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲାବେଳେ ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଚୁକ୍ତିଭିତ୍ତିକ ଉଚ୍ଛେଦପାଇଁ ପୋଷ୍ଟକାର୍ଡ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ କନିଷ୍ଠ ଶିକ୍ଷକ




ରାୟଗଡା(ପିପିଏସ୍): ରାୟଗଡ ଜିଲ୍ଲା ସ୍ଥାନୀୟ ଜେକେପୁର ଠାରେ ଓଡିଶା କନିଷ୍ଠ ଶିକ୍ଷକ ସଙ୍ଘ, କୋଲନରାର ସମସ୍ତ କାର୍ଯ୍ୟରତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଗତ ତା ୧୫-୧୦-୨୦୨୨ ରେ ଓଡିଶା ମାଟିରୁ ଚୁକ୍ତିଭିତ୍ତିକ ଯୁଗ ଶେଷ ହେଲା ଘୋଷଣା କରିଥିଲେ ସୁଦ୍ଧା ବର୍ତ୍ତମାନ ପ୍ରାୟ ୫ ମାସ ପୁରିଲାଣି । କିନ୍ତୁ ଆଜି ବି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରାୟ ଦଶହଜାର କନିଷ୍ଠ ଶିକ୍ଷକଶିକ୍ଷୟିତ୍ରୀ ସ୍ୱଳ୍ପ ଦରମାରେ ଚୁକ୍ତିଭିତ୍ତିକରେ ଅଛନ୍ତି । ରାଜ୍ୟରେ ୫୭୦୦୦ କର୍ମଚାରୀମାନଙ୍କର ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ହେଲା କିଂ କନିଷ୍ଠ ଶିକ୍ଷକଶିକ୍ଷୟିତ୍ରୀମାନେ ରାଜ୍ୟ ସରକାରଙ୍କ ଓ.ଆର.ଭି ୧୯୭୫ ଧାରା ପାଳନ କରି, ଡି.ଏଲ.ଇଡି, ବି.ଇଡି ତାଲିମ ପାଇଁ ଚୟନମୂଳକ ପରୀକ୍ଷା ଏବଂ ଓ.ଟି.ଇ.ଟି ବାଧ୍ୟତାମୂଳକ ଭାବେ ସମସ୍ତ ସର୍ତ୍ତ ପୂରଣ ପରେ ନିଯୁକ୍ତି ପାଇଥିଲେ ମଧ୍ୟ ଚୁକ୍ତିଭିତ୍ତିକ ପ୍ରଥା ।ରୁ ଉଚ୍ଛେଦ ହୋଇନାହିଁ । ବହୁବାର ଆଲୋଚନା ପରେ ମୁଖ୍ୟଶାସନ ସଚିବ କେନ୍ଦ୍ର ସ୍କିମ କହି ମନା କଲାବେଳେ ପାନିୟ ଜଳ ଯୋଗାଣ ଜେଇଇ, ଏନ୍‌ଏଚଏମ୍‌ରୁ ନର୍ସି ଅଫିସର ମାନଙ୍କୁ ନିୟମିତ କରାଯାଇଛି । ଏଥିରୁ ସହଜରେ ଅନୁମେୟ ନିୟମିତ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ରାଜ୍ୟ ସରକାରଙ୍କ ଅଧୀନରେ ରହିଛି । କିନ୍ତୁ ପ୍ରାଥମିକ ଶିକ୍ଷା ଏବଂ କନିଷ୍ଠ ଶିକ୍ଷକଙ୍କ ପାଇଁ କାହିଁକି ଅବହେଳା ସହଜରେ ବୁଝିହେଉନାହିଁ । ତେଣୁ ଭାରତୀୟ ସମ୍ବିଧାନ ଧାରା ୩୦୯ ଅଧିନିୟମ ଅନୁସାରେ ଜଣେ ନିର୍ବାଚିତ ପ୍ରତିନିଧି ଯେ କୌଣସି ପଦବୀ ଏବଂ ତାର ସମ୍ପର୍କୀତ ନିୟମ ତିଆରି ଓ ପରିବର୍ତ୍ତନ କରିପାରିବେ । ତେଣୁ କନିଷ୍ଠ ଶିକ୍ଷକଙ୍କୁ ବହୁବାର ଘୋର ଅଣଦେଖା କରାଯାଇଛି । ତା ୧୨-୦୨-୨୦୨୩ରିଖ ରବିବାର ଦିନ ସମସ୍ତ କନିଷ୍ଠ ଶିକ୍ଷକ ପୋଷ୍ଟ କାର୍ଡ ମାଧ୍ୟମରେ ନିବେଦନ କରୁଛୁ ଯେ ମୁଖ୍ୟମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବାପାଇଁ ହସ୍ତକ୍ଷେପ କରନ୍ତୁ । ତା ୧୩-୦୨-୨୦୨୩ ରିଖ ଦିନ ଇ-ମେଲ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପୁନଶ୍ଚ ନିଜ ଦାବୀ ଉପସ୍ଥାପନ କରିବୁ । ଯଦି ସରକାରଙ୍କ ତରଫରୁ କୌଣସି ସକାରାତ୍ମକ ନିଷ୍ପତ୍ତି ନଆସେ ତାହେଲେ ରାଜ୍ୟର ସମସ୍ତ କନିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ତାଙ୍କ ପରିବାର, ବୁଦ୍ଧିଜୀବୀ ସମସ୍ତେ ପ୍ରାଥମିକ ଶିକ୍ଷା ପ୍ରତି ଅଣଦେଖା ନିମନ୍ତେ ପ୍ରତିବାଦର ସ୍ୱର ପଂଚାୟତ ସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ଉଠିବ ଏବଂ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ। ଏଥିପାଇଁ ଯେକୌଣସି ପ୍ରକାରର ସମସ୍ୟା ଉପୁଜିବ, ସେଥିପାଇଁ ଓଡିଶା ସରକାର ଦାୟୀ ରହିବେ ବୋଲି ସଂଘ ସଭାପତି ଗୋପବନ୍ଧୁ ଯେନା ମତ ରଖିଥିଲେ । ଏଥିରେ ସଙ୍ଘ ର ସମ୍ପାଦକ ମଧୁସ୍ମିତା ଶତପଥୀ , ରଶ୍ମିତା ତ୍ରିପାଠୀ , ଅବିନାଶ ପ୍ରଧାନ ,ସସ୍ମିତା କୁମାରୀ ସାହୁ ବ୍ଲକ ର ସମସ୍ତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିବାସହ ଜିଲ୍ଲା ସଙ୍ଘ ସତ୍ୟ ଶିବ ସୁନ୍ଦର ପ୍ରଧାନ ଓ ରାଜ୍ୟ ସଙ୍ଘ ମହାସଚିବ ଆଦିତ୍ୟ ନାରାୟଣ ସାଇଁ ଉପସ୍ଥିତ ରହି ବଜେଟ ଅଧିବେଶନ ପୂର୍ବରୁ ଘୋଷଣା ନକଲେ ଏହି ଆନ୍ଦୋଳନ ସାରା ଓଡିଶା ରେ ବିଦ୍ରୋହର ସ୍ୱର ଉଠିବ ଓ ଆନ୍ଦୋଳନ ତୀବ୍ରତର ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ପ୍ରକାଶ କରିଥିଲେ ।

# ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୭.୦ ଡ଼ିଗ୍ରୀ

ମାଲକାନଗିରି (ହି.ସ.)- ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୭.୦ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୯.୨ ଡ଼ିଗ୍ରୀ ରେକର୍ଡ଼ ହୋଇଛି। ପାର୍ବତ୍ୟାଂଚଳରେ ସର୍ବନିମ୍ନ ତାପମାତ୍ରା ଜି. ଉଦୟଗିରିରେ ୬.୪ ଡ଼ିଗ୍ରୀ ରେକର୍ଡ଼ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬.୬ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୬.୮ ଡ଼ିଗ୍ରୀ ରେକର୍ଡ଼ ହୋଇଛି। କଟକରେ ସର୍ବୋଚ୍ଚ ତାପମାତ୍ରା ୩୪.୬ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୧୮.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

# ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୫ତମ ଜନ୍ମ ଉତ୍ସବ



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ମହେନ୍ଦ୍ରତନୟା ନିକଟରେ ଥିବା ସତସଙ୍ଗ ବିହାର ଠାରେ ପରମ ପ୍ରେମମୟ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୫ ତମ ଜନ୍ମ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି । ସକାଳେ ରଥାରୂଢ ଶ୍ରୀ ଶ୍ରୀ ଠାକୁରଙ୍କ ବିଗ୍ରହ ଓ ଶତାଧିକ ଭକ୍ତଙ୍କ ସହ ନଗର ପରିକ୍ରମା ସହ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସୁଦୂର ନିମାପଡାରୁ ମୁଖ୍ୟ ଅତିଥି ପୁଲିନ୍ କୁମାର ନାୟକ (SPR) ଯୋଗ ଦେଇଥିବା ବେଳେ ହରି ଦ୍ୱାର ରୁ ବାବା ପୁରବ ହିସାବର ଅଧିସ୍ଥଳୀର କର୍ମୀ ପ୍ରଶାନ୍ତ କୁମାର ପ୍ରଧାନ,ଶ୍ରୀ ପଟ୍ଟନାୟକ, ଶୁଭେନ୍ଦୁ ପାଣିଗ୍ରାହୀ, ହରିଶ ଚନ୍ଦ୍ର ଦାସ,ହୃଦୟା ନନ୍ଦ ପଣ୍ଡା ଓ ଶତାଧିକ ଭକ୍ତ ଯୋଗ ଦେଇଥିଲେ।ସତସଙ୍ଗ ବିହାର ଠାରେ ସଙ୍ଗୀତ ପରିବେଷଣ ପ୍ରସାଦ ସେବନ ସହ ଜୟଗୁରୁ ନାମରେ ମନ୍ଦିର ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇ ଥିଲା।ଜିଲ୍ଲାର ସମସ୍ତ ବ୍ଲକରୁ ଗୁରୁ ଭାଇ ଓ ମାଆମାନେ ସକ୍ରିୟ ସହଯୋଗ ଦେଇ ସତସଙ୍ଗ ସଫଳ କରିଥିଲେ ।

# କାଲିମେଳା ତହସିଲ ପକ୍ଷରୁ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ

ମାଲକାନଗିରି, (ହି.ସ.) - ରାଂଚି-ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥ ଦୋହରୀକରଣ ନିମନ୍ତେ କାଲିମେଳା ତହସିଲ ଅନ୍ତର୍ଗତ ଏମଭି-୯୦ ଗ୍ରାମ ରେ ୩୨୬ ଜାତୀୟ ରାଜପଥ କଡ଼ରେ ଥିବା ଘର ଗୁଡ଼ିକୁ ପ୍ରଶାସନ ପକ୍ଷରୁ ଆଜି ଜବରଦଖଲ ଉଚ୍ଛେଦ କରାଯାଇଛି । ସରକାରୀ ଜମିକୁ ଜବରଦଖଲ କରି ଏମଭି-୯୦ ଗ୍ରାମର ତିନି ଜଣ ପରିବାର ଘର ନିର୍ମାଣ କରିଥିଲେ । ପୂର୍ବରୁ ଏମାନଙ୍କୁ ତହସିଲ ପକ୍ଷରୁ ନୋଟିସ ଦିଆଯାଇଥିଲେ ସୁଧା ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନେ ଭାଙ୍ଗି ନଥିଲେ । ତେଣୁ ବାଧ ହୋଇ ପ୍ରଶାସନ ପକ୍ଷରୁ ଜେସିବି ମେସିନ୍ ଦ୍ୱାରା ଘର ଗୁଡ଼ିକୁ ଭାଙ୍ଗି ଦିଆଯାଇଛି । ମାଜିଷ୍ଟ୍ରେଟ ତଥା ତହସିଲଦାର ଚଇନୁ ଗଣ୍ଡ, ପୁଲିସ ଏସଡିପିଓ ସଚିନ ପଟେଲ , ଏମଭି ୭୯ ଥାନା ଆଇ ଆଇ ସି ସୁନୀଲ କୁମାର ସୋରେନ, ସୁପରଭାଇଜର ରାମକୃଷ୍ଣ ପଟ୍ଟନାୟକ, ରାଜସ୍ୱ ନିରୀକ୍ଷକ ବାଜା ମାଡକାମୀ ୦୧ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ଘର ଗୁଡ଼ିକ ଭଙ୍ଗା ଯାଇଥିଲା । ସୁବାସ ମଜୁମଦାରଙ୍କ ତିନି ବଖରା ନୂତନ ଛାତଘର ସମେତ ବିଶ୍ୱଜିତ ମାଲାକାର ଓ କମଲ ରାୟଙ୍କ ଆଜବେଷ୍ଟସ ଘର ଭଙ୍ଗା ଯାଇଛି । ଆଗକୁ ୪ ଲାଇନ ବିଶିଷ୍ଟ ରାସ୍ତା ନିର୍ମାଣ ଯୋଜନା ଥିବାରୁ ରାସ୍ତା କଡରେ ଥିବା ଘର ଗୁଡ଼ିକୁ ଉଚ୍ଛେଦ କରାଯିବା ସୂଚନା ମିଳିଛି ମିଳିଛି । ସେହିପରି କାଲିମେଳା ସହିଦ୍ ତାମ୍ପା ଦୋରା ଉଦ୍ୟାନ ପରିସର ଆଗରେ ଥିବା ଶନି ମନ୍ଦିର ଯୋଗୁଁ ଉଦ୍ୟାନର ସୌନ୍ଦର୍ଯ୍ୟ ନଷ୍ଟ ହେଉଥିଲା । ତେଣୁ ଶନି ମନ୍ଦିର ମଧ୍ୟ ଉଚ୍ଛେଦ କରାଯାଇଛି ।

# ରଙ୍ଗାମାଟିଆରେ ପାରମ୍ପରିକ ମାଗେ ପର୍ବ ପାଳିତ

ଚମ୍ପୁଆ, (ହି.ସ.): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମ ମୁଣ୍ଡାସାହି ଖେଳପଡିଆରେ ବିର୍ସା ମୁଣ୍ଡା ହୋ ମାର୍ଶାଲ ଆଖାଲା ସଙ୍ଗଠନ ଆନୁକୂଲ୍ୟରେ ତିନିଦିନ ଧରି ହୋ ମୁଣ୍ଡା ସମାଜର ପାରମ୍ପାରିକ ମାଗେ ପରବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବାସୁଦେବପୁର, ପୋଖରିଆ, ବାଙ୍କିଆ, ଆଖଳାପଦା, ସୁନାରୀପଶି, ରରୁଆଁ ଗୋଡା ଗ୍ରାମ ସମେତ ପୋଡ଼ାଶୀ ଜିଲ୍ଲା ମୟୁରଭଞ୍ଜର ନୂଆଁବେଡା, ଶୁକୃଳି ଆଦି ଅଂଚଳରୁ ଆସିଥିବା ମହିଳା-ପୁରୁଷ କାନ୍ଧକୁ କାନ୍ଧ, ହାତକୁ ହାତ ମିଶେଇ ନୃତ୍ୟ, ଗୀତରେ ଅଂଶଗ୍ରହଣ କରିଥିଲେ। ଆଦିବାସୀ ହୋ ସମାଜର ଏହି ପାରମ୍ପରିକ ମାଗେ ପର୍ବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଜେପି କୃଷକମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗଦେଇଥିଲେ।

# ବାରପୁଡୁଗିଆ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ



ବଲାଙ୍ଗୀର(ପିପିଏସ୍): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରବି କୁମ୍ଭରା ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅମୃତା କର, ସ୍କୁଲ ଚେୟାରମେନ ବିଭୁକଲ୍ୟାଣ ନାଗ, ଇଂ. ରଶ୍ମିତା ମହାନ୍ତି, ସଂଗଠକ ରାମ ପ୍ରସାଦ ମିଶ୍ର, ନରସିଂହ ପ୍ରଧାନ, ଯଜ୍ଞେଶ୍ୱର ସାଏ ପ୍ରମୁଖ ଯୋଗ ଦେଇଥିଲେ । ଗ୍ରାମର ସାମାଜିକ କର୍ମୀ ଜୟକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଚୈତନ୍ୟ ସା, ସନ୍ତୋଷ ନାରାୟଣ ମିଶ୍ର, ବିଘ୍ନରାଜ ସାଏ, ବିଜୟ ମହଲା, ଲବ ନାଗ, ଘାସିରାମ ଭୋଇ, ସ୍ୱୟଂ ସହାୟକ ଗୋଷ୍ଠି, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ଶ୍ରୀ ରାଉତ ଏବଂ ଅଶୋକ ଭୁୟାଁ ସହଯୋଗ କରିଥିଲେ। ଗାଁ ରେ ପିଇବା ପାଣି ଏବଂ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ବିଧାୟକଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଉପସ୍ଥିତ ଜଳଯୋଗାଣ ଯନ୍ତ୍ରୀଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଫାମୁଣିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଜୟପୁର, (ହି.ସ.): ଜୟପୁର ବ୍ଲକ ଅନ୍ତର୍ଗତ ଫାମୁଣି ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସରପଂଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ହଟିକଲଚର, କୃଷି ବିଭାଗ ଏବଂ ଅନ୍ୟ ଲାଇନ ର ଅଧିକାରି ମାନେ ଉପସ୍ଥିତ ଥିଲେ । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା ।

# ବିଲେଇସର୍ଡା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବଲାଙ୍ଗୀର(ପିପିଏସ୍): ରବିବାର ଅଲ୍ ଓଡିଶା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିନର ଖେଳ ବିଲେଇସର୍ଡା ଓ ଭବାନୀପାଟଣା ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ସମୟସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକର ର ସାହାଯ୍ୟ ନିଆଯାଇଥିଲା । ଏଥିରେ ବିଲେଇସର୍ଡା ୪-୨ ଗୋଲରେ ଭବାନୀପାଟଣାକୁ ପରାସ୍ତ କରିଥିଲା । ଏହି ଟୁର୍ଣ୍ଣାମେଣ୍ଟକୁ ପୁଇନ୍ତଲା ବ୍ଲକ ଚେୟାରମେନ ମନୋଜ କୁମାର ପଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ଛତ୍ରିଆ, ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ବିଶ୍ୱାଳ, ବରିଷ୍ଠ ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ ତଥା ସଭାପତି ନିଳକଣ୍ଠ ପଧାନ, ନିମେଇଁ ଚରଣ ପଧାନ ମଞ୍ଚାସୀନ ଥିଲେ । ଉଦ୍‌ଘାଟନୀ ଉତ୍ସବରେ ସଭାପତି ମଧୁସୁଦନ ପଧାନଙ୍କ ସଭାପତିତ୍ୱରେ ଏ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ।

# ଗରିବ ସେନା ପକ୍ଷରୁ ଜିଲ୍ଲା ସ୍ୱାଭିମାନ ପଦଯାତ୍ରା

ନୂଆପଡ଼ା, (ହି.ସ.)- ନୂଆପଡା ଜିଲ୍ଲା ଗରିବ ସେନା ପକ୍ଷରୁ ଜିଲ୍ଲା ସ୍ୱାଭିମାନ ପଦଯାତ୍ରା ୧୬ ଦିନରେ ପହଂଚିଥିବା ବେଳେ ୨୮୦ କିଲୋମିଟର ଅତିକ୍ରମ ହୋଇଅଛି । ଏହି ପଦଯାତ୍ରା ୨୩ ପଂଚାୟତ ଅତିକ୍ରମ କରିଅଛି । ଜିଲ୍ଲା ବଂଚାଇବା ପାଇଁ ଚାଷୀ ଗରିବ ସେନା ସଭାପତି ରବି ମଙ୍ଗରାଜଙ୍କ ନେତୃତ୍ୱରେ 'ନୂଆପଡା ସ୍ୱାଭିମାନ ପଦଯାତ୍ରା' ଆରମ୍ଭ ହୋଇଥିଲା । ଚାଷୀଙ୍କୁ ଉପଯୁକ୍ତ ସମ୍ମାନ, ଦାଦନ ମୁକ୍ତ ଜିଲ୍ଲା, ଦୁର୍ନୀତି ମୁକ୍ତ, ଶୋଷଣ ମୁକ୍ତ, ମହିଳାଙ୍କୁ ସମ୍ମାନ ଏବଂ ଶିକ୍ଷିତ ଯୁବକଙ୍କ ହାତକୁ ରୋଜଗାର ପ୍ରଦାନ ସ୍ୱାଭିମାନ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହିଛି।

# ବିଷାକ୍ତ ଖାଦ୍ୟ ଖାଇ ଚାରି ଗାଈଗୋରୁ ଓ ମହିଁଷି ମୃତ



ପାରଳାଖେମୁଣ୍ଡି,(ପିପିଏସ୍): ରାୟଗଡ ବ୍ଲକ ସଦରସ୍ଥ ହାଟପଦା ନିକଟରେ ଥିବା ବଡ଼ ବନ୍ଧ ନିକଟରେ ସୋମବାର ଦେଖିବାକୁ ମିଳିଛି ଏକ ଅମାନବୀୟ ଦୃଶ୍ୟ । ବିଷାକ୍ତ ଖାଦ୍ୟ ଖାଇ ଦୁଇ ବଳଦ, ଗୋଟିଏ ଗାଈ ଓ ଗୋଟିଏ ମହିଁଷିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଯେ ସୋମବର ସ୍ଥାନୀୟ ଗୌଡ଼ ସାହିର ଶିବ ପ୍ରସାଦ ଗୌଡ଼ ନିଜ ମହିଷୀକୁ ଖୋଜିବାକୁ ଯାଇଥିବା ବେଳେ ହାଟପଦା ନିକଟସ୍ଥ ବଡ଼ ବନ୍ଧ ନିକଟରେ ମହିଷୀଟିକୁ ପଡିରହିଥିବା ଦେଖି ତୁରନ୍ତ ରାୟଗଡ଼ ପଶୁ ଚିକିତ୍ସା କେନ୍ଦ୍ରକୁ ଜଣାଇ ଥିଲେ। ପଶୁ ଚିକିତ୍ସା କେନ୍ଦ୍ରର ଡକ୍ଟର ଲିମା ମହାନ୍ତି ଓ ତାଙ୍କ ଚିକିତ୍ସା ଦଳ ଘଟଣାସ୍ଥଳରେ ପହଞ୍ଚିବା ସହ ଓ ଗୁରୁତର ମହିଷୀର ଚିକିତ୍ସା ଆରମ୍ଭ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମହିଷୀଟିର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଗାଈ ଗୋରୁ ପାଳନ କରୁଥିବା ଲୋକମାନେ ନିଜ ନିଜର ଗାଈ ଗୋରୁ ଆଦିଙ୍କୁ ଖୋଜିବା ଆରମ୍ଭ କରିଥିଲେ। ଏହି ସମୟରେ ସେହି ବନ୍ଧ ହିଡରେ ଆଉ ଗୋଟିଏ ଗାଈ ଓ ଗୋଟିଏ ବଳଦର ଶବ ମିଳିଥିଲା । ପୁଣି ଦୁଇ ଗାଈ ଓ ଗୋଟିଏ ବାଛୁରୀ ଗୁରୁତର ଅବସ୍ଥାରେ ପଡ଼ିରହିଥିବା ବେଳେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ପରେ ଚିକିତ୍ସା ଆରମ୍ଭ କରାଯାଇଥିଲା । ତେବେ ବହୁ ସମୟ ଚିକିତ୍ସା ପରେ ଦୁଇ ଗାଈ ଓ ବାଛୁରୀଙ୍କୁ ବିପଦମୁକ୍ତ କରଯାଇଥିଲା।ପଶୁମାନଙ୍କ ଚିକିତ୍ସା ସମୟରେ ଗ୍ରାମର ବଜରଙ୍ଗ ଦଳର ବହୁ ଯୁବକମାନେ ସହଯୋଗ କରିଥିଲେ। ଘଟଣାସ୍ଥଳରେ ମୃତ ପଶୁମାନଙ୍କର ବ୍ୟବଚ୍ଛେଦ କରାଯାଇଥିଲା। ଏନେଇ ପଶୁପାଳକମାନେ ରାୟଗଡ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଆନନ୍ଦଚନ୍ଦ୍ର ପାତ୍ର ୧୬/୨୩ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଘର ଭାଙ୍ଗିବା ଘଟଣାରେ ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଜେସିବି ଲଗାଇ ଘର ଭାଙ୍ଗିଦେବା ମାମଲାରେ ଆଜି ଜଣେ ଯୁବକଙ୍କୁ ବାଲିଅନ୍ତା ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲା ଗଡ଼ଭିଙ୍ଗାରପୁର ଗ୍ରାମର ରାଜୀବ ଲୋଚନ ଜେନା(୩୫) । ଖବର ନେବାରୁ ଜଣାପଡ଼ିଛି ପ୍ରଭାତ କିରଣ ପାଢ଼ୀ ନାମକ ଜଣେ ବ୍ୟକ୍ତି ତାଙ୍କ ବିରୋଧରେ ଏନେଇ ଅଭିଯୋଗ କରିଥିଲେ । ଚଳିତମାସ ୧ ତାରିଖରେ ରାଜୀବ ଏବଂ ତାଙ୍କ ବାପା ବାବୁଲିଧର ଜେନା ଜେସିବି ଯୋଗେ ପ୍ରଭାତଙ୍କ ନିର୍ମାଣାଧୀନ ଘର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା । ସୂଚନା ଅନୁସାରେ ରାଜୀବ ନାବାଳକ ଥିବା ବେଳେ ତାଙ୍କ ନାମରେ ଥିବା ଉକ୍ତ ଜାଗାକୁ କ୍ଷମତାପତ୍ର ବଳରେ ତାଙ୍କ ବାପା ଅନ୍ୟ ଜଣେ ବ୍ୟକ୍ତିକୁ ବିକ୍ରିକରି ଦେଇଥିଲେ । ପରବର୍ତ୍ତୀ ସମୟରେ ପ୍ରଭାତ ଉକ୍ତ ଜମିକୁ କିଣିଥିଲେ । ହେଲେ ରାଜୀବ ଉକ୍ତ ଜମିକୁ ଦଖଲ କରିବାକୁ ଉଦ୍ୟମ କରିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା ।

## ରାସ୍ତା ମଝିରେ ନିଶାସକ୍ତଙ୍କ ଉତ୍ପାତ

**ଭୁବନେଶ୍ୱର (ପିପିଏସ୍):** ନିଶାଗ୍ରସ୍ତ ଅବସ୍ଥାରେ ଶାନ୍ତିପଲ୍ଲୀ ବସ୍ତିର କେତେକ ଯୁବକ ଖଣ୍ଡୁଆଳି ମନ୍ଦିର ନିକଟ ରାସ୍ତା ମଝିରେ ଇନ୍‌ଷ୍ଟା ରିଲସ୍ କରୁଥିଲେ । ସେହି ବାଟ ଦେଇ ଯାଉଥିବା ସ୍କୁଲ ପିଲା ଏଭଳି ଦୃଶ୍ୟ ଦେଖି ହସି ଦେଇଥିଲେ । ଏତିକିରେ ନିଶାଗସ୍ତ ଯୁବକମାନେ ଭ୍ୟାନ୍‌ରେ ବସିଥିବା ଛାତ୍ରୀମାନଙ୍କୁ ଆଶାଳୀନ ବ୍ୟବହାର କରିଥିଲେ । ଉକ୍ତ ସ୍କୁଲ ଭ୍ୟାନ୍‌କୁ ଅଟକାଇ ପଥର ମାଡ଼କରି ଗାଡ଼ିର କାଚ ଭାଙ୍ଗି ଦେଇଥିଲେ । ଡ୍ରାଇଭର ଏହାକୁ ଅଟକାଇବାରୁ ସେମାନେ ଡ୍ରାଇଭରକୁ ଘୋଷାଡି ଆଣି ନିର୍ଘାତ ପିଟିଥିଲେ । ଆକ୍ରମଣକାରୀଙ୍କ ମାଡ଼ରେ ଗାଡ଼ିର ଡ୍ରାଇଭର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ପୁଲିସକୁ ଜଣାଇଥିଲେ । ପୁଲିସ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ । ଏଭଳି ଘଟଣା ସହିଦ ନଗର ଥାନା ଖଣ୍ଡୁଆଳି ମନ୍ଦିର ନିକଟରେ ଦେଖିବାକୁ ମିଳିଛି । ଏନେଇ ଅଭିଭାବକମାନେ ସ୍କୁଲ ନିକଟରେ ପ୍ରତିବାଦ କରିବା ସହ ସହିଦ ନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଏନେଇ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ଜଣାପଡ଼ିଛି । ପୂର୍ବରୁ ଏନେଇ ପୁଲିସ ଅବଗତ ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଆଜି ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉ କି ପୂର୍ବରୁ ଏହି ଯୁବକମାନେ ଏଭଳି ଆତଙ୍କ କରି ଜେଲ୍ ଯାଇଥିଲେ । କିନ୍ତୁ ବେଲ୍‌ରେ ଆସିବା ପରେ ପୁଣି ଏଭଳି କାଣ୍ଡ ଘଟାଉଥିବା ସ୍ଥାନୀୟ ଲୋକେ କହିଛନ୍ତି ।

## ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏକା ଭରସା ରେଡିଓ



**ଭୁବନେଶ୍ୱର (ପିପିଏସ୍):** ରେଡ଼ିଓର ବିକଳ୍ପ ନାହିଁ । କାରଣ ବର୍ଷା, ଝଡ଼, ବାତ୍ୟା, ବନ୍ୟା ସମୟରେ ଯେତେବେଳେ ବ୍ୟାଟେରୀ ଶେଷ ହୋଇଯାଏ ଏବଂ ନେଟୱାର୍କ ଅକାମୀ ହୋଇଯାଏ, ସେହି ସମୟରେ ରେଡ଼ିଓ ହିଁ ଏକମାତ୍ର ଭରସା ହୋଇଥାଏ । ପୂର୍ବରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଡ଼ିଓ ଏକମାତ୍ର ସୂଚନାପ୍ରଦାନକାରୀ ମାଧ୍ୟମ ପାଲଟିଆସୁଥିଲା, ଆଗକୁ ମଧ୍ୟ ରେଡ଼ିଓ ତା'ର ସ୍ୱତନ୍ତ୍ରତା ବଜାୟ ରଖିବ । ୫-ଜି ଯୁଗରେ ବି ରେଡ଼ିଓର ସ୍ୱାତନ୍ତ୍ର୍ୟତା ପୂର୍ବଭଳି ରହିଛି ବୋଲି ଓଏସଡିଏମ୍ ଓ ଓଡ଼ିଶା ହାମ୍‌ର ମିଳିତ ସହଯୋଗରେ ଆଉଟରିଚ୍ ନବମ ଅନ୍ତର୍ଜାତୀୟ ରେଡ଼ିଓ ମେଳାରେ ଖୋଲାଯାଇଥିବା ଷ୍ଟଲରେ ରେଡ଼ିଓ ସମ୍ପର୍କରେ ଏଭଳି ଅନେକ କଥା ଶୁଣିବାକୁ ମିଳିଥିଲା । ରେଡ଼ିଓ ମାଧ୍ୟମରେ କିଭଳି ଲ ଆଣ୍ଡ ଅର୍ଡର, ଦୈନନ୍ଦିନ ଜୀବନ, ଟ୍ରାଫିକ୍ ମ୍ୟାନେଜମେଣ୍ଟ ଆଦିକୁ ପରିଚାଳନା କରାଯାଇଥାଏ ତାହାକୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଭ୍ରମଣକାରୀଙ୍କୁ ବୁଝାଇଥିଲେ । ଏହା ଏକ ସାଟେଲାଇଟ୍ କମ୍ୟୁନିକେସନ୍ । ସାମୁଦ୍ରିକ ଝଡ଼ ଫାନି ସମୟରେ କିଭଳି ଯୋଗାଯୋଗର ଏକମାତ୍ର ମାଧ୍ୟମ ପାଲଟିଥିଲା ତାହାକୁ ବୁଝିବା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହାମ୍ ରେଡ଼ିଓ, ଭିଏଚ୍‌ଏଫ୍(ଭେରି ହାଏ ଫ୍ରିକ୍ୱେନ୍‌ସି), ଡିଜିଟାଲ ମୋବାଇଲ କମ୍ୟୁନିକେସନ୍ ଆଦି ବ୍ୟବହାର ସମ୍ପର୍କରେ କହିଥିଲେ । ସବୁଠୁବଡ଼ କଥା ହେଉଛି ଓଡ଼ିଶାରେ ୬ଟି ଜିଲ୍ଲାର ୨୨ଟି ଉପକୂଳବର୍ତ୍ତୀ ବ୍ଲକ୍‌ରେ ଆଲର୍ଟ ସାଇରନ୍ ଟାୱାର ଲଗାଯାଇଛି । ଯାହାଦ୍ୱାରା ଅପହଞ୍ଚ ଇଲାକାରେ ବାତ୍ୟା, ବନ୍ୟା ପୂର୍ବରୁ ଲୋକମାନଙ୍କୁ ସଚେତନ କରିବା ପାଇଁ ଏହି ସାଇରନ୍ ବାଜିଥାଏ । ଫଳରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଲୋକମାନେ ପୂର୍ବ ସୂଚନା ପାଇ ସଚେତନ ହେବେ । ଗୋଟିଏ ଷ୍ଟେସନ୍‌ରୁ ଆଉ ଏକ ଷ୍ଟେସନ ସହ ଲମ୍ବା ସମୟ ପର୍ଯ୍ୟନ୍ତ ଯୋଗାଯୋଗ କରାଯାଇପାରିବ ବୋଲି ଓଏସ୍‌ଡିଏମ୍‌ର ସିଷ୍ଟମ୍ ଏକ୍ସପର୍ଟ ଅରବିନ୍ଦ ରାୟ କହିଛନ୍ତି । ଏହି ଷ୍ଟଲରେ କମ୍ୟୁନିକେସନ୍ ସିଷ୍ଟମ୍ ପ୍ରଦର୍ଶିତ କରାଯିବା ସହ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟର ଚିତ୍ର ଓ ତଥ୍ୟକୁ ସ୍ଥାନିତ କରାଯାଇଥିବା ପୁସ୍ତକ ମଧ୍ୟ ଉପଲବ୍ଧ ରହିଥିଲା ।

## ଘରପୋଡ଼ି ଅଭିଯୋଗରେ ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଗୋଟିଏ ପରିବାରକୁ ସଂଘବଦ୍ଧ ଆକ୍ରମଣ କରିବା ଓ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ । ଗିରଫ ଦୁଇ ଅଭିଯୁକ୍ତ ହେଲେ ଗିରିଙ୍ଗାପୁଟ ଗାଁର ଭୀମ ଓରଫ୍ ଘନିଆ ପ୍ରଧାନ (୬୫) ଓ ଶଙ୍କର ଘଡ଼େଇ (୨୫) । ପୁଲିସ ସୂଚନା ଅନୁସାରେ, ଗିରିଙ୍ଗାପୁଟ ଗାଁର ଟିନା ଦେଇ ଘରେ ଥିବାବେଳେ ଭୀମ ଓ ଶଙ୍କର ନିଶାସକ୍ତ ଅବସ୍ଥାରେ ଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ଘର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ । ଘର ନ ଛାଡ଼ିଲେ ତାଙ୍କ ଘରେ ନିଆଁ ଲଗାଇ ଦେବେ ବୋଲି ଧମକ ଦେଇଥିଲେ । ଟିନାଙ୍କ ସାନପୁଅ ବିରୋଧ କରିବାରୁ ଶଙ୍କର ଓ ଭୀମ ତାଙ୍କ ସହଯୋଗୀମାନେ ମିଶି ଟିନାଙ୍କ ପରିବାରକୁ ସଂଘବଦ୍ଧ ଆକ୍ରମଣ କରିଥିଲେ । ଟିନା ଏଥିରେ ଭୟଭୀତ ହୋଇ ପୁଅ ଓ ବୋହୂଙ୍କୁ ନେଇ ଅନ୍ୟ ଏକ ସାହିରେ ଆଶ୍ରୟ ନେଇଥିଲେ । ଅଭିଯୁକ୍ତମାନେ ଏହାର ସୁଯୋଗ ନେଇ ଟିନାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ । ଘର ଭିତରେ ଥିବା ଗ୍ରାଇଣ୍ଡର, ପ୍ରେସର୍ କୁକର, ୫୦ ଖଣ୍ଡ ଶାଢ଼ି ଓ ବିଭିନ୍ନ ସଂସ୍ଥାରୁ ଋଣ କରି ଆଣି ରଖିଥିବା ୭୮ ହଜାର ଟଙ୍କା ପୋଡ଼ି ଯାଇଥିଲା । ଟିନା ଏ ନେଇ ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଶଙ୍କର ଓ ଭୀମକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଆନ୍ଦୋଳନକୁ ଓହ୍ଲାଇଲେ ବେସରକାରୀ ଅଧ୍ୟାପକ କର୍ମଚାରୀ

**ଭୁବନେଶ୍ୱର (ପିପିଏସ୍):** ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ । ସଂଘ ପକ୍ଷରୁ ୨୬୫ଦିନ ଧାରଣା ଦିଆଯିବା ପରେ ହକି ଖେଳ ପାଇଁ ଏହାକୁ ସ୍ଥଗିତ ରଖାଯାଇଥିଲା । ଆନ୍ଦୋଳନ ସମୟରେ ଉପଜିଲ୍ଲାପାଳ, ଜିଲ୍ଲାପାଳ, ବିଭାଗୀୟ ସ୍ୱତନ୍ତ୍ର ସଚିବ, ପ୍ରମୁଖ ସଚିବ, ମୁଖ୍ୟ ଶାସନସଚିବ ବିଭାଗୀୟ ମନ୍ତ୍ରୀ , ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ପ୍ରମୁଖଙ୍କୁ ଦାବି ବିଷୟରେ ଅବଗତ କରାଯାଇଥିଲା । ମୁଖ୍ୟଶାସନସଚିବ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାସହ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ମଧ୍ୟ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ୧ ଜୁନ୍ ୨୦୦୮ରୁ ୩୦ ଡିସେମ୍ବର୨୦୧୩ ମଧ୍ୟରେ ଖୋଲିଥିବା ମହାବିଦ୍ୟାଳୟ ଏବଂ ସେହି ସମୟ ମଧ୍ୟରେ ନିଯୁକ୍ତ ଅଧ୍ୟାପକ କର୍ମଚାରୀଙ୍କ ତାଲିକା ପ୍ରେରଣ ପାଇଁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଗଲା । ସଂଘ ଏହାର ତୀବ୍ର ବିରୋଧ କରି ପୁନଃ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟପାଳଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି ।

# ଜୟଦେବବିହାର-ନନ୍ଦନକାନନ ରାସ୍ତା ପାଇଁ ନୂଆ ଡିପିଆର୍



**ଭୁବନେଶ୍ୱର (ପିପିଏସ୍):** ରାଜଭବନରୁ ନନ୍ଦନକାନନ ରାସ୍ତା ନୂଆ ରୂପ ନେବ । ପୂର୍ବରୁ ଅନେକଥର ଏ ନେଇ ଯୋଜନା ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ । କେତେବେଳେ ଜବରଦଖଲ ତ' କେତେବେଳେ ରାଜନୈତିକ ଅଭିସନ୍ଧି ଯୋଗୁଁ ଏହି ରାସ୍ତା ଉନ୍ନତୀକରଣ ପାଇଁ ପ୍ରସ୍ତୁତ ହୋଇଥିବା ନୀଳନକ୍ସା ବାସ୍ତବ ରୂପ ନେଇ ପାରିନାହିଁ । ତେବେ ଦୀର୍ଘ ଦିନର ବ୍ୟବଧାନ ପରେ ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି । ଏହି ରାସ୍ତାରୁ ଭିଡ଼ କମାଇବା ପାଇଁ ରାସ୍ତା ସମ୍ପ୍ରସାରଣ ଓ ଆର୍‌ଓବି ନିର୍ମାଣ ପାଇଁ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର) ପ୍ରସ୍ତୁତ କରିବାକୁ ଯୋଜନା ହୋଇଛି । ଏଥିପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ (ଓବିସିସି)କୁ ଦାୟିତ୍ୱ ଦିଆଯାଇଛି । ଓବିସିସି ଏହି ଡିପିଆର ପ୍ରସ୍ତୁତ କରିବା ପାଇଁ ଠିକାଦାର ଚୟନ କରିବାକୁ ଟେଣ୍ଡର ଡାକିଛି । ଚଳିତ ମାସ ୨୮ ତାରିଖ ଟେଣ୍ଡର ପକାଇବାର ଶେଷ ତାରିଖ ରହିଛି । ଠିକାଦାର ଚୟନ ହେବା ପରେ ସର୍ଭେ ଆରମ୍ଭ ହେବ । ୬ ମାସ ମଧ୍ୟରେ ସର୍ଭେ ସାରି ଡିପିଆର ପ୍ରସ୍ତୁତ କରିବାକୁ ସମୟ ଧାର୍ଯ୍ୟ ହୋଇଛି । ଏହା ପରେ ପୂର୍ତ୍ତ ବିଭାଗ ଏହାକୁ ସ୍ୱୀକୃତି ଦେଲେ କାମ ଆରମ୍ଭ ହେବ । ତେବେ ପୂର୍ବରୁ ଏହି ରାସ୍ତା ନବୀକରଣ ପାଇଁ ଡିପିଆର ପ୍ରସ୍ତୁତ ହୋଇଥିଲା । ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଏହି ଡିପିଆର ପ୍ରସ୍ତୁତ କରିଥିଲା । କିନ୍ତୁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା । ପ୍ରାୟ ଦୁଇ ବର୍ଷ ଧରି ଏହି ଡିପିଆର୍ ପଡ଼ି ରହିବା ପରେ ପୁଣି ଥରେ ଡିପିଆର୍ ପ୍ରସ୍ତୁତ ହେବାକୁ ଯାଉଛି । ଏଥର ଓବିସିସିକୁ ଏହି ଦାୟିତ୍ୱ ଦିଆଯାଇଛି । ତେବେ ପୂର୍ବ ଡିପିଆର କାହିଁକି କାଟ୍ ଖାଇଲା ସେ ନେଇ ପୂର୍ତ୍ତ ବିଭାଗ ପାଖରେ ଉତ୍ତର ନାହିଁ । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ପୂର୍ବ ଡିପିଆରରେ ଜାଭିୟର ଛକ, ପାୱାର ହାଉସ୍ ଛକ ଓ ନିକୋ ପାର୍କ ଛକରେ ନିର୍ମାଣ ହେବାକୁ ଥିବା ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ସମ୍ଭବ ନ ହେବାରୁ ଏହାକୁ ବାତିଲ କରାଯାଇଥିବା କୁହାଯାଉଛି । ତେବେ ଏହି ତିନିଟି ଫ୍ଲାଏ ଓଭର ବ୍ରିଜ୍ ଛାଡ଼ିଦେଲେ ବାକି ଯେତିକି ପ୍ଲାନ୍ ହୋଇଥିଲା ସେହି ଅନୁସାରେ ନୂଆ ଡିପିଆର ହେବ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି । ପୁରୁଣା ଡିପିଆର ମୁତାବକ, ରାଜଭବନରୁ ନନ୍ଦନକାନନ ପର୍ଯ୍ୟନ୍ତ ପ୍ରାୟ ୧୫ କିଲୋମିଟର ରାସ୍ତାର ନବୀକରଣ ହେବ । ଏହାକୁ ୬ ଲେନ୍ ବିଶିଷ୍ଟ କରାଯିବ । ଏହି ରାସ୍ତାର ୯ଟି ଛକରେ ୯ଟି ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ହେବ । ପାୱାର ହାଉସ୍ ଛକରେ ଏହି ବ୍ରିଜ୍‌ର ଲମ୍ବା ୮୫୦ ମିଟର ରହିଥିବା ବେଳେ ନିକୋ ପାର୍କ ଛକରେ ୫୮୫, ଜୟଦେବ ବିହାରରେ(ଫ୍ଲାଏ ଓଭର ବ୍ରିଜ୍ ଉପରେ) ୧୦୫୦ ମିଟର, ଜାଭିୟର ଛକରେ ୧୦୫୦ ମିଟର, ନାଲ୍‌କୋ ଛକରେ ୬୦୦ ମିଟର, ଡମଣା ଛକରେ ୧୩୦୦ ମିଟର, ପଟିଆ ଛକରେ ୭୫୦ ମିଟର, କିଟ୍ ଛକରେ ୧୩୦୦ ମିଟର ଓ ନନ୍ଦନକାନନ ଛକରେ ୬୫୦ ମିଟର ପର୍ଯ୍ୟନ୍ତ ଫ୍ଲାଏ ଓଭର ନିର୍ମାଣ କରିବାକୁ ଯୋଜନା ରହିଛି । ଏହା ସହିତ ଆମ୍ବୁଲାନ୍ସ ପାଇଁ ଏକ ସ୍ୱତନ୍ତ୍ର କରିଡର ରଖିବାକୁ ଯୋଜନା ହୋଇଛି । କେତେକ ଅଣ୍ଡରପାସ୍ ସହ ସର୍ଭିସ୍ ରୋଡ୍ ନିର୍ମାଣ ଯୋଜନା ହୋଇଛି । ଏହା ସହିତ କେତେକ ଜାଗାରେ ଫୁଟ୍ ଓଭର ବ୍ରିଜ୍ ମଧ୍ୟ ନିର୍ମାଣ ହେବ । ପାର୍କିଂ ଜାଗା, ବସିବା ପାଇଁ ବ୍ୟବସ୍ଥା, ଫୁଟ୍‌ପାଥ୍ ମଧ୍ୟ ରହିବ । ରାସ୍ତା ୬ ଲେନ୍ ବିଶିଷ୍ଟ କରିବାକୁ ଜମି ମଧ୍ୟ ଚିହ୍ନଟ ହୋଇଥିଲା । ତେବେ କେତେକ ଜବରଦଖଲ ଏହି ପ୍ରକଳ୍ପରେ ବାଧକ ସାଜିଥିଲା । ରାଜନେତାଙ୍କ ହସ୍ତକ୍ଷେପ ଯୋଗୁ ଉଚ୍ଛେଦ ସମ୍ଭବ ହେଉନଥିଲା । ନିକଟ ଅତୀତରେ ହକି ବିଶ୍ୱକପ୍ ଆୟୋଜନ ସମୟରେ ଏହି ରାସ୍ତା କଡ଼ରୁ ଜବରଦଖଲ ହଟା ଯାଇଥିଲା । ହକି ସରୁ ସରୁ ପୁଣି ଥରେ ଜବରଦଖଲ ହୋଇଯାଉଥିଲା । ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଡିଏ ଏଠାରୁ ପ୍ରତ୍ୟେକ ଦିନ ଉଚ୍ଛେଦ ଜାରି ରଖିଥିଲା । ପୁଣି ଥରେ ଜବରଦଖଲ ହେବାକୁ ଦେଇନଥିଲା । ଏହା ଏହି ପ୍ରକଳ୍ପ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିବାରୁ ସରକାର ତତ୍ପରତା ଦେଖାଇଛନ୍ତି । କିନ୍ତୁ ପୂର୍ବ ଡିପିଆରକୁ ବିଚାରକୁ ନ ନେଇ ପୁଣି ଥରେ ଡିପିଆର କରିବାକୁ ଯାଉଥିବାରୁ ପ୍ରକଳ୍ପ ବିଳମ୍ବିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଅନ୍ୟପଟେ ଏହି ରାସ୍ତାରୁ ଭିଡ଼ କମାଇବା ପାଇଁ ୨ଶହ ଫୁଟିଆ ସମାନ୍ତରାଳ ରାସ୍ତା ନିର୍ମାଣାଧୀନ ରହିଛି । ଜବରଦଖଲ ଓ ଅନ୍ୟ କେତେକ ସମସ୍ୟା ନେଇ ତାହା ମଧ୍ୟ ଅଧପନ୍ତରିଆ ରହିଛି । ଏହି ରାସ୍ତାରେ ବଡ଼ବଡ଼ ଶିକ୍ଷାନୁଷ୍ଠାନ ସହ ଆଇଟି ହବ୍, ପ୍ରତିଷ୍ଠିତ ହସ୍ ?ପିଟାଲ ରହିଛି । ସେଥିପାଇଁ ଏହି ରାସ୍ତାରେ ପ୍ରବଳ ଭିଡ଼ ହେଉଛି । ଏହି ଭିଡ଼ କମାଇବା ପାଇଁ ଏହି ନୂଆ ଯୋଜନାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ମତ ପ୍ରକାଶ ପାଉଛି ।

## ମାଲିକ ଘରୁ ଚୋରି କଲା ଘରୋଇ ସହାୟକ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରେ ଘରୋଇ ସହାୟକଙ୍କ କାରସାଦିରେ ରୋକ୍ ଲାଗୁନି । ମାଲିକ ଘରୁ କଳାକନା ବୁଲାଇ ଗିରଫ ହୋଇଛନ୍ତି ଘରୋଇ ସହାୟକ । ଶ୍ରୀଲିଙ୍ଗରାଜ ଥାନା ଅଧୀନ ନାଗେଶ୍ୱର ଟାଙ୍ଗୀ ଅଞ୍ଚଳରୁ ଆସିଛି ଏଭଳି ଘଟଣା । ଏଥିରେ ସମ୍ପୃକ୍ତି ରହିଥିବା ଘରୋଇ ସହାୟକକୁ ଗିରଫ କରିଛି ଲିଙ୍ଗରାଜ ଥାନା ପୁଲିସ । ଗିରଫ ଯୁବକ ହେଲା କଟକ ଜିଲ୍ଲା ଓଲଟପୁରର ରଞ୍ଜନ କୁମାର ନାୟକ ।
ଅଭିଯୋଗ ଅନୁଯାୟୀ, ରଞ୍ଜନ ଦୁଇବର୍ଷ ହେବ ଘରୋଇ ସହାୟକ ଭାବେ ମାଲିକ ଘରେ କାମ କରୁଥିଲେ । ସପ୍ତାହ ତଳେ ମାଲିକ ନାଗେଶ୍ୱର ଟାଙ୍ଗୀରେ ଥିବା ଘରୁ ବିଜେବି ନଗରରେ ଥିବା ଘରକୁ ଗୃହପୋକରଣ ସାମଗ୍ରୀ ସ୍ଥାନାନ୍ତର କରୁଥିଲେ । ଏହି ସମୟରେ ରଞ୍ଜନ ଟେବଲ-ଡ୍ର ଭାଙ୍ଗି ୨ଟି ସୁନା ବ୍ରେସଲେଟ, ଦୁଇଟି ସୁନା ଚେନ ଓ ୩ଟି ସୁନା ମୁଦି ଚୋରି କରି ଫେରାର୍ ହୋଇଯାଇଥିଲା । ଏନେଇ ଥାନାରେ ଅଭିଯୋଗ ପରେ ରଞ୍ଜନକୁ ଆଜି କାବୁ କରିବା ସହ ଚୋରି ସାମଗ୍ରୀ ଜବତ କରିଛି ପୁଲିସ ।

## ଏବିଭିପି'ର ୨ ପୂର୍ବତନ ସଦସ୍ୟ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ୍ ହଲରେ ସିଟିଜେନ୍ସ ଫୋରମ୍‌ର ଦୁଇ ଜଣ ସଦସ୍ୟଙ୍କୁ ମାଡ଼ ମାରିବା ଘଟଣାରେ ସହିଦ ନଗର ଥାନା ପୁଲିସ ଏବିଭିପିର ୨ଜଣ ପୂର୍ବତନ ସଦସ୍ୟଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁ ଛାତ୍ରାବାସରେ ରହୁଥିବା ମାନସ କୁମାର ସାହୁ ଏବଂ ସଞ୍ଜୟ କୁମାର ମଲ୍ଲିକ । ଉଭୟଙ୍କୁ କୋର୍ଟ ଚାଲାଣ ସମୟରେ ଜେଏମ୍‌ଏଫ୍‌ସି-୩ କୋର୍ଟ ଆଗରେ ସଞ୍ଜୟ ବେହୋସ ହୋଇଯାଇଥିଲେ । ଏବିଭିପି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ପୁଲିସ ତାଙ୍କୁ ଉଠାଇ ଆଣି ଥାନାରେ ମାଡ଼ ମାରିଛି । ଯେଉଁଥି ପାଇଁ ସେ କୋର୍ଟ ଆଗରେ ଚେତାଶୂନ୍ୟ ହୋଇଯାଇଥିଲେ । କେବଳ ସଞ୍ଜୟ ନୁହେଁ ଗତକାଲି ବାଣୀବିହାର ଗେଟ୍ ସମ୍ମୁଖରେ ବିକ୍ଷୋଭ କରୁଥିବା ଏବିଭିପିର ଏକାଧିକ ପିଲାଙ୍କୁ ଉଠାଇ ଆଣି ପୁଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି ।

ସୂଚନାଯୋଗ୍ୟ ଯେ, ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ବିଭାଗରେ "ଭାରତୀୟ ସମ୍ବିଧାନ ଓ ଶିକ୍ଷା" ଉପରେ ଏକ ସେମିନାରର ଆୟୋଜନ କରିଥିଲା । ସିଟିଜେନ୍ସ ଫୋରମ୍ ତରଫରୁ ସେମିନାର ଚାଲିଥିବାବେଳେ ଜେଏନୟୁ ପ୍ରଫେସରଙ୍କ ମନ୍ତବ୍ୟକୁ ବିରୋଧ କରି ଏବିଭିପିର ଅଣଛାତ୍ର ପାଟିତୁଣ୍ଡ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନୂଆଦିଲ୍ଲୀ ଜେଏନୟୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରଜିତ ମଜୁମଦାର ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ଜଣକ ନିଜ ବକ୍ତବ୍ୟ ଆରମ୍ଭ କରିବା ସମୟରେ ଦୁଇ ଅଭିଯୁକ୍ତ ସଞ୍ଜୟ ଏବଂ ମାନସ ନିଜକୁ ଏବିଭିପି/ଆରଏସଏସ'ର ସଦସ୍ୟ ଭାବେ ପରିଚୟ ଦେଇ ଅସଭ୍ୟ ଭାଷାରେ ଗାଳି କରିଥିଲେ । ପ୍ରଦୀପ୍ତ ଏହାକୁ ବିରୋଧ କରିବାରୁ ଉଭୟ ଅଭିଯୁକ୍ତ ଫୋନ ମାଧ୍ୟମରେ ନିଜ ସହଯୋଗୀଙ୍କୁ ଘଟଣାସ୍ଥଳକୁ ଡାକିଥିଲେ । ଖବର ପାଇ ଘଟଣାସ୍ଥଳକୁ ୭/୮ ଜଣ ସହଯୋଗୀ ସେଠାରେ ପହଞ୍ଚି କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ । ଏଥିସହ ମିଟିଂ ହଲରେ ଥିବା ବିଭିନ୍ନ ଆସବାବପତ୍ର ସବୁକୁ ମଧ୍ୟ ନଷ୍ଟ କରିଦେଇଥିଲେ । ଏହି ଘଟଣାର ଅଭିଯୋଗ ପରେ ସହିଦ ନଗର ଥାନା ପୁଲିସ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୁଲିସ ତଦନ୍ତ କରି ଜାଣିବାକୁ ପାଇଛି ଯେ, ଉଭୟ ଅଭିଯୁକ୍ତ ଉତ୍କଳ ବିଶ୍ୱ ବିଦ୍ୟାଳୟର ଛାତ୍ର ନୁହନ୍ତି । ସେମାନେ ଜବରଦସ୍ତ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ଛାତ୍ରାବାସରେ ରହୁଛନ୍ତି । ଅଭିଯୁକ୍ତ ମାନସ କୁମାର ସାହୁଙ୍କ ନାମରେ ପୂର୍ବରୁ ମଧ୍ୟ ସହିଦ ନଗର ଥାନାରେ ୮ଟି ଅପରାଧିକ ମାମଲା ରହିଥିବା ବେଳେ ଅଭିଯୁକ୍ତ ସଞ୍ଜୟ କୁମାର ମଲ୍ଲିକଙ୍କ ନାମରେ ସମ୍ପୃକ୍ତ ସହିଦ ନଗର ଥାନାରେ ୯ଟି ଅପରାଧିକ ମାମଲା ରହିଛି ।

## ମାଲିକଙ୍କ ବୋଲେରୋ ନେଇ ଡ୍ରାଇଭର ଚମ୍ପଟ

**ଭୁବନେଶ୍ୱର (ପିପିଏସ୍):** ମାଲିକଙ୍କ ଗାଡି ନେଇ ଡ୍ରାଇଭର ଚମ୍ପଟ ମାରିବା ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଛି । ଏନେଇ କାର ମାଲିକ ଅନୁସୂୟା ଭୂୟାଁ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

ଅଭିଯୋଗ ଅନୁସାରେ, ୩ବର୍ଷ ହେବ ଅନୁସୂୟାଙ୍କ ବୋଲେରୋ ଗାଡିକୁ ନୟାଗଡ଼ ଦଶପଲ୍ଲା ଅଞ୍ଚଳର ଶିବ ପ୍ରସାଦ ବାରିକ ଡ୍ରାଇଭର ଭାବେ ଚଲାଉଥିଲେ । ଗାଡି ଭଡ଼ା ବାବଦକୁ ବାଙ୍ଗାଲୋରରେ ଥିବା ଗାଡି ମାଲିକଙ୍କୁ ୧୦ରୁ ୧୨ହଜାର ଟଙ୍କା ଦେଉଥିଲେ । ମାଲିକଙ୍କ ଅତ୍ୟନ୍ତ ବିଶ୍ୱସ୍ତ ହୋଇ ଶିବ କାମ କରୁଥିଲା । ହେଲେ ଗତ ୧ତାରିଖରୁ ତା ସହ ମାଲିକଙ୍କ ଯୋଗାଯୋଗ ହୋଇପାରିନଥିଲା । ଅନୁସୂୟା ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ତାଙ୍କ ପରିବାରର କେହି ସଦସ୍ୟ ଫୋନ୍ ଉଠାଇ ନେଇଥିଲେ । ଶେଷରେ ଶିବଙ୍କ ଭାଇ ଫୋନ୍ ଉଠାଇ ତାଙ୍କୁ ନଜଣାଇ ଗାଡିକୁ କାହିଁ ବାଙ୍ଗଲୋର ନେଇଗଲ ବୋଲି କହିଥିଲେ । ପରେ ପୁଣି କହିଥିଲେ କି ତାଙ୍କ ଘର ଆଗକୁ ଗାଡି ଚୋରି ହୋଇଯାଇଛି । ତେଣୁ ଏଭଳି କଥା ଶୁଣି ମାଲିକଙ୍କ ସନ୍ଦେହ ହେବାରୁ ଥାନାରେ ଅଭିଯୋଗ କରିଛନ୍ତି ।

## ଚଣାହଟ୍ଟା ପିପୁଲ୍ସ ହାଇ ସ୍କୁଲ୍‌ର ପ୍ଲାଟିନମ୍ ଜୁବୁଲି

**ଭୁବନେଶ୍ୱର (ପିପିଏସ୍):** ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଚଣାହଟ୍ଟା ପିପୁଲ୍ସ ହାଇ ସ୍କୁଲର ପ୍ଲାଟିନମ୍ ଜୁବୁଲି ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ଯୁବକମାନଙ୍କୁ ନିଶାମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଉଚ୍ଚ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଆଡିସନାଲ୍ ଡାଇରେକ୍ଟର ପ୍ରୀତି ପ୍ରତିଭା ଭୋଳ, ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ପ୍ଲାଟିନମ୍ ଜୁବୁଲି ଆୟୋଜକ କମିଟି କର୍ମକର୍ତ୍ତା ସାମିଲ୍ ହୋଇଥିବାବେଳେ ବାଲିପାଟଣା ପ୍ରେସ୍ କ୍ଲବ୍‌ର ସାମ୍ବାଦିକ ଓ ବିଦ୍ୟାଳୟର ପୂର୍ବତନ ଗୁରୁଜୀ ଗୁରୁମା'ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରୁ ୨୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ସଭା ପରିଚାଳନା କରିଥିଲେ । ଆବାହକ କମିଟି ସଭାପତି ରମାକାନ୍ତ ପଣ୍ଡା ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ହର୍ବାଲ ମେଳାରେ ବଢୁଛି ଭିଡ଼

**ଭୁବନେଶ୍ୱର (ପିପିଏସ୍):** କଳିଙ୍ଗ ହର୍ବାଲ ମେଳାରେ ଭିଡ଼ ବଢ଼ିବାରେ ଲାଗିଛି । ବ୍ୟସ୍ତବହୁଳ ଜୀବନରେ ସହରାଞ୍ଚଳରେ ସମସ୍ତେ ପ୍ରାୟ ରୋଗାକ୍ରାନ୍ତ ହୋଇପଡୁଛନ୍ତି । ନିଜକୁ ଫିଟ୍ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଲୋକେ ଖାଦ୍ୟପେୟରେ ପରିବର୍ତ୍ତନ ଆଣୁଛନ୍ତି । ସ୍ୱାସ୍ଥ୍ୟ ସଚେତନ ଲୋକେ ବିଭିନ୍ନ ପ୍ରକାର ଆୟୁର୍ବେଦ ତଥା ଚେରମୂଳିକୁ ଆପଣାଉଛନ୍ତି । ଜଙ୍ଗଲ, ପାହାଡ଼ରୁ ସଂଗୃହୀତ ଚେରମୂଳି ଔଷଧ ପାଇଁ ଲୋକେ ହର୍ବାଲ ମେଳାକୁ ଆସୁଛନ୍ତି । ଗନ୍ଧମାର୍ଦ୍ଦନ ପାହାଡ଼ର ଚେରମୂଳରୁ ଔଷଧ ତିଆରି କରି ରୋଗ ଚିହ୍ନି ଚିକିତ୍ସା କରୁଛନ୍ତି ବଲାଙ୍ଗିରରୁ ଆସିଥିବା ୮୭ବର୍ଷୀୟ ଘର ବଇଦ ଶତ୍ରୁଘ୍ନ ମାଝୀ । ସବୁରୋଗ ପାଇଁ ପାର୍ବତୀ ବନୌଷଧୀ ରହିଛି ତାଙ୍କ ପାଖରେ । ମାତ୍ର ୧୩ବର୍ଷ ବୟସରୁ ଆରମ୍ଭ କରିଥିବା ଏହି ଆୟୁର୍ବେଦ ଚିକିତ୍ସାକୁ ସେ ଘରେ ଘରେ ପହଞ୍ଚାଉଛନ୍ତି । ସହରୀ ସଭ୍ୟତା ଭିତରେ ବିଭିନ୍ନ ରୋଗରେ ଆକ୍ରାନ୍ତ ଲୋକ ହାତରେ ନାଡ଼ି ଦେଖି ଚେରମୂଳି ଔଷଧ ଦେଉଛନ୍ତି । ବାତ, ମଳକଣ୍ଟକ, ମୁଣ୍ଡବ୍ୟଥା, ଅଧକପାଳି, ଚର୍ମରୋଗ, କାନ ବିନ୍ଧା ଆଦି ପାଇଁ ତାଙ୍କ ଷ୍ଟଲ୍ ଚିକିତ୍ସା କେନ୍ଦ୍ରରେ ମିଳୁଛି ବିଭିନ୍ନ ବନୌଷଧୀ । ଏହାସହିତ ମେଦବହୁଳତା, ମଧୁମେହ, ଅର୍ଶ, ଆଣ୍ଠୁଗଣ୍ଠିଜନିତ ରୋଗରୁ ମୁକ୍ତି ପାଇଁ ରାମବାଣ ଆୟୁର୍ବେଦ ଚିକିତ୍ସା ଯୋଗାଉଛନ୍ତି । ଗନ୍ଧମାର୍ଦ୍ଦନ ପାହାଡ଼ରୁ ସତାବରୀ, ଭରତ ବାଟୁଲି, ପାଳୁଅ ଆଦି ୧୦୮ରୁ ଊର୍ଦ୍ଧ୍ୱ ଚେରମୂଳି ସବୁ ସଂଗ୍ରହ କରି ଔଷଧ ଦେଉଛନ୍ତି । ୨୦୦୪ ମସିହାରୁ ଆୟୋଜିତ କଳିଙ୍ଗ ହର୍ବାଲ ମେଳାକୁ ଆସି ସେ ଲୋକଙ୍କୁ ବିଭିନ୍ନ ଔଷଧ ଦେଉଛନ୍ତି । ଏମିତିକି ଏତେ ବର୍ଷ ବୟସରେ ବି ନାଡ଼ି ଦେଖି ଲୋକଙ୍କୁ ଔଷଧ ଦେଉଛନ୍ତି ଶତ୍ରୁଘ୍ନ । ଏ ସମ୍ପର୍କରେ ଏହି ଚେରମୂଳି ଖାଇବା ଦ୍ୱାରା ବିଭିନ୍ନ ପ୍ରକାରର ରୋଗରୁ ମୁକ୍ତି ମିଳିପାରିବ ବୋଲି ହର୍ବାଲ ମେଳାକୁ ଆସିଥିବା ବୈଦ୍ୟ ଶତ୍ରୁଘ୍ନ କହିଛନ୍ତି । ବିଭିନ୍ନ ପାହାଡ଼ିଆ ଅଞ୍ଚଳରୁ ସଂଗୃହୀତ ଦୁର୍ଲଭ ଚେରମୂଳିରୁ ପ୍ରସ୍ତୁତ ଏହି ଔଷଧରୁ ବହୁ ଅସାଧ ରୋଗର ଚିକିତ୍ସା କରାଯାଇପାରିବ ବୋଲି ସେ କହିଛନ୍ତି । ଏହାକୁ ପ୍ରତିଦିନ ଖାଇଲେ ହାର୍ଟ, ବିପି, ସୁଗାର୍ ଓ ଥଣ୍ଡାଜନିତ ରୋଗ ଭଲ ହୋଇଯିବ । ଏଥିପାଇଁ ସ୍ୱାସ୍ଥ୍ୟ ସଚେତନ ରାଜଧାନୀବାସୀଙ୍କର ହର୍ବାଲ ଷ୍ଟଲ୍‌ରେ ଭିଡ଼ ଜମୁଛି । ଏବେ ଆୟୁର୍ବେଦ, ଚେରମୂଳି ଓ ଔଷଧୀୟ ବୃକ୍ଷ କିଣିବା ସହ ସହରକୁ ଆସିଥିବା ବୈଦ୍ୟମାନଙ୍କଠାରୁ ସେମାନଙ୍କ ରୋଗ ସମ୍ପର୍କରେ ଜାଣୁଛନ୍ତି । ଆୟୁର୍ବେଦ ଓ ଚେରମୂଳିର ଏବେ ବି ଡିମାଣ୍ଡ ରହିଛି । ଜ୍ୱର, କାଶ, ଥଣ୍ଡାଠାରୁ ଆରମ୍ଭ କରି ଦୁରାରୋଗ୍ୟର ନିରାକରଣ ପାଇଁ ରାଜଧାନୀବାସୀ ଏବେ ଆୟୁର୍ବେଦକୁ ଆପଣାଇଛନ୍ତି । ହର୍ବାଲ୍ ମେଳାରେ ଭିଡ଼ ସାଙ୍ଗକୁ ହର୍ବାଲ୍ ସାମଗ୍ରୀ କିଣିବାକୁ ଲୋକେ ଆଗ୍ରହ ପ୍ରକାଶ କରୁଛନ୍ତି । ୧୫ତମ କଳିଙ୍ଗ ହର୍ବାଲ ମେଳାର ୫ମ ଦିବସରେ ଯୋଗ, ନୃତ୍ୟ ଓ ସଙ୍ଗୀତର ଆସର ସାଙ୍ଗକୁ କିଣାକିଣି ଜମୁଛି । ସେହିପରି ବିଶେଷ ଆକର୍ଷଣରେ ରହିଛି ଭୂଇଁ କଖାରୁ । ମଲ୍ଟି ଭିଟାମିନ୍‌ରେ ଭରପୁର ଏହି ଭୂଇଁ କଖାରୁ କିଣିବା ପାଇଁ ଲୋକଙ୍କ ଭିଡ଼ ଜମୁଛି । ଏହାକୁ କଞ୍ଚା ଗୁଣ୍ଡ କରି କ୍ଷୀର ସାଙ୍ଗରେ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ । ଜଙ୍ଗଲରୁ ଏହାକୁ ସଂଗ୍ରହ କରାଯାଇ ଲୋକଙ୍କ ବିଶ୍ୱାସ ଅନୁଯାୟୀ ଯୋଗାଯାଉଛି । ଏହା ରକ୍ତ ଶୋଧକ, ସ୍ତନବର୍ଦ୍ଧକ, ମୂତ୍ରରୋଧ, ପିତ୍ତଦୋଷ ଆଦିର ଚିକିତ୍ସା ପାଇଁ ବ୍ୟବହାର କରାଯାଉଛି । ଏହି ଔଷଧୀୟ କଖାରୁକୁ ନିଜେ ବାଡ଼ିରେ ଲଗାଇବା ପାଇଁ କିଣି ନେଉଥିବା ଦେଖିବାକୁ ମିଳୁଛି ।

## ସହରରେ ପ୍ରେମବର୍ଷା: ଉପହାର, ଫୁଲ ଦୋକାନରେ ଭିଡ଼




**ଭୁବନେଶ୍ୱର (ପିପିଏସ୍):** ଆଜି ଭାଲେଣ୍ଟାଇନ୍ ଡେ'ରେ ରାଜଧାନୀର ପ୍ରେମୀଯୁଗଳ ବେଶ୍ ପ୍ରେମରେ ଭିଜିଛନ୍ତି । ବଜରଙ୍ଗ ଦଳ ସହ ଛକାପଞ୍ଝା ସହ ହୋଟେଲ୍, ପାର୍କ, ଫୁଲ ଦୋକାନ, ଗିଫ୍ଟ ଦୋକାନ ସବୁଠି ଚିରାଚରିତ ଭିଡ଼ । ଗୋଲାପ ଦିଆନିଆରୁ ଆରମ୍ଭ ହୋଇଥିବା ଏହି ସପ୍ତାହ ପ୍ରପୋଜ୍ ଡେ', ଚକ୍‌ଲେଟ୍ ଡେ', ଟେଡି ଡେ', ପ୍ରମିସ୍ ଡେ', ହଗ୍ ଡେ' ଆଦି ଡେଇଁବା ପରେ ଆଜି ପ୍ରତୀକ୍ଷିତ ପ୍ରେମଦିବସ ପାଳିଛନ୍ତି । ଆଜିକାଲିର ପ୍ରେମୀଯୁଗଳ ସେମାନଙ୍କ ପ୍ରେମର ପରିଭାଷାକୁ ଟାଟୁ ମାଧ୍ୟମରେ ପ୍ରକାଶ କରିବାକୁ ଭଲ ପାଉଛନ୍ତି । କିଏ ନିଜ ପ୍ରେମିକାର ମୁହଁକୁ ନିଜ ଛାତିରେ ଆଙ୍କିଲାଣି ତ କିଏ ପ୍ରେମିକର ନାଁକୁ ହାତରେ ଲେଖିଲାଣି । ଏଥିସହ ବିଭିନ୍ନ ଥିମ୍‌ର କପଲ୍ ଟାଟୁ ମଧ୍ୟ ଚାହିଦାରେ ରହିଛି । ତେଣୁ ଟାଟୁ ଷ୍ଟୁଡିଓଗୁଡ଼ିକରେ ଭାଲେଣ୍ଟାଇନ୍ ଡେ' ଅଫର ରହିଛି । ଟାଟୁଗୁଡ଼ିକର ଦାମ୍ ହଜାରେ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ କେବଳ ଭାଲେଣ୍ଟାଇନ୍ ଡେ' ସ୍ପେସାଲ ଟାଟୁ ୨ ହଜାର ଟଙ୍କା ପଡୁଛି । କିନ୍ତୁ କିଛି ଷ୍ଟୁଡିଓ ପ୍ରେମୀଯୁଗଳଙ୍କୁ ଆକୃଷ୍ଟ କରିବାକୁ ୨ ହଜାରକୁ କମାଇ ୧ ହଜାର ଟଙ୍କା କରିଥିବା ଜଣାପଡ଼ିଛି । କିସ୍ ଡେ' ତଥା ଚୁମ୍ବନ ଦିବସରେ ରାଜଧାନୀର ବିଭିନ୍ନ ପାର୍କରେ ବେଶି ଭିଡ଼ ଦେଖିବାକୁ ମିଳିଥିଲା । ବିଶେଷକରି ଧଉଳି, ଖଣ୍ଡଗିରି, ଜୟଦେବ ବାଟିକା, ନନ୍ଦନକାନନ, ବଟ୍‌ନିକାଲ୍ ଗାର୍ଡେନ୍, ଏକାମ୍ରକାନନ ଭଳି ଛୋଟବଡ଼ ସବୁ ପାର୍କରେ ଆଜି ଥିଲା ଅସମ୍ଭାଳ ଭିଡ଼ । ସ୍ମୃତି ସାଇତିବା ପ୍ରେମୀଯୁଗଳମାନେ ଆଜି ବିଭିନ୍ନ ଗଛରେ ସେମାନଙ୍କ ନାଁ ଲେଖିବା ଦେଖିବାକୁ ମିଳିଥିଲା । ସେହିଭଳି ପାହାଡ଼ର ନିଷ୍ପ୍ରାଣ ପଥର ଦେହରେ ବି ସେମାନେ ଆଙ୍କି ପକାଇଥିଲେ ସେମାନଙ୍କ ପ୍ରେମର ପ୍ରତିଛବି । ଏହି ଅବସରରେ ସେମାନେ ଚୁମ୍ବନ ରଜୁରେ ସେମାନଙ୍କ ବନ୍ଧନକୁ ଅଧିକ ଶକ୍ତ କରୁଥିବା ଦେଖାଯାଇଥିଲା । ଗତକାଲିର ଆଲିଙ୍ଗନ ଦିବସ ଓ ଆଜିର ଚୁମ୍ବନ ଦିବସରେ ବେଶି ଭିଡ଼ ଥିଲା ହୋଟଲ ଓ ରେସ୍ତୋରାଁରେ । ପ୍ରେମୀଯୁଗଳଙ୍କ ପାଇଁ ସେଠାରେ ବ୍ୟାପକ ପ୍ରସ୍ତୁତି ହୋଇଥିଲା । ସ୍ମୃତିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ହୋଟେଲ ଓ ରେସ୍ତୋରାଁ ପକ୍ଷରୁ ସୁନ୍ଦର ବ୍ୟବସ୍ଥା କରାଯାଇଥିଲା । ବିଶେଷକରି କ୍ୟାଣ୍ଡେଲଲାଇଟ୍ ଡିନର୍ ବ୍ୟବସ୍ଥା ଥିଲା ଅଧିକ ଆକର୍ଷଣୀୟ । ପ୍ରେମୀଯୁଗଳଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରିବାକୁ କିଛି କିଛି ରେସ୍ତୋରାଁରେ ଫ୍ରି-ଏଣ୍ଟ୍ରି ବା ଦେୟମୁକ୍ତ ପ୍ରବେଶ ବ୍ୟବସ୍ଥା ଥିଲା । ଝାପ୍‌ସା ଆଲୁଅରେ (ରେଡ୍) ଲଭ୍ ଥିମ୍‌ରେ ସଜାଇ ଦିଆଯାଇଥିଲା ଡିନର ଟେବୁଲ୍ । ମ୍ୟୁଜିକ୍ ସିଷ୍ଟମ୍‌ରୁ କ୍ଷୀଣ ସ୍ୱରରେ ଭାସି ଆସୁଥିଲା ପୁରୁଣା ଓ ନୂଆ ରୋମାଣ୍ଟିକ୍ ଫିଲ୍ମ ଗୀତ । କିଛି କିଛି ହୋଟେଲ୍‌ରେ ବି କନ୍‌ସର୍ଟ ବ୍ୟବସ୍ଥା ସାଙ୍ଗକୁ କପଲ୍ ଡ୍ୟାନ୍ସ ପ୍ରେମୀଯୁଗଳଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲା । ପ୍ରେମ ସପ୍ତାହ ପାଳନ ଅବସରରେ ପ୍ରେମୀଯୁଗଳ ସାଧାରଣତଃ ଶାନ୍ତ, ସୁନ୍ଦର ପରିବେଶରେ ଏକାଠି ହେବାକୁ ପସନ୍ଦ କରନ୍ତି । ତେଣୁ ଗୋଲାପ ଦିବସରୁ ସେମାନେ ପାର୍କ, ହୋଟେଲ, ରେସ୍ତୋରାଁ ଓ ମନ୍ଦିର ଭଳି ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଏକାଠି ହେବା ଦେଖିବାକୁ ମିଳିଥାଏ । ଭାରତୀୟ ସଂସ୍କୃତିରେ ସାଧାରଣତଃ ସମସ୍ତେ ଈଶ୍ୱରବିଶ୍ୱାସୀ ହୋଇଥିବାରୁ ପ୍ରେମୀଯୁଗଳ ମଧ୍ୟ ମନ୍ଦିରକୁ ବେଶି ପସନ୍ଦ କରନ୍ତି । ସାରା ଜୀବନ ପାଇଁ ପ୍ରେମର ମହଲ ଗଢ଼ିବାକୁ ମନ କରିଥିବା ପ୍ରେମୀଯୁଗଳ ଭଗବାନଙ୍କ ଆଶୀର୍ବାଦ ଲାଭ କରିବାକୁ ମନ୍ଦିର ଯାଇ ଠାକୁର ଦର୍ଶନ କରିବା ଦେଖିବାକୁ ମିଳେ । ବିଶେଷକରି ପ୍ରମିସ୍ ଦିବସରେ ପ୍ରେମୀଯୁଗଳମାନେ ଅଧିକ ସଂଖ୍ୟାରେ ମନ୍ଦିରମାନଙ୍କରେ ଏକାଠି ହୋଇଥାଆନ୍ତି । ତେବେ ହଗ୍ ଡେ'(ଆଲିଙ୍ଗନ ଦିବସ) ଓ କିସ୍ ଡେ'( ଚୁମ୍ବନ ଦିବସ)ରେ ସେମାନେ ପାର୍କ, ହୋଟେଲ ଓ ରେସ୍ତୋରାଁକୁ ଅଧିକ ବାଛିବା ଦେଖାଯାଏ ।

# କଟକ ମହାନଗର କୈବର୍ତ୍ତ ସଭାର ବୈଠକ




କଟକ (ପିପିଏସ୍): ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ଅନୁବନ୍ଧିତ କଟକ ମହାନଗର କୈବର୍ତ୍ତ ସଭାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇ ଆଗାମୀ ଦିନରେ ସଙ୍ଗଠନକୁ କିପରି ସୁଦୃଢ଼ କରାଯିବ ସେଥିପାଇଁ ସଂକଳ୍ପ ନେଇଥିଲେ । ଏହି ବୈଠକରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା ଯୋଗଦେଇ ୧୯୫୦ ମସିହା ପୂର୍ବରୁ କଟକ ସହରର ଯୋବ୍ରାଠାରେ ପୂର୍ବଜମାନଙ୍କର ପ୍ରଚେଷ୍ଟାରେ ଏହି ସଙ୍ଗଠନ ଗଢ଼ି ଉଠି ସାରା ଓଡ଼ିଶାରେ ଏହାର ପ୍ରଚାର ପ୍ରସାର ହୋଇପାରିଲା ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମହାସଭାର ପୂର୍ବତନ ସଭାପତି ଅର୍ଜୁନ ଚରଣ ବେହେରାଙ୍କ ସ୍ମୃତିଚାରଣ କରାଯିବା ସହ ମହାନଗରର ବିଭିନ୍ନ ସାହିର କୈବର୍ତ୍ତ ଜାତି ପ୍ରତିନିଧିମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମହାନଗରର ସଙ୍ଗଠନ ସମ୍ପାଦକ ସୌମ୍ୟରଞ୍ଜନ ବେହେରାଙ୍କ ସହିତ ଯୁବ କୈବର୍ତ୍ତମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ମହାନଗର କାର୍ଯ୍ୟକାରୀ ସଭାପତି ଅବିନାଶ କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

## ମୟୂରଭଂଜ ପୋଲିସ୍ ଦ୍ୱାରା ୮୫ ହଜାରରୁ ଅଧିକ ଟଙ୍କା ଜରିମାନା ଆଦାୟ

ମୟୁରଭଂଜ (ହି.ସ): ମୟୁରଭଂଜ ଜିଲ୍ଲା ପୋଲିସ ମୟୁରଭଂଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗାଡି ଚେକିଂ ବେଳେ ମୋଟର ଭେଇକିଲ ନିୟମକୁ ଅମାନ୍ୟ କରିବା ଅପରାଧରେ ଜିଲ୍ଲା ପୋଲିସ ସମୁଦାୟ ୮୫ ହଜାର ୧୦୦ ଟଙ୍କା ଜୋରିମାନା ଆଦାୟ କରିଛି । ଏହା ସହିତ ଗାଡି ଚେକିଂ ବେଳେ ୧ଜଣ ନିୟମ ଉଲଘଂନ କାରୀଙ୍କର ଡ୍ରାଇଭିଂ ଲାଇସେନ୍ସ କ୍ୟାନସେଲ କରାଯାଇଅଛି । ଜିଲ୍ଲାରୁ ୭ ଜଣ ମଦ ପାନ କରି ଗାଡି ଚଲାଉଥିବା ଅପରାଧରେ ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପୋଲିସ ପକ୍ଷରୁ ସୁଚନା ଦିଆଯାଇଛି ।

# ଡେରାବିଶ୍ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନିଷ୍ପତ୍ତି
# ଦାବି ପୂରଣ ନହେଲେ ତୀବ୍ରତର ହେବ ଆନ୍ଦୋଳନ

କେନ୍ଦ୍ରାପଡ଼ା, (ହି.ସ.) :ଡେରାବିଶ ବ୍ଲକ ନୂତନ ପେନ୍‌ସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ରାମ ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଅଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସଂଘର ସଭାପତି ପ୍ରଶାନ୍ତ କୁମାର ସତପଥିଙ୍କ ଅଧକତା କରିଥିଲେ । ଏହି ବୈଠକରେ ରାଜ୍ୟ ର ୧.୫ ଲକ୍ଷ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ନିଜର ତିନି ଦଫା କାର୍ଯ୍ୟ ଦାବିନେଇ ବିଧାନ ସମ୍ମୁଖରେ ଗତ ନଭେମ୍ବର ମାସ ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିଥିଲେ । ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ଲିଖିତ ପ୍ରତିଶୃତି ଦେଇ ଡିସେମ୍ବର ୧୬ରୁ ୨୦ ତାରିଖ ମଧ୍ୟରେ ବୈଠକ କରାଯାଇ ଦାବିପୁରଣ କରାଯିବ । ପ୍ରାଥମିକ ଶିକ୍ଷକଙ୍କ ମୁଖ୍ୟ ତିନୋଟି ଦାବି ଯଥା-୧) ପ୍ରାଥମିକ ଶିକ୍ଷକ ନିଯୁକ୍ତିରୁ ଠିକା ନିଯୁକ୍ତି ଉଚ୍ଛେଦ ସହ ୨୦୦୧ ମସିହା ଠାରୁ ଆଜିପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ନୂତନଭୂକ୍ତ ଶିକ୍ଷକଙ୍କୁ ୬ବର୍ଷର ୬ଟି ନେସନାଲ ଇନ୍‌କ୍ରିମେଂଟ ପ୍ରଦାନ ୨)କେନ୍ଦ୍ରୀୟ ହାରରେ ପ୍ରାଥମିକ ଶିକ୍ଷକଙ୍କୁ ୩୫୪୦୦ ଟଙ୍କା ହିସାବରେ ମାସିକ ଦରମା ପ୍ରଦାନ ଓ ତୃତୀୟ, ଏନ୍‌ପିଏସ୍ ଭଳି ଘୃଣ୍ୟ ପେନସନ୍‌କୁ ଉଚ୍ଛେଦ କରି ପୁରାତନ ପେନ୍‌ସନ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା । ରାଜ୍ୟ ସଂଘର କର୍ମକର୍ତା ଓ ସଚିବସ୍ତରୀୟ ବାର୍ତା ଦୁଇ ଦୁଇ ଥର ହୋଇ ସାରିଥିଲେ ମଧ ସରକାର ଦାବି ପୂରଣ କରୁନଥିବାରୁ ସଭାରେ ଉପସ୍ଥିତ ଶହ ଶହ ଶିକ୍ଷକ ଶିକ୍ଷୟିତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ସରକାର ଯଦି ଶୀଘ୍ର ଦାବି ପୂରଣ ନକରନ୍ତି ତେବେ ସମସ୍ତ ପ୍ରାଥମିକ ଶିକ୍ଷକ ବାଧହୋଇ ଆସନ୍ତା ବିଧାନ ସଭା ଅଧିବେଶନ ସମୟରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମିଳିତ ମତପ୍ରକାଶ କରିଥିଲେ । ଆସନ୍ତା ଆନ୍ଦୋଳନ ତୀବ୍ରତର ହେବ । ଏଥିରେ ଯାହାବି କ୍ଷତି ହେବ ସେଥିପାଇଁ ଓଡ଼ିଶା ସରକାର ଦାୟୀ ରହିବେ ବୋଲି ସର୍ବସମ୍ମତ ମତପ୍ରକାଶ କରିଥିଲେ । ଏହି ବୈଠକକୁ ସଫଳ ରୂପାୟନ ପାଇଁ ସଂଘର ସାଧାରଣ ସମ୍ପାଦକ ସେକ୍ ବରକାତୁଲ୍ଲା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଉପଦେଷ୍ଟା ଅଶ୍ୱିନୀ କୁମାର ରାଉତ, ଭକ୍ତରଞ୍ଜନ ସାଇଁ, ନରେନ୍ଦ୍ର କୁମାର ପରିଡ଼ା, ବସନ୍ତ କୁମାର ପ୍ରଧାନ, ସ୍ମୃତିରେଖା ବଳ କାର୍ଯ୍ୟକାରୀ ସଭାପତି ଅଜୟ କୁମାର ଦାସ ଉପ ସଭାନେତ୍ରୀ ଯୋସ୍ନାରାଣୀ ଜେନା, ସହ ସମ୍ପାଦିକା ରଶ୍ମିତା ଶେଣ୍ଠ, କୋଷାଧକ୍ଷ ତ୍ରିଲୋଚନ ମଲିକ, ସମୀକ୍ଷକ ଶିବପ୍ରସାଦ ମିଶ୍ର, ହରେକୃଷ୍ଣ କର, ଉତ୍ତମ କୁମାର ମଲ୍ଲିକ, ବୀରେନ୍ଦ୍ର କୁମାର ମଲ୍ଲିକ, ସେକ୍ ସିରାଜୁଦ୍ଦିନ, ମୀର ଅମିରୁଲ୍ଲା, ମହମ୍ମଦ ସିଦ୍ଧିକ, ସେଖ୍ ନଇମ ଅଖତର, ଅବୁସଲାମ ଖାନ, କନକଲତା ପୃଷ୍ଟି, ଅମିତା ବାଇ, ସୁନିତା ନାୟକ, ବିଶ୍ୱପ୍ରକାଶ ବେହେରା, ପ୍ରଫୁଲ କୁମାର କାଣ୍ଡି, ନିରଞ୍ଜନ ନାୟକ, ବସନ୍ତ ପଣ୍ଡା, ଡମ୍ବରୁ ପ୍ରଧାନଙ୍କ ସହ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

# ଲୁହାରଡ ଧରି ସମିତି ଭିତରେ ପ୍ରବେଶ
# ସଂପାଦକଙ୍କୁ ଧମକ, ନିର୍ଦ୍ଦେଶକଙ୍କ ନାମରେ ମାମଲା

କେନ୍ଦ୍ରାପଡ଼ା, (ହି.ସ.): ଇନ୍ଦୁପୁର କୃଷି ସମବାୟ ସମିତିର ଜଣେ ନିର୍ଦ୍ଦେଶକ ଏକ ଲୁହା ରଡ ଧରି ସମିତି ସଂପାଦକଙ୍କୁ ଆକ୍ରମଣ ଓ ଧମକ ଦେବା ନେଇ ନିକିରାଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ସମିତିର ସଂପାଦକ ଦେବେନ୍ଦ୍ର କୁମାର ପୃଷ୍ଟିଙ୍କ ଏତଲା କ୍ରମେ ନିକିରାଇ ଥାନା ଅଧିକାରୀ ଘଟଣାର ତଦନ୍ତ କରି ନିର୍ଦ୍ଦେଶକ ବିଜୟ କୁମାର ଜେନାଙ୍କ ନାମରେ ୫୮/୨୩ରେ ଏକ ମାମଲା ରୁଜୁ କରିଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ୧୧ ତାରିଖରେ ସଂପାଦକ ଶ୍ରୀ ପୃଷ୍ଟି ସମିତି ଭିତରେ କାମ କରୁଥିବା ବେଳେ ନିର୍ଦ୍ଦେଶକ ଶ୍ରୀ ଜେନା ସମିତି ଭିତରେ ପ୍ରବେଶ କରି ସଂପାଦକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ମାସକୁ ୩ ହଜାର ଟଙ୍କା ଦେବାପାଇଁ କହିଥିଲେ । ଏହାର ତଦନ୍ତ କରି ନିକିରାଇ ଥାନା ପକ୍ଷରୁ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରାଯାଉଥିବା ଏସଆଇ ଶରତ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି ।

# ଲୋକନାଥ ଦେବଙ୍କ ମହାଶିବରାତ୍ରି ପାଇଁ ବୈଠକ

ପୁରୀ : ଚଳିତ ମାସ ୧୮ ତାରିଖରେ ମହାଶିବରାତ୍ରି ।ଲୋକନାଥ ପୀଠ ରେ ପ୍ରଭୁ ଲୋକନାଥ ଦେବଙ୍କ ଜାଗର ଯାତ୍ରା କୁ ସୁଚାରୁରୂପେ ପରିଚାଳନା ପାଇଁ ଏକ ବୈଠକ ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଜାଗର ଯାତ୍ରା ରେ ବିପୁଳ ଜନସମାଗମ ହୋଇ ଥାଏ ।ତେଣୁ ଚଳିତ ଯାତ୍ରା କୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁ ମାନେ ଏକ ସୁଖଦ ଅନୁଭୂତି ନେଇ ଯିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।ପୂର୍ବରୁ ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ଲୋକନାଥ ଦେବଙ୍କ ମହାଶିବରାତ୍ରିର ନିତୀକାନ୍ତି ଓ ପୂଜା ବ୍ୟବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ତେଣୁ ସେହି ଆଧାରରେ ସମସ୍ତ କାର୍ଯ୍ୟକୁ ପାରସ୍ପରିକ ସମନ୍ୱୟ ମାଧମରେ ନିର୍ବାହ କରିବାକୁ ସେ ପରାମର୍ଶ ଦେଇଥିଲେ । ଅତିରିକ୍ତ ଏସ ପି ମିହିର କୁମାର ପଣ୍ଡା ଆଇନ ଶୃଙ୍ଖଳା ରକ୍ଷା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ପ୍ରତ୍ୟେକ ବିଭାଗ ମଧରେ ସୁ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ । ଶ୍ରୀମନ୍ଦିର ନିତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଜାଗର ସମୟରେ ହରିହର ଭେଟ ନିତୀକୁ ସୁଚାରୁ ରୂପେ କରାଯିବାକୁ ପଦକ୍ଷେପ ନିଆଯାଇଛି ବୋଲି ସୂଚନା ଦେଇଥିଲେ । ପଜିଲ୍ଲାପାଳ ଭବତାରଣ ସାହୁ ୧୬ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧର ଏକାଦଶୀ ଓ ଜାଗର ଯାତ୍ରାର ନିତୀକାନ୍ତି ସମୟ ନିର୍ଘଂଟର ସୂଚନା ଦେବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ,ପରିଷ୍କାର ପରିଛନ୍ନତା,ପରିମଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର,ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସଠିକ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ସେବାୟତ ନିଯୋଗ ସଭାପତି ରବି ନାରାୟଣ ପଣ୍ଡା, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ପଙ୍କୋଦ୍ଧର ଏକାଦଶୀ ପାଳିଆ ସେବାୟତ ଦୟାନିଧି ମହାପାତ୍ର, ଯୋଗାଣିଆ ସେବାୟତ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# ଉଷାରାଣୀ ଗୀତିନାଟ୍ୟ ପରିଷଦର ପଞ୍ଚମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା (ହି.ସ.): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଉଷାରାଣୀ ଗିତିନାଟ୍ୟ ପରିଷଦର ପଂଚମ ବାର୍ଷିକ ଉତ୍ସବ ଦୁହୁରିଆ ନିକଟସ୍ଥ ପାଟସାମୁଳାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗୀତିନାଟ୍ୟ ପରିଷଦର ପ୍ରତିଷ୍ଠାତା ପ୍ରଭାତ କୁମାର ସିଂହଙ୍କ ପୌରହିତରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ରୂପେ ଅଧିକାରୀ ପ୍ରଫେସର ଲକ୍ଷ୍ମୀନାରାୟଣ ଦାସ, ମୁଖ୍ୟବକ୍ତା ଲଳିତା ଅଞ୍ଜଳୀ ଦାସ ଯୋଗଦେଇ କେନ୍ଦ୍ରାପଡ଼ା ଏକ କଳା ସଂସ୍କୃତିର ଜିଲ୍ଲା । ଏହି ପରମ୍ପରାକୁ ଉଜ୍ଜିବିତ କରିବା ଓ ଲୁଚିଯାଉଥିବା ଗୀତିନାଟ୍ୟର ସଫଳ ରୂପାୟନ କରିବା ଉଷାରାଣୀ ଗୀତିନାଟ୍ୟ ପରିଷଦର ମୂଳଲକ୍ଷ୍ୟ । ସମ୍ମାନୀତ ଅତିଥି ଭାବେ ଅଭିରାମ ନାୟକ, ରମେଶ ଦାସ, ପ୍ରଦିପ୍ତ କୁମାର ନାୟକ, ଭବାନୀ ଓଝା, ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ନାଟକ ସମାଜକୁ ନୂତନ ଦିଗ୍‌ଦର୍ଶନ, ପ୍ରେରଣା ଦେବାସହ ସମାଜର ସଂସ୍କାରରେ ସୁଧାର ଅଣିଥାଏ ବୋଲି ମତବ୍ୟକ୍ତ କରିଥିଲେ । ନିକଟରେ ପୁରୀ ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏକ ମଂଚରେ ଉଷାରାଣୀ ଗୀତିନାଟ୍ୟ ପରିଷଦର କଳାକାରଙ୍କ ଦ୍ୱାରା ଉଚ୍ଚ କୋଟିର ନାଟ୍ୟ ପରିବେଷଣ କରାଯାଇଥିଲା । ଯାହାଫଳରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନାଟ୍ୟ ପରିଷଦକୁ ଜିଲ୍ଲା ସଂସ୍କୃତି ଭବନରେ ଆଗାମୀ ମାସରେ ନାଟ୍ୟ ପରିବେଷଣ ନିମନ୍ତେ ଅନୁମତି ପ୍ରଦାନ କରାଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

# ମାଥିଲି ବ୍ଲକ ନୂତନ ପେନ୍‌ସନ୍ ଯୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ମାଲକାନଗିର: ସାରା ଓଡିଶାରେ ପ୍ରାଥମିକ ଶିକ୍ଷକଙ୍କୁ ରାଜ୍ୟ ସରକାର ଶୋଷଣ କରି ଚାଲୁଛନ୍ତି । ଏନପିଏସ ଭଳି କୁତ୍ସିତ ପ୍ରଥା ଓ ଦରମାରେ ଘୋର ତାରତମ୍ୟ ରଖି ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରି ଆଜି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ନୂତନ ପେନସନ ଯୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ସ୍ଥାନୀୟ ହନୁମାନ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ୨୦୦୧ ରେ ଗଣଶିକ୍ଷା ବିଭାଗରେ ଠିକା ନିଯୁକ୍ତି ପ୍ରଥା ସୃଷ୍ଟି କରାଯାଇଥିଲା । ମହାବାତ୍ୟା ଓ ରାଜସ୍ୱ ନିଅଣ୍ଟର ଆଳ ଦେଖାଇ ସରକାର ଯେଉଁ ୧୫୦୦ ଟଙ୍କିଆ ନିଯୁକ୍ତି ପ୍ରଦାନ କରିଥିଲେ ସେଥିରେ ଉଚ୍ଚ ଶିକ୍ଷା ହାସଲ କରିଥିବା ଶହ ଶହ ସିଟି, ବିଇଡି ଯୁବକ ମାନେ ଦୈନିକ ମଜୁରିଆ ଠାରୁ କମ ଦରମାରେ ଗୋଟି ଶ୍ରମିକ ଭାବେ କାମ କରିଥିଲେ ଏବଂ ଅଭାବି ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧି କରିବାରେ ସହାୟକ ହୋଇଥିଲେ । ସେହି ସମୟରେ ଉଚ୍ଚ ଶିକ୍ଷିତ ମାନେ ନିଯୁକ୍ତି ବିନା ବେକାରୀ ମାନ୍ୟତା ଯେତିକି ନିଷ୍ଠୁରତା ନଥିଲା ତାଠାରୁ ଅଧିକ ପ୍ରାଥମିକ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲକ୍ଷାଧିକ ଶିକ୍ଷକ ପଦବୀ ଖାଲି ରାଜ୍ୟ ସରକାରଙ୍କ ପାରିବା ପଣିଆକୁ ଉପହାସ କରୁଥିଲା । ଏପରି ସ୍ଥଳେ ଦିଶାହୀନ ନିଯୁକ୍ତି ପକ୍ରିୟା ପାଇଁ କେତେ ଯେ ଯୁବକ ଛଟେଇ, ପୁନଃ ନିଯୁକ୍ତିରେ ୧୦ ବର୍ଷ ଠିକାରେ ଖଟି ଯୁବ ବୟସକୁ ହରାଇଛନ୍ତି ତାର କଳନା ନାହିଁ । ସମାନ କାମକୁ ସମାନ ଦରମାର ଧଜିଆ ଉଡାଇ ଦେଇଛନ୍ତି ସରକାର । ବିଭେଦତା ସୃଷ୍ଟିରେ ପରାକାଷ୍ଠା ରଖିଥିବା ରାଜ୍ୟ ସରକାର ଶିକ୍ଷକ ସମାଜକୁ ଭାଗ ଭାଗ କରି ନୈତିକତା, ମାନବିକତାକୁ ନିଲାମ କରିଛନ୍ତି । ୨୦ ବର୍ଷ ଚାକିରି ଶେଷ ପରେ ମଧ ୪୨୦୦ ଗ୍ରେଡ୍ ପେ ନ ଦେଇ ମାନ୍ୟବର ଉଚ୍ଚ ନ୍ୟାୟଳୟଙ୍କ ଆଦେଶ ଅନୁପାଳନ ବିବାଦୀୟ ନୁହେଁ କି ? ୨୦୧୭ ର ଆନ୍ଦୋଳନରେ ଦୃଢ ପ୍ରତିଶୃତି ଦେଇ ପରେ ଚତୁରତାପୂର୍ଣ୍ଣ ଭାବେ କେବଳ ଶିକ୍ଷା ସହାୟକରୁ କନିଷ୍ଠ ଶିକ୍ଷକର ନାମରେ ନାମିତ କରି ୨୮୦୦ ଗ୍ରେଡ୍ ପେ ନ ଦେଇ ଭଣ୍ଡାଇ ଦେଇଥିଲେ । ମାଧ୍ୟମିକ ଶିକ୍ଷା, ଏସଟି ଏସି ଶିକ୍ଷା ବିଭାଗ, ମାଧମିକ କ୍ରୀଡା ଶିକ୍ଷକ ଏବଂ ଅନ୍ୟାନ୍ୟ ବିଭାଗରେ ସମାନ ଯୋଗ୍ୟତାଧାରୀଙ୍କୁ ୨୮୦୦ ଗ୍ରେଡ୍ ପେ ଦେଉଥବା ବେଳେ ପ୍ରାଥମିକ ଶିକ୍ଷକଙ୍କୁ ଅଣଦେଖା କାହିଁକି ? ଶିକ୍ଷା ହେଉଛି ଗୋଟିଏ ଦେଶ ଗଠନର ମୂଳ ପିଣ୍ଡ । ଯେଉଁ ଦେଶର ଶିକ୍ଷା ଓ ଶିକ୍ଷକ ଯେତିକି ପ୍ରଭାବି ସେହି ଦେଶର ଅସ୍ମିତ୍ୱ, ଗାରିମା ସେତେ ପ୍ରତିଷ୍ଠିତ । ଦେଶର ଦୁଇ ଡଜନରୁ ଅଧିକ ରାଜ୍ୟ ପ୍ରାଥମିକ/ଉଚ୍ଚ ପ୍ରାଥମିକ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରୁଛନ୍ତି । କିନ୍ତୁ, ଦୁଃଖ ଓ ପରିତାପର ବିଷୟ ଓଡିଶାରେ ରାଜ୍ୟ ସରକାର ବିଦ୍ୟାଳୟକୁ ଯେମିତି ଅସଜଡା କରି ରଖିଛନ୍ତି ଶିକ୍ଷକ ମାନଙ୍କୁ ମଧ ଉପେକ୍ଷିତ କରୁଛନ୍ତି । ଶିକ୍ଷାର ଭିତିପ୍ରସ୍ତର ପ୍ରାଥମିକ ଶିକ୍ଷା ଉପରେ ଦଣ୍ଡାୟମାନ । ସରକାର ମୂଳ ନ ସଜାଡି ଚୂଳରେ ରଙ୍ଗ ଦେବାରେ ବ୍ୟସ୍ତ । ରାଜ୍ୟର ସ୍ୱାଭିମାନ, ଅସ୍ମିତା ଓ ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯାଉ । ଶିକ୍ଷାୟତନ ଓ ଶିକ୍ଷକର ନାର୍ଯ୍ୟ ଦାବୀକୁ ପ୍ରାଥମିକତା ଦିଆଯାଇ ପ୍ରାଥମିକ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଠିକା ନିଯୁକ୍ତି ଦେବା ବନ୍ଦ କରାଯାଉ । ଦ୍ୱିତୀୟତଃ ୬ ବର୍ଷର ଠିକା ନିଯୁକ୍ତିକୁ ଯୋଡି ମୂଳ ଦରମାରେ ୬ଟି ଇଂକ୍ରିମେଣ୍ଟ । ତୃତୀୟ କେନ୍ଦ୍ରୀୟ ହାରରେ ଦରମା ଏବଂ ପୁରୁଣା ପେନସନ ଲାଗୁ କରାଯାଉ । ଏକ୍ସ କ୍ୟାଡର ଉଛେଦ କରି ସ୍ୱାଭିମାନୀ ଶିକ୍ଷକ ମାନ୍ୟତା ଦିଆଯାଉ । ୨୭ ନଭେମ୍ବର ୨୦୨୨ ରେ ଓଡିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆହ୍ୱାନ କ୍ରମେ ଲୋଏର ପିଏମଜି ଭୁବନେଶ୍ୱରରେ ଆନ୍ଦୋଳନ କରିଥିଲୁ । ୩୦ ନଭେମ୍ବରରେ ମୁଖ୍ୟ ଶାସନ ସଚିବଙ୍କ ଲିଖିତ ପ୍ରତିଶ୍ରୁତିକୁ ସମ୍ମାନ ଦେଇ ମିଳିତ ମହାସଂଘ ଆନ୍ଦୋଳନରୁ ଓହରି ଯାଇଥିଲା । ଡିସେମ୍ବର ୨୯ ରେ ମହାସଂଘ ସଦସ୍ୟ ମାନେ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଦାବୀର ଯଥାର୍ଥତା ଉପସ୍ଥାପନ କରିଥିଲେ । କିନ୍ତୁ, ଆଜିକୁ ୭୫ ଦିନ ବିତି ଯାଇଥିଲେ ହେଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନନେବା ଦୁଃଖ ଓ ପରିତାପର ବିଷୟ । ତୁରନ୍ତ ରାଜ୍ୟ ସରକାର ସମ୍ବେଦନଶୀଳ ହୋଇ ଦାବୀ ଗୁଡିକ ବିଚାର ନ କଲେ ଆଗାମୀ ୨୧ ଫେବୃଆରୀରୁ ଆରମ୍ଭ ହେବାକୁ ଥିବା ବଜେଟ ଅଧିବେଶନରେ ଲୋଏର ପିଏମଜି ଭୁବନେଶ୍ୱରରେ ପ୍ରାଥମିକ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଦେଢ ଲକ୍ଷ ଶିକ୍ଷକ ଏକାଠି ହେବେ । ବିଦ୍ୟାଳୟରେ ଯେଉଁ ଅଚଳା ଅବସ୍ଥା ସୃଷ୍ଟି ହେବ ସେଥିପାଇଁ ରାଜ୍ୟ ସରକାର ଦାୟି ରହିବେ ବୋଲି ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଅର୍ଚ୍ଚନା ରାଣୀ ସେଠୀ, ସନ୍ତୋଷ କୁମାର ପୂଜାରୀ, ମଧୁସୂଦନ ନାୟକ, ବିଶ୍ୱନାଥ ରେଡ୍ଡୀ, ସରୋଜ କୁମାର ସାଇଁ, ରମେଶ ହରିଜନ, ବି. ଡାକୁଆ, ପି. ଚିନ୍ତା, ନାରାୟଣ ବେହେରା, ମନୋଜ କୁମାର ପାଳ, ଚୌଧୁରୀ ସଗରିଆ, କୂଳମଣି ଭୂୟାଁ, ବୈଦ୍ୟନାଥ ଖେମୁଡୁ, ଗୀତାଞ୍ଜଳି ବେହେରା, ନରେନ୍ଦ୍ର ନିଆଳ, ପ୍ରିୟବ୍ରତ ଗିରି, ସ୍ନେହଲତା ଦଳେଇ, ସଞ୍ଜୟ ବିଷୋୟୀ, ନକୁଳ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ପ୍ରକାଶ କରିଛନ୍ତି ।

# ୧୬ ରୁ ପ୍ରାଣୀ ଚିକିତ୍ସକମାନେ ଡିଜିଟାଲ କାର୍ଯ୍ୟ ବର୍ଜନ କରିବେ

ସୁବର୍ଣ୍ଣପୁର (ହି. ସ.) - ପ୍ରାଣୀ ଚିକିତ୍ସକ ମାନଙ୍କ ର ଦୀର୍ଘ ଦିନ ର ଦାବୀ ଗୁଡିକ ପ୍ରତି ସରକାର ଙ୍କ ଚରମ ଅବହେଳା ପ୍ରତିବାଦ ରେ ପ୍ରାଣୀ ଚିକିତ୍ସକ ମାନେ ଆସନ୍ତା ୧୬ ତାରିଖ ରୁ ଡିଜିଟାଲ କାର୍ଯ୍ୟ ବର୍ଜନ କରିବେ । ଗତ ୧ ତାରିଖ ରୁ ଏ ଚିକିତ୍ସକ ମାନେକଳା ବ୍ୟାଚ ପିନ୍ଧି ନିରବ ପ୍ରତିବାଦ କରି ଆସୁଛନ୍ତି କ୍ଷ ଆସନ୍ତା ୨୬ ତାରିଖ ରୁ ଅତିରିକ୍ତ କାର୍ଯ୍ୟ ଯଥା ଏନିମଲ ହେଲ୍ପ ଲାଇନ, କାର୍ଯ୍ୟାଳୟ ସମୟ ଓ ପରିସର ବାହାରେ ସେବା ଇତ୍ୟାଦି ବର୍ଜନ କରିବା ସହିତ ମାର୍ଚ୍ଚ ୧୦ ତାରିଖ ରୁ ସମୂହ ଛୁଟି ନେବାକୁ ନିଷ୍ପତି ନେଇଥିବା ଜଣାଯାଇଛି । ଓଡିଶା ର ପ୍ରାଣୀ ଚିକିତ୍ସକ ମାନଙ୍କର ଦୀର୍ଘ ଦିନ ର ନ୍ୟାର୍ଯ୍ୟ ଦାବୀ ଯଥା ସାଧାରଣ ବର୍ଗ ଡାକ୍ତରଙ୍କ ସହ ସମାନ ଦରମା, ସୁବିଧା ସୁଯୋଗ, ପ୍ରାଣୀ ଚିକିତ୍ସା ସେବାରେ ବ୍ୟାପକ ରୂପାନ୍ତରଣ ୨୪ ଘଣ୍ଟିଆ ସେବା, ବିଶେଷଜ୍ଞ ଚିକିତ୍ସା, ରେଫରାଲ ସୁବିଧା, ମାଗଣା ପ୍ରାଣୀ ଚିକିତ୍ସା ଇତ୍ୟାଦି, କାର୍ଯ୍ୟ ସମୟ ଓ କାର୍ଯ୍ୟ ସାରଣୀ ନିର୍ଧାରଣ, ସ୍ୱତନ୍ତ୍ର ସୁରକ୍ଷା ଆଇନ, ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସା ବିଶ୍ୱ ବିଦ୍ୟାଳୟ, ସ୍ୱତନ୍ତ୍ର ପ୍ରାଣୀ ଉଦ୍ୟୋଗ ନିଗମ, ଚିକିତ୍ସାଳୟ ଜମିର ସୁରକ୍ଷା, ଇତ୍ୟାଦି ଦାବୀ ପ୍ରତି ଚରମ ଅବହେଳା ପ୍ରତିବାଦ ରେ ବୀତସ୍ପୃହ ପ୍ରାଣୀ ଚିକିତ୍ସକ ମାନେ ଆସନ୍ତା ୧୬ ତାରିଖ ରୁ ଆନ୍ଦୋଳନାତ୍ମକ ପନ୍ଥା ମାନ ଅବଲମ୍ବନ କରିବାକୁ ବାଧ ହେଉଥିବା ବିଷୟ ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି ।

## ଲାଲ ବାହାଦୂର ଉଚ୍ଚ ଶିକ୍ଷାଶ୍ରମର ୧୯୯୦ ବ୍ୟାଚ୍‌ର ବନ୍ଧୁମିଳନ

କେନ୍ଦ୍ରାପଡ଼ା: ଲାଲ ବାହାଦୂର ଉଚ୍ଚ ଶିକ୍ଷାଶ୍ରମର ୧୯୯୦ ବ୍ୟାଚ୍ ମେଟ୍ରିକ ଛାତ୍ରଛାତ୍ରୀମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବରିଷ୍ଠ ସାମ୍ବାଦିକ ଭାଗିରଥୀ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବ୍ୟାଚର ୨୦୦ରୁ ଉର୍ଦ୍ଧ୍ୱ ଚାତ୍ରଛାତ୍ରୀ ସ୍ଥାନୀୟ କନ୍ତିଆ ମଠ ପରିସରରେ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉପସ୍ଥିତ ଥିବା ସମସ୍ତ ପୂର୍ବତନ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ଛାତ୍ରଛାତ୍ରୀମାନେ ଗଛ, ଉତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଉପସ୍ଥିତ ଥିବା ପୂର୍ବତନ ଛାତ୍ରଛାତ୍ରୀମାନେ ୩୩ ବର୍ଷର ପୁରୁଣା ସ୍ମୃତିକୁ ବଖାଣି ଥିଲେ । ମଠର ମହନ୍ତ ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାସ ମହାରାଜଙ୍କୁ ଛାତ୍ରଛାତ୍ରୀମାନେ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ସାମ୍ବାଦିକ ଭାଗିରଥୀ ମଲିକ ମଂଚ ସଂଯୋଜନା କରିଥିବାବେଳେ ବିଚାରପତି ପ୍ରଣୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ସହାକାରୀ ଯନ୍ତ୍ରୀ ସନ୍ତୋଷ କୁମାର ବିଶ୍ୱାଳଙ୍କ ସମେତ ଅମୀୟ ରଞ୍ଜନ ଦାସ, ଅଧାପକ ନିରଞ୍ଜନ ସାଇଁ, ଧିରେନ୍ଦ୍ର ଦାସ, ପ୍ରକାଶ ସାମଲ, ରାଜୀବ ଲୋଚନ ଷଡ଼ଙ୍ଗୀ, ଅନିତା ରାଉତ, ସୌଦାମିନୀ ମହାନ୍ତି, ତୃପ୍ତି ଦାସ, ମମତା ଦେଇ, ସୁମିତ୍ରା ମହାନ୍ତି ପ୍ରମୁଖ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଆବାସ ଯୋଜନାରେ ଅନିୟମିତତା, ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଆବାସ

କେନ୍ଦ୍ରାପଡ଼ା : ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଓ ଦୁର୍ନିତି ହେଉଥିବା ଦୈନିକ ଅଭିଯୋଗ ହେଉଥିବା ବେଳେ ଏହାକୁ ନେଇ ବିଜେପି ପକ୍ଷରୁ ପ୍ରତ୍ୟେକ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । ଯୋଗ୍ୟ ହିତାଧିକାରୀ ମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନପାଇ ଭଙ୍ଗା କୁଡିଆରେ ନିଜ ଜୀବନ ବିତାଉଛନ୍ତି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗାଙ୍ଗପଡା ପଂଚାୟତ ଦୋବନ୍ଧା ଗ୍ରାମର ସଇଦା ବିବି ଦୀର୍ଘ ବର୍ଷ ହେଲା ସରପଂଚ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଖଣ୍ଡିଏ ଆବାସ ଯୋଜନା ପାଇବା ପାଇଁ ଦୌଡି ଦୌଡି ନିରାଶ ହୋଇଥିବା ଦେଖିବାକୁ ମିଳିଛି । ବୟସ୍କ ଝିଅ ପୁଅଙ୍କୁ ନେଇ ଭଙ୍ଗା କାନ୍ଥ ଓ ଚାଳିଆରେ ନିଜ ଜୀବନ ବିତାଉଛନ୍ତି । ବର୍ଷା ଦିନରେ ଏହି ଘରେ ରହିବା ଅସମ୍ଭବ ହୋଇ ପଡୁଛି । ସେହିଭଳି କୁତରଙ୍ଗ ପଂଚାୟତ ଅନ୍ତର୍ଗତ ବିଲ ମୁଗବାଡି ଗ୍ରାମର ଭୁବନ ମୋହନ ଦାସ ଏକ ଭଙ୍ଗା ଚାଳି ଘରେ ରହି ନିଜ ଜୀବନ ବିତାଉଛନ୍ତି । ସେ ବାରମ୍ବାର ବ୍ଲକ ପ୍ରଶାସନ ଓ ସରପଂଚଙ୍କୁ ଏ ବିଷୟରେ ଜଣାଇଲେ ମଧ ତାଙ୍କୁ କୌଣସି ଫଳ ମିଳିନାହିଁ । ମୂଲ ଲାଗି ପରିବାର ଚଳାଉଥିବା ଭୁବନଙ୍କ ପାଇଁ ଘର କରିବା ସାତ ସପନ । ଏହି ଦୁଇ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରି ଏମାନଙ୍କୁ ଘର ଯୋଗାଇବା ପାଇଁ ସାଧାରଣରେ ଦାବି ହେଉଛି ।

# ଓଡିଶା ମଧ୍ୟାହ୍ନ ଭୋଜନ ଓ ପାଚିକା ସହାୟିକା ସଂଘର ବୈଠକ

କେନ୍ଦ୍ରାପଡ଼ା, (ହି. ସ.)- ଓଡିଶା ମଧ୍ୟାହ୍ନ ଭୋଜନ ଓ ପାଚିକା ସହାୟିକା ସଂଘ କେନ୍ଦ୍ରାପଡା ଶାଖାର ଏକ ବୈଠକ ଗୋପ ଛକ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ସଭାପତି ସୁହାନା ବେଗମଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ସଭା ପ୍ରାରମ୍ଭରୁ ତୁର୍କୀ ଭୂକମ୍ପରେ ମୃତକଙ୍କ ସମେତ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏହା ପରେ ରାଜନଗର ବ୍ଲକର ସଂପାଦିକା ସୁଶିଳା ସେଠୀ, ଡେରାବିଶ ବ୍ଲକର ପ୍ରତିମା ପାତ୍ର, ପଟ୍ଟାମୁଣ୍ଡାଇ ବ୍ଲକର ରଜନୀ ବେହେରା, ମହାକାଳପଡାର କଳ୍ପନା ମହାନ୍ତି ପ୍ରଭୃତି ପାଚିକା ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରି ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ଉଦ୍ୟମ କରିଥିଲେ । ଏଆଇଟିୟୁସି ର ନେତା ସାଥୀ ରମଣୀ ରଞ୍ଜନ ରାଉତରାୟ ପାଚିକା ମାନଙ୍କର ଦରମା ୧୪୦୦ ଟଙ୍କାକୁ ବୃଦ୍ଧି ନକରିବା, ଛୁଟି, ଶାଢୀ ନଦେବା, ୧୨ ମାସ ପରିବର୍ତେ ୧୧ ମାସର ଦରମା ଦେବା ଆଦି ଦାବି ଗୁଡିକ ସରକାର ପୁରଣ ନକରନ୍ତି ତେବେ, ଆସନ୍ତା ମାର୍ଚ୍ଚ ୧୩ ତାରିଖ ଠାରୁ ରୋଷେଇ ବନ୍ଦ କରି ଆନ୍ଦୋଳରେ ସାମିଲ ହେବେ ବୋଲି ଚେତାବାନୀ ଦେଇଛନ୍ତି ।

## ବିଧାୟକ ପାଣ୍ଠିକୁ ଭିନ୍ନ ଢଙ୍ଗରେ ଖର୍ଚ୍ଚ ପାଇଁ ଯୁବକଙ୍କ ଦାବି

ନୂଆପଡ଼ା: ରାଜ୍ୟର ବିଧାୟକ ପାଣ୍ଠି ଅଂଚଳର ବିକାଶ, ଉନ୍ନୟନ ଏବଂ ଜନତାଙ୍କ ଦାବୀ ଉପରେ କାର୍ଯ୍ୟ କରିବା ପାଇଁ ସହାୟକ ହୋଇଥାଏ । ପୂର୍ବରୁ ବିଧାୟକ ପାଣ୍ଠି ବିଶେଷ ରୂପେ ମନ୍ଦିର, ଧାର୍ମିକ ଅନୁଷ୍ଠାନ, ଗୋଷ୍ଠୀ ଗୃହ ନିର୍ମାଣ ନେଇ ଖର୍ଚ୍ଚ ହେଉଥିବା ବେଳେ ସିନାପାଲି ବ୍ଲକ ଅନ୍ତର୍ଗତ ଘଂଟିଗୁଡା ଗ୍ରାମର ଯୁବକମାନେ ଭିନ୍ନ ଢଙ୍ଗର ଦାବୀ ନେଇ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କୁ ସାକ୍ଷାତ କରିଥିଲେ । ଘଂଟିଗୁଡା ଗ୍ରାମ ଠାରେ ଏକ ଲାଇବ୍ରେରୀ ସ୍ଥାପନ କରି ୨ ଲକ୍ଷ ଟଙ୍କାର ପୁସ୍ତକ କ୍ରୟ କରାଯାଉ ବୋଲି ଦାବି କରିଛନ୍ତି ।

ସେମାନଙ୍କର ଏହି ଦାବିକୁ ନେଇ ଖଡ଼ିଆଳ ବିଧାୟକ ତୁରନ୍ତ ଅର୍ଥ ମଞ୍ଜୁର କରିଛନ୍ତି । ଯୁବକ ଯୁବତୀଙ୍କ ମଧ୍ୟରେ ଅଧୟନ ଜିଜ୍ଞାସା ବୃଦ୍ଧି ହେବା ଅଂଚଳର ଶୁଭ ସଙ୍କେତ ଅଟେ ।

# ବାଙ୍କିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚମ୍ପୁଆ: ଉପାନ୍ତ ଚମ୍ପୁଆ ବ୍ଲକ ରଙ୍ଗମାଟିଆ ପଂଚାୟତ ଅନ୍ତର୍ଗତ ବାଙ୍କିଆ ଗ୍ରାମର ବାଙ୍କିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ରମଣୀ ରଂଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୁଡୁମି ସମାଜ ସଭାପତି ତଥା ଅବସରପ୍ରାପ୍ତ ମୋଟରଯାନ ନୀରିକ୍ଷକ ଇଂ. କ୍ଷୀରୋଦ ଚନ୍ଦ୍ର ମହାନ୍ତ, ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ବୈକୁଣ୍ଠ ନାଥ ନାଏକ୍, ସମ୍ମାନିତ ଅତିଥି ଭାବେ ରଙ୍ଗାମାଟିଆ ସରପଂଚ ଶ୍ରୀମତୀ ମାଧୁରୀ ନାୟକ, ଆଂଚଳିକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତୁଳସୀ ରାମ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ନିଷ୍ଠା ଓ ପରିଶ୍ରମ ବଜାଇ ରଖିଲେ ସଫଳତାର ମାର୍ଗ ଖୋଲିଯିବ ଏବଂ ଏଥିପାଇଁ ଗୁରୁଜନମାନଙ୍କ ଆଶୀର୍ବାଦ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଭଲ ମଣିଷ ହୋଇ ମାତୃଭୂମିର ସେବା କରିବାକୁ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ପ୍ରଥମେ ଅତିଥିମାନେ ମା ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ, ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥଲେ । ଶିକ୍ଷକ ବିଜୟ କୁମାର ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥଲେ । ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ୍ ଟ୍ରଫି ସହିତ ଅତିଥିମାନେ ପୁରସ୍କୃତ କରିଥଲେ । ଶେଷରେ ସାଂସ୍କୃତିକ କାର୍ଯକ୍ରମରେ ଛାତ୍ର ଛାତ୍ରୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ସାଂସ୍କୃତିକ କାର୍ଯକୁ କଳାକାର ସଚ୍ଚିଦାନନ୍ଦ ମହାକୁଡ଼ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମକୁ ଶିକ୍ଷକ ଜୀବନ କୁମାର ସେଠି , ଦିପ୍ତିରଞ୍ଜନ ବେହେରା, କ୍ରୀଡା ଶିକ୍ଷୟତ୍ରୀ ମିନତି ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶନୀ ସେଠୀ, ସରୋଜ ନାୟକ, ତପନ ସେନାପତି, ଅଜିତ୍ ନାଏକ, ଲଙ୍କେଶ୍ୱର ପାତ୍ର, ମହେଶ୍ୱର ମୁଣ୍ଡା, କିରାଣୀ ପ୍ରଶାନ୍ତ ଜ୍ୟୋତିଭୂଷଣ ବେହେରା, ବିକ୍ରମ କେଶରୀ ବାରିକ୍, ଡାଳିମ୍ବ ମହାନ୍ତ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପରିଚାଳିତ ହୋଇଥିଲା । କାର୍ଯକ୍ରମରେ ସହସ୍ରାଧିକ ଅଭିଭାବକ, ଗ୍ରାମବାସୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥଲେ ।

# ଚମ୍ପୁଆ ନଗରମଣ୍ଡଳର ୫ମ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ସମର୍ପଣ ଦିବସ

ଚମ୍ପୁଆ : ଉପାନ୍ତ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ନଗର ମଣ୍ଡଳର ୫ମ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ସମର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି । ବିଜେପି କାର୍ଯ୍ୟାଳୟଠାରେ ନଗରମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ସଶକ୍ତ ମଣ୍ଡଳ ଓ ମଜଭୁତ ବୁଥ ଗଠନ କରି ତୃଣମୂଳ ସ୍ତରରେ ସଂଗଠନକୁ ଅଧିକ ମଜଭୁତ କରିବାକୁ ପରାମର୍ଶ ଦେବା ସହିତ କାର୍ଯ୍ୟକର୍ତ୍ତାମାନେ ଅଧିକ କ୍ରିୟାଶୀଳ ହୋଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରତ୍ୟେକ ଘରେ ପହଂଚାଇବାକୁ ଆହ୍ୱାନ ଦେଇଥିଲେ । ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ଼. ମୁରଲୀ ମନୋହର ଶର୍ମା ବିଜେଡ଼ିର ୨୪ ବର୍ଷର ଅନ୍ଧାରୀ ଶାସନ କାଳରେ ଲୋକମାନଙ୍କ ମତାମତକୁ ଅଣଦେଖା କରୁଥିବା ସହ ଅମଲାତନ୍ତ୍ର ଶାସନକୁ କଡ଼ା ନିନ୍ଦା କରିଥିଲେ । ଅର୍ଥ ଓ ବାହୁବଳ ପ୍ରୟୋଗ କରି ଶାସକଦଳର ଭୋଟ ହାତେଇବା ନୀତି ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି କହିଥିଲେ ।

ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ତଥା ଚମ୍ପୁଆ ନିର୍ବାଚନମଣ୍ଡଳୀ ପ୍ରଭାରୀ ରାଧାକାନ୍ତ ମହାନ୍ତ ସରକାରଙ୍କ ଆବାସ ତାଲିକାରେ ଅନିୟମିତତା, ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର କାର୍ଯ୍ୟାଦେଶ ନିଜ ଚେଲାଚାମୁଣ୍ଡାକୁ ଦେଇ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଛନ୍ଦି ହେବା, ଆଇନଶୃଙ୍ଖଳା ପରିସ୍ଥିତି ର ଅବନତୀ, ମହିଳାମାନେ ରାଜ୍ୟରେ ନିର୍ଯ୍ୟାତିତ, ଅସୁରକ୍ଷିତ ବୋଲି କହିଥିଲେ । ଚମ୍ପୁଆ ବ୍ଲକରେ ୪୦୦ରୁ ଉର୍ଦ୍ଧ ଯୋଗ୍ୟ ହିତାଧିକାରୀ ଆବାସ ତାଲିକାରୁ ବାଦ୍ ପଡ଼ିଥିବା ଭତ୍ତା, ରେସନକାର୍ଡ଼ ବଣ୍ଟନରେ ଅନିୟମିତତା ଉପରେ ଗର୍ଜିଥିଲେ । ଏଠାରେ ସରକାରୀ ଅର୍ଥରେ ବ୍ୟାପକ ହରିଲୁଟ ସହ ରାସ୍ତା ଘାଟ, ନାଳନର୍ଦ୍ଦମା, ଡ୍ରେନଗୁଡ଼ିକର ମରାମତି ଅଭାବରୁ ଆବର୍ଜନାମୟ ପରିବେଶ ସୃଷ୍ଟି ହୋଇଥିବା ପ୍ରକାଶ କରିଥିଲେ ।

ଏହି ଅବସରରେ ପ୍ରଖର ରାଷ୍ଟ୍ରବାଦୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୂଣ୍ୟ ତିଥିକୁ ଦଳ ସମର୍ପଣ ଦିବସ ଭାବେ ପାଳନ କରୁଛି । ତେଣୁ ଚମ୍ପୁଆରେ ବିଜେପି କାର୍ଯ୍ୟକର୍ତ୍ତାମାନେ ନିଜର ସମର୍ପଣ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଅର୍ପଣ କରିଥିଲେ । ଏହି କାର୍ଯ୍ୟକାରିଣୀ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଲୋକସଭା ପ୍ରଭାରୀ ସଞ୍ଜିବ ମହାନ୍ତି ଲୋକସଭା ସଂଯୋଜକ ଶୁକଦେବ ମହାନ୍ତ, ଜିଲା ସାଧାରଣ ସଂପାଦକ ଅନୁବ୍ରତ ବେହେରା, ଚମ୍ପୁଆ ବିଧାନସଭା ସଂଯୋଜକ ଦେବପ୍ରସାଦ ମିଶ୍ର, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଚର୍ଚ୍ଚିଲ ମହାକୁଡ଼, ନଗର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଅଭିନୟ ସାହୁ, ସଂପାଦକ ଅବିନାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଚମ୍ପୁଆ ନଗର ମଣ୍ଡଳ ସାଧାରଣ ସଂପାଦକ ସଞ୍ଜୟ ଗିରି ମଂଚ ପରିଚାଳନା କରିଥିଲା ବେଳେ ସଂପାଦକ ରମେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳ ଘୋଷଣା



ନୂଆଦିଲ୍ଲୀ(ଏଜେନ୍ସୀ): ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଫେବୃଆରୀ ୧୭ରେ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ମୁକାବିଲା ପୂର୍ବରୁ ଭାରତୀୟ ଦଳକୁ ନେଇ ଆସିଛି ବଡ ଖବର। ଦଳର ତାରକା ମଧ୍ୟକ୍ରମ ବ୍ୟାଟର ଶ୍ରେୟସ ଆୟର ସଂପୂର୍ଣ୍ଣ ଫିଟ୍ ହୋଇଛନ୍ତି ଏବଂ ତାଙ୍କୁ ଦଳରେ ସାମିଲ୍ କରାଯାଇଛି। ଶ୍ରେୟସ ଆୟର ଦିଲ୍ଲୀ ଟେଷ୍ଟ ପାଇଁ ଶୀଘ୍ର ଦଳରେ ଯୋଗ ଦେବେ। ବିସିସିଆଇ ମଙ୍ଗଳବାର ଏ ସଂକ୍ରାନ୍ତରେ ସୂଚନା ଦେଇଛି। ବିସିସିଆଇର ପ୍ରେସ୍ ବିବୃତିରେ କୁହାଯାଇଛି, ଭାରତୀୟ ବ୍ୟାଟର ଶ୍ରେୟସ ଆୟର ନିଜର ପିଠିଜନିତ ସମସ୍ୟାରୁ ମୁକୁଳିବା ପରେ ରାଷ୍ଟ୍ରୀୟ କ୍ରିକେଟ୍ ଏକାଡେମୀରେ ନିଜର ରିହାବ ସଫଳତାପୂର୍ବକ ପୂରା କରିଛନ୍ତି। ଦଳରେ ଯୋଗ ଦେବା ପାଇଁ ବିସିସିଆଇ ଡାକ୍ତରୀ ଦଳ ତାଙ୍କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି।ଏହାପରେ ଶ୍ରେୟସଙ୍କୁ ବର୍ଡର-ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଦଳରେ ସାମିଲ୍ କରାଯାଇଛି। ଶ୍ରେୟସ ଏକ ମାସ ହେବ କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ୍ ଖେଳି ନାହାନ୍ତି। ତେବେ ତାଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ୍ କରାଯିବ କି ନାହିଁ ତାହା ଦେଖିବା ବାକି ରହିଲା। କାରଣ ଟେଷ୍ଟରେ ୯୦ ଓଭର ଫିଲ୍ଡିଂ କରିବାକୁ ପଡିଥାଏ। ଏହା ମଧ୍ୟରେ ଅଷ୍ଟ୍ରେଲିଆ ଦଳ ଦ୍ୱିତୀୟ ଟେଷ୍ଟ ପାଇଁ ଦିଲ୍ଲୀରେ ପହଞ୍ଚିଛି।୨୦୧୭ ଡିସେମ୍ବର ପରେ ପ୍ରଥମ ଥର ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍ ଖେଳାଯିବ।ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳ ରୋହିତ ଶର୍ମା(ଅଧିନାୟକ), କେଏଲ ରାହୁଲ(ଉପ ଅଧିନାୟକ), ଶୁଭମନ ଗିଲ୍, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଶ୍ରେୟସ ଆୟର, କେଏସ ଭରତ(ଅଧିନାୟକ), ଇଶାନ କିଷନ(ୱିକେଟ୍ କିପର), ଆର ଅଶ୍ୱିନ, ଅକ୍ଷର ପଟେଲ୍, କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମେଶ ଯାଦବ, ସୂର୍ଯ୍ୟକୁମାର ଯାଦବ।

# ଲକ୍ଷ୍ମୀନାରାୟଣ କ୍ଲବ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଭଦ୍ରକ(ପିପିଏସ୍):ଭଦ୍ରକ ଜିଲା ତିହିଡ଼ି ବ୍ଲକ ସିନ୍ଦୋଳ ଲକ୍ଷ୍ମୀନାରାୟଣ କ୍ଲବ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ଏହି ମ୍ୟାଚକୁ ବ୍ଲକ ଉପାଧକ୍ଷା ଶୁଭଦ୍ର ଶତପଥି, ସିନ୍ଦୋଳ ସରପଞ୍ଚ ସୁପ୍ରଭା ପାଣି, ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ସମିତି ସଭ୍ୟ ନକୁଳ ବାରିକ, ପୂର୍ବତନ ପ୍ରଧାନ ଶିକ୍ଷକ ଭାଗିରଥି ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କୋହ୍ଲ ମହାବୀର କ୍ଲବ ଏବଂ ପୀରହାଟ ଗ୍ୟାଙ୍ଗ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ମହାବୀର କ୍ଲବ ୨୩ରନ୍‌ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସିନ୍ଦୋଳ ପଞ୍ଚାୟତ ଇଲେଭେନ ଷ୍ଟାର ଏବଂ ସାହାପୁର ଡିଫେନ୍‌ସ ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିନ୍ଦୋଳ ଇଲେଭେନ ଷ୍ଟାର ୫ ଉଇକେଟରେ ବିଜୟୀ ହୋଇଥିଲା। ଲକ୍ଷ୍ମୀନାରାୟଣ କ୍ଲବର ସଭ୍ୟ ସୁମନ୍ତ ବାରିକ, ବିକାଶ ବାରିକ, ହିମାଂଶୁ ଦାସ, ସରୋଜ ଦାସ, ସଂଜୀବ ଦାସ, ଦୀପକ ଦାସ, ବୀରେନ୍ଦ୍ର ମିଶ୍ର, ଆଲୋକ ମାଇତି, ଜିତେନ୍ଦ୍ର ନାୟକ, ଦେବବ୍ରତ ବାରିକ, ରାଜେନ୍ଦ୍ର ଦାସ, ରାଜେନ୍ଦ୍ର ବଳ, ନାରାୟଣ ଦାସ, ଚିରଂଜିବୀ ନାୟକ, ଦେବବ୍ରତ ନାୟକ, ଶୁଭେନ୍ଦୁ ବାରିକ, ଉତ୍ତମ ନାୟକ, ତପୁନ ଦାସ, ହେମନ୍ତ ବାରିକ, ହୃଷିକେଶ ବାରିକ, ଗୋପବନ୍ଧୁ ଦାସ, ମନୋଜ ଦାସ, ରଂଜିତ୍ ଦାସ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ମୃତି ମନ୍ଧାନାଙ୍କ ଦରମା ବାବର ଆଜମଙ୍କ ଠାରୁ ଢେର ଅଧିକ




ନୂଆଦିଲ୍ଲୀ(ଏଜେନ୍ସୀ): ମହିଳା ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣ ପାଇଁ ଆୟୋଜିତ ମେଗା ନିଲାମ ସୋମବାର ସଂପନ୍ନ ହୋଇଛି। ମୋଟ୍ ପାଞ୍ଚଟି ଦଳ ଏହି ନିଲାମରେ ପ୍ରାୟ ୬୦ କୋଟି ଟଙ୍କା ଖର୍ଚ୍ଚ କରି ୮୭ ଜଣ ଖେଳାଳିଙ୍କୁ ନିଜ ଦଳରେ ସାମିଲ୍ କରିଛନ୍ତି। ଦୁନିଆରେ ସଂପ୍ରତି ଅନେକ କ୍ରିକେଟ୍ ଲିଗ୍ ଖେଳା ଯାଉଛି, ଯାହା ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ମାତ୍ର ମହିଳା ପ୍ରିମିୟର ଲିଗ୍‌କୁ ସମସ୍ତ କ୍ରିକେଟ୍ ପ୍ରେମୀ ଅପେକ୍ଷା କରିଥିଲେ, କାରଣ ଭାରତରେ କ୍ରିକେଟ୍ ବଜାରରେ ଖେଳାଳିଙ୍କ ଉପରେ ଖୁବ୍ ଟଙ୍କା ବର୍ଷା ହୋଇଥାଏ। ଆଉ ଗତକାଲି ନିଲାମରେ ଏହା ହିଁ ହୋଇଛି। ମହିଳା ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣରେ ଖେଳାଳିଙ୍କ ଉପରେ ଖୁବ୍ ଟଙ୍କା ବର୍ଷା ହୋଇଛି। କିଛି ଖେଳାଳି ତ ଏତେ ମାଲାମାଲ୍ ହୋଇଛନ୍ତି ଯେ, ସେମାନେ ପୁରୁଷ କ୍ରିକେଟ୍‌ରଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ଭାରତୀୟ ଦଳର ତାରକା କ୍ରିକେଟର ସ୍ମୃତି ମନ୍ଧାନାଙ୍କ ଉପରେ ଖୁବ୍ ଟଙ୍କା ବର୍ଷିଛି। ସେ ୩.୪୦ କୋଟି ଟଙ୍କାରେ ସବୁଠୁ ମହଙ୍ଗା ଖେଳାଳି ହୋଇପାରିଛନ୍ତି। କେବଳ ଏତିକି ନୁହେଁ ପାକିସ୍ତାନ ସୁପର ଲିଗ୍‌ର ସବୁଠୁ ମହଙ୍ଗା ଖେଳାଳି ବାବର ଆଜମ ମଧ୍ୟ ମନ୍ଧାନାଙ୍କଠୁ ବହୁତ ପଛରେ ଅଛନ୍ତି।

# କ୍ରିକେଟ୍ ଛାଡିବାକୁ ବସିଥିଲେ ମହମ୍ମଦ ସାମି




ନୂଆଦିଲ୍ଲୀ(ଏଜେନ୍ସୀ): ସମୟ ଏମିତି ଥିଲା । ଯେତେବେଳେ କି ମହମ୍ମଦ ସାମି କ୍ରିକେଟରୁ ଅବସର ନେବାକୁ ଇଚ୍ଛା ପ୍ରକାଶ କରିଥିଲେ । ଏପରିକି କ୍ରିକେଟ ଛାଡିଦେବାକୁ ମନେମନେ ନିଷ୍ପତ୍ତି ବି ନେଇ ସାରିଥିଲେ । ଏଭଳି ବିସ୍ମିତ କରିବା ଭଳି ଖୁଲାସା କରିଛନ୍ତି ଭାରତୀୟ ଦଳର ପୂର୍ବତନ ବୋଲିଂ କୋଚ୍ ଭରତ ଅରୁଣ । ଭରତ ଅରୁଣ କହିଛନ୍ତି, '୨୦୧୮ ମସିହାରେ ଭାରତ ଇଂଲଣ୍ଡ ଗସ୍ତ କରିବା ସମୟରେ ମହମ୍ମଦ ସାମି ଫିଟନେସ୍ ଟେଷ୍ଟରେ ଫେଲ୍ ମାରିଥିଲେ । ଯାହା ଫଳରେ ଭାରତୀୟ ଦଳରେ ସାମିଙ୍କୁ ସ୍ଥାନ ମିଳିନଥିଲା । ସାମି ମୋତେ ଡାକିଥିଲେ ଏବଂ କଥା ଅଛି ବୋଲି କହିଥିଲେ । ତେଣୁ ମୁଁ ତାଙ୍କୁ ମୋ ରୁମ୍‌କୁ ଡାକିଥିଲି । ସେ ବ୍ୟକ୍ତିଗତ ସମସ୍ୟାକୁ ନେଇ ପୂରାପୂରି ଭାବେ ଭାଙ୍ଗିପଡିଥିଲେ । ଯାହା କି ତାଙ୍କ ଫିଟନେସ୍ ଉପରେ ପ୍ରଭାବ ପକାଇଥିଲା । ମାନସିକ ଭାବେ ସେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡିଥିଲେ । ସେ ରୁମ୍ ଆସିଲେ ଏବଂ କହିଲେ ମୁଁ କ୍ରିକେଟ୍ ଛାଡିଦେବାକୁ ଚାହୁଁଛି' । ଭରତ କହିଛନ୍ତି, 'ସାମି ଏଭଳି କହିବା ପରେ ମୁଁ ତୁରନ୍ତ ତାଙ୍କୁ ରବି ଶାସ୍ତ୍ରୀଙ୍କ ନିକଟକୁ ନେଇଯାଇଥିଲି । ସେଠାରେ ଶାସ୍ତ୍ରୀଙ୍କୁ କହିଥିଲି ସାମି କିଛି କହିବାକୁ ଚାହୁଁଛନ୍ତି । ରବି ଶାସ୍ତ୍ରୀଙ୍କୁ ମଧ ସମାନ କଥା କହିଥିଲେ ସାମି । ଆମେ ଉଭୟ ସାମିଙ୍କୁ ବୁଝାଇଥିଲୁ । ଯଦି କ୍ରିକେଟ୍ ଛାଡିଦେବ ତ ପରେ କ'ଣ କରିବ ?' ଏହା ପରେ ରବି ଶାସ୍ତ୍ରୀ ମହମ୍ମଦ ସାମିଙ୍କୁ ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମୀ କୁ ପଠାଇଥିଲେ । ସେତେବେଳେ ସାମିଙ୍କ ବଦଳରେ ନବଦ୍ୱୀପ ସାଇନୀଙ୍କୁ ଇଂଲଣ୍ଡ ଗସ୍ତ ପାଇଁ ଚୟନ କରିଥିଲା ବିସିସିଆଇ । ଏନସିଏରେ ମାସେ କାଳ ରହିବା ପରେ ମାନସିକ ଚାପରୁ ମୁକ୍ତି ପାଇଥିଲେ ମହମ୍ମଦ ସାମି । ଖୁବ କମ ସମୟ ମଧ୍ୟରେ ସାମି ପୁଣି ପୂର୍ବାବସ୍ଥାକୁ ଫେରିବାକୁ ସକ୍ଷମ ହୋଇଥିଲେ । କେବଳ ଫେରିନଥିଲେ ବରଂ ଇଂଲଣ୍ଡ ଗସ୍ତ ମଧ କରିଥିଲେ ଓ ୫ଟି ଯାକ ଟେଷ୍ଟ ଖେଳି ଦମଦାର ପ୍ରଦର୍ଶନ ବି କରିଥିଲେ । ୫ଟି ଟେଷ୍ଟରୁ ୧୬ଟି ୱିକେଟ ନେଇଥିଲେ ମହମ୍ମଦ ସାମି । ଏହାର କିଛିଦିନ ପରେ ଅଷ୍ଟ୍ରେଲିଆ ଗସ୍ତରେ ଐତିହାସିକ ସିରିଜ୍ ଜିତିଥିଲା ଭାରତ । ଏହା ପଛରେ ମଧ ସାମିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ।

# ଆଲାମଗିର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ତଣ୍ଡିକଣା ଚମ୍ପିଆନ



ଫୁଲନଖରା, ପିପିଏସ-ବାରଙ୍ଗ ବ୍ଲକ ୩୩ନମ୍ବର ଜୋନ ଅନ୍ତର୍ଗତ ସାଇଁଶୋ ଗ୍ରାମର ଆଲାମଗିର ଯୁବକ ସଂଘ ଆନୁକୂଲ୍ୟରେ ଦୁଇ ଦିନିଆ ଆଲାମଗିର ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବଛାବଛା ଫୁଟବଲ ଟିମ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କୃଷକ ବନ୍ଧୁ ଫୁଟବଲ ଟିମ ତଣ୍ଡିକଣା ଓ ୟୁନାଇଟେଡ଼ ୟୁଥ ସ୍ପୋର୍ଟ୍‌ସ ଗଣ୍ଡରପୁର ମଧ୍ୟରେ ଖେଳା ଯାଇଥିଲା। ଏଥିରେ କେହି କାହାରିକୁ ଗୋଲ ଦେଇନପାରିବାରୁ ରେଫରୀ ଟାଇ ବ୍ରେକର ପଦ୍ଧତି ପ୍ରୟୋଗ କରିବାକୁ ନିଷ୍ପତ୍ତି ନେଇଥିଲେ। ଯଦ୍ୱାରା ତଣ୍ଡିକଣା ଦଳ ୪-୨ ଗୋଲରେ ଗଣ୍ଡରପୁରକୁ ହରାଇ ଚମ୍ପିଆନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସମାଜସେବୀ ସନତକୁମାର ମହାନ୍ତି ଅତିଥିରୂପେ ଯୋଗଦେଇ ଚମ୍ପିଆନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସାଇଁଶୋ ଖେଳ ପଡ଼ିଆରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସରପଞ୍ଚ ସରୋଜ ମହାପାତ୍ର, ସମିତି ସଭ୍ୟ ଅବଦୁଲ ତହିଦ ଖାଁ, ହରିଅନ୍ତା ସମବାୟ ସମିତି ସଭାପତି ଶାହନୱାଜ ଖାଁ, ଇଂ.ଜାକୀର ହୁସେନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ଗ୍ରାମର ପୁରାତନ ଫୁଟବଲ ଖେଳାଳି ଓ ଗ୍ରାମ ମୁରବିମାନଙ୍କୁ ସମ୍ମାନିତ କରାଯାଇଥିଲା। ଆଲମଗୀର କ୍ଲବ ସଭାପତି ମିନାଜ ଅହମ୍ମଦ ଖାଁ, ସମ୍ପାଦକ ଜାକିର ହୁସେନ, ପ୍ରାକ୍ତନ ସଭାପତି ମିସବାଉଦ୍ଦିନ ଖାଁ, ଶେଖ ଜାକିରିୟା, ଇମ୍ରାନ ଖାଁ, ସୟଦ ଇସ୍ତାକ ଅଲ୍ଲୀ, ଶେଖ ଆକବର, ଶେଖ ସମୀର, ଅବୁ ତାହିର, ସୟଦ ମଂଜୁର ଅଲ୍ଲୀ ପ୍ରମୁଖ ଖେଳ ପରିଚାଳନା କରିଥିଲାବେଳେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୨ ଫେବୃଆରୀ -୧୮ ଫେବୃଆରୀ ୨୦୨୩




କ୍ୟାବିନେଟ୍ ମନ୍ତ୍ରୀ ନବଦସ ମର୍ଡର ମିଷ୍ଟ୍ରୀ

ନବୀନ ପଟ୍ଟନାୟକଙ୍କ ସରକାରରେ ଥିବା କ୍ୟାବିନେଟ ମନ୍ତ୍ରୀ ଓ ଗୁରୁତ୍ୱପୂର୍ଣ୍ଣ ବିଭାଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ନବ କିଶୋର ଦାସ ନିଜ ସୁରକ୍ଷା କର୍ମୀଙ୍କ ହାତରେ ଗୁଳିବିଦ୍ଧ ହୋଇ ମୃତ୍ୟୁବରଣ କରିବା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ଜୀବନର ମୂଲ୍ୟ କ'ଣ ? ତାହା ଜନସାଧାରଣ ଚିନ୍ତା କରିପାରୁନାହାନ୍ତି। ବିଜେଡ଼ିର ଜଣେ ଦକ୍ଷ ତଥା ଟାଣୁଆ ନେତା ନବଦାସଙ୍କୁ କାହିଁକି ଏବଂ କେଉଁ ପରିସ୍ଥିତିରେ ହତ୍ୟା କରାଗଲା ତାହାର ଚେର ଯେତେ ଖୋଳିଲେ ମଧ ସରୁନାହିଁ। ଏବେ ଏହି ମାମଲା ଶୀର୍ଷସ୍ତରର ନେତୃତ୍ୱଙ୍କ ଆଡ଼କୁ ଇସାରା କରୁଛି ଯେ ରାଜ୍ୟରେ କ'ଣ ଚାଲିଛି ? ରାଜ୍ୟ ଇତିହାସରେ ଏଭଳି ଘଟଣା ପ୍ରଥମ ଥର ପାଇଁ ଘଟିଛି। କାଣ୍ଡ ଘଟାଇଥିବା ଗୋପାଳ ଦାସ ଗିରଫ ହୋଇ ଜେଲରେ ଅଛି। କ୍ରାଇମବ୍ରାଞ୍ଚ ଥରକୁ ଥର ଆଣି ଜେରା ଚଳାଇଛି। ତଦନ୍ତ ତଦାରଖ କରୁଛନ୍ତି ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜେପି ଦାସ। କିନ୍ତୁ ମାମଲା ଯେତେ ସହଜ ଜଣାପଡୁଛି ଯେ ଜଣେ ବ୍ୟକ୍ତିଙ୍କୁ ତାଙ୍କର ସୁରକ୍ଷାକର୍ମୀ ହତ୍ୟା କରିଛି ତାହା ସେତିକିରେ ସୀମିତ ହୋଇ ରହିନାହିଁ। ତଦନ୍ତ କ'ଣ ଚାଲିଛି ଏବଂ ଏହାର ମୋଡ଼ କୁଆଡ଼କୁ ଯିବ ତାହା ବୁଝିବା ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ଜଟିଳ ପ୍ରଶ୍ନ ସୃଷ୍ଟି କରିଛି।

**ଜାତୀୟ:** ବିକାଶ ପଥରେ ଭାରତ

**ସ୍ୱତନ୍ତ୍ର ପ୍ରସଙ୍ଗ:** ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ, ତୁର୍କୀରେ ଭୂକମ୍ପ

**ନାରୀ:** ବ୍ରଣ ହେଉଥିଲେ

**କ୍ଷୁଦ୍ରଗଳ୍ପ:** ଶୂନ୍ୟତାର କୋଳାହଳ

**ଚଳଚ୍ଚିତ୍ର:** ପ୍ରମ କରୁଛନ୍ତି ଶମିତା,ଜୁଲାଇରେ ରିଲିଜ୍ ହେବ 'ରକି ଔର ରାନୀ କି ପ୍ରେମ କାହାନୀ',ବଲିଉଡ୍‌କୁ ଫେରିଲେ ୟାମି,ବିଜୟ ଦେବରକୋଣ୍ଡାଙ୍କ ସହ ବିଦେଶରେ ବୁଲୁଛନ୍ତି ରଶ୍ମିକା,ବିବାହ କଲେ ହଂସୀ ପରମାର,ଝିଅ ସହ କ୍ୟାମେରା ସାମ୍ନାକୁ ଆସିଲେ ପ୍ରିୟଙ୍କା,ହିନ୍ଦି ଡବ୍ ହେବ ଅଲ୍ଲୁଙ୍କ ଫିଲ୍ମ,ବାପା ହେଲେ ନିର୍ଦ୍ଦେଶକ ଏଟଲି

**ଖେଳ:** ଏଣିକି ଅନ୍‌ଲାଇନ୍‌ରେ କ୍ରିକେଟ୍ ଟ୍ରେନିଂ ମିଳିବ,ଖେଲୋ ଇଣ୍ଡିଆ ବଜେଟ୍ ୪୦୦କୋଟି ଟଙ୍କାକୁ ବୃଦ୍ଧି,ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କଲେ ମୁରଲୀ ବିଜୟ,ପୋଲାର୍ଡଙ୍କ ଧୂଆଁଧାର ଛକା,ପୁମାର ବ୍ରାଣ୍ଡ ଆମ୍ବାସାଡର ହେଲେ ଭାରତୀୟ ମହିଳା କ୍ରିକେଟ୍‌ର ଅଧିନାୟିକା,ଭାରତୀୟ ହକି ଦଳର ମୁଖ୍ୟ ପ୍ରଶିକ୍ଷକ ଗ୍ରାହାମ ରିଡଙ୍କ ଇସ୍ତଫା

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ହିଣ୍ଡେନବର୍ଗଙ୍କ ଶରରେ ଅଦାନୀ ଘାଏଲ''

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଆଇସିସି କ୍ରିକେଟ୍ ଅଫ୍ ଦି ମନ୍ଥ ହେଲେ ଶୁଭମନ ଗିଲ



ଦୁବାଇ(ଏଜେନ୍ସୀ): ଟିମ୍ ଇଣ୍ଡିଆର ଯୁବ ଓପନର ଶୁଭମନ ଗିଲ୍‌ଜାନୁଆରୀ ମାସର ଶ୍ରେଷ୍ଠ ଖେଳାଳି ଭାବେ ଆଇସିସି ମାସିକ ପୁରସ୍କାର ପାଇଛନ୍ତି । ସେ ନ୍ୟୁଜିଲାଣ୍ଡର ଡେଭନ କନୱେ ଏବଂ ଭାରତୀୟ ପେସ୍ ବୋଲର ମହମ୍ମଦ ସିରାଜଙ୍କୁ ପଛରେ ପକାଇ ଏହି ପୁରସ୍କାର ହାତେଇଛନ୍ତି । ଜାନୁଆରୀ ମାସରେ ଗିଲ୍ ଅବିଶ୍ୱସନୀୟ ବ୍ୟାଟିଂ ପ୍ରଦର୍ଶନ କରିଥିଲେ । ସେ ଏହି ମାସ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ମୋଟ ୧୧ଟି (୬ଦିନିକିଆ, ୫ଟି ଟ୍ୱେଣ୍ଟି) ମ୍ୟାଚ୍ ଖେଳି ୫୭୬ରନ୍ ସଂଗ୍ରହ କରିଥିଲେ । ସେଥିମଧ୍ୟରେ ୩ଟି ଶତକ ସାମିଲ୍ ରହିଥିଲା । ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଗିଲ୍ ଦ୍ୱିଶତକ (୧୪୯ବଲ୍‌ରୁ ୨୦୮ରନ୍) ପୂରଣ କରିଥିଲେ । ଏହି ଇନିଂସ୍‌ରେ ୧୯ଟି ଚୌକା ଓ ୯ଟି ଛକା ସାମିଲ୍ ମାରିଥିଲେ । ମହିଳା ବର୍ଗରେ ୧୯ବର୍ଷରୁ କମ୍ ଇଂଲଣ୍ଡ ଦଳର ଅଧିନାୟିକା ଗ୍ରେସ୍ ସ୍କ୍ରିଭେନ୍ସ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି । ସେ ସର୍ବକନିଷ୍ଠ ମହିଳା ଖେଳାଳି ଏହି ପୁରସ୍କାର ପାଇଛନ୍ତି । ଯୁବ ମହିଳା ବିଶ୍ୱକପ୍‌ରେ ୧୯ ବର୍ଷୀୟା ସ୍କ୍ରିଭେନ୍ସ ୪୧.୮୫ ଆଭରେଜରେ ୨୯୩ରନ୍ କରିଥିବାବେଳେ ୯ଟି ୱିକେଟ୍ ଅକ୍ତିଆର କରିଥିଲେ ।

# ଷୋଳମପୁର ଶିଶୁମନ୍ଦିର କ୍ରୀଡାସ୍ତୋବ ଉଦଯାପିତ



ଭଦ୍ରକ(ପିପିଏସ୍): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ବୌଦ୍ଧବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅଷ୍ଟମ ବାର୍ଷିକ କ୍ରୀଡାସ୍ତୋବ ସୋମବାର ଉଦଯାପିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରତିଷ୍ଠାତା ସମ୍ପାଦକ ବିଶ୍ୱମ୍ବର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। କ୍ରୀଡା ମଶାଲକୁ ପ୍ରଜ୍ୱଳିତ କରାଯାଇଥିଲା। ଏଥିରେ ବିଦ୍ୟାମନ୍ଦିର ସଭାପତି ହୃଷିକେଶ ଦାଶ ଓ ଉପସଭାପତି ବାସନ୍ତି ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ନବକିଶୋର ପରିଡା କ୍ରୀଡା ପରିଚାଳନା କରିଥିଲେ। ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟ ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଦୌଡିଡିଆଁ, ଅଖାଦୌଡ, ଅଙ୍କକଷା, ଡିସକସ ଥ୍ରୋ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଖେଳ ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବକୁ ଅଧ୍ୟାପକ ଅନାଦି ଚରଣ ସାହୁ ଉଦଘାଟନ କରିଥିଲେ। ଏଥିରେ ଥାନାଧିକାରୀ ଅମିତାଭ ଦାଶ ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକନାରାୟଣ ଚନ୍ଦ୍ର ଦାଶ ମୁଖ୍ୟବକ୍ତା, ସାଂସଦ ପ୍ରତିନିଧି ଲଳିତ କୁମାର ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ସଂସ୍କୃତ ଅଧ୍ୟାପକ ହରେକୃଷ୍ଣ ପାଣିଗ୍ରାହୀ, ପାରା ଅଲମ୍ପିକ କ୍ରୀଡାବିତ ରାଖାଲ ଚନ୍ଦ୍ର ସେଠୀ, ଏବିଇଓ ଅକ୍ଷୟ କୁମାର ଜେନା, କ୍ରୀଡା ଶିକ୍ଷକ ଶ୍ରୀ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। କ୍ରୀଡାବିତ ଶ୍ରୀ ସେଠୀ ବିଦ୍ୟାଳୟ କ୍ରୀଡା ଉପକରଣ କ୍ରୟ ପାଇଁ ୫ ହଜାର ଟଙ୍କା ଦାନ କରିଥିଲେ। ପ୍ରଧାନଚାର୍ଯ୍ୟା ଅନୁସୂୟା ପୁହାଣ, ଗୁରୁମା ପ୍ରତିଭା ନାୟକ, ନିର୍ମଳା ମହାରଣା, ମାମିନା ଜେନା, ନିରୂପମା ସାମଲ, ପୂରବି ନାୟକ, ଗୁରୁଜୀ ଶରତ ବେଉରିଆ, ସୁଜିତ ରାଉତ, ନିର୍ମଳ ବିଶ୍ୱାଳଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରତ୍ନାକର ବରାଳ, ରାମଚନ୍ଦ୍ର ନାୟକ, ଉମାକାନ୍ତ ଜେନା, ଜନକଲତା ଦାସ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ।

# ଅବୁ ୱାହିଦ ମେମୋରିଆଲ ଜାତୀୟ ଫୁଟବଲ

କେନ୍ଦ୍ରାପଡ଼ା(ହି.ସ.):କେନ୍ଦ୍ରାପଡ଼ାରେ ଆଜାଦ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଅବୁ ୱାହିଦ ମେମୋରିଆଲ ଜାତୀୟ ଫୁଟବଲ ଟୁର୍ଣ୍ଣାମେଟରେ ଝାଡ଼ଖଣ୍ଡ ଧାନବାଦ ଏଫ୍‌ସି ଓ ଫାଇନାଲ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରଥମ ସେମିଫାଇନାଲ ମ୍ୟାଚରେ ଝାଡ଼ଖଣ୍ଡର ଧାନବାଦ ଏଫ୍‌ସି ଭୁବନେଶ୍ୱର କଳିଙ୍ଗ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନଥିଲେ। ଟ୍ରାଇବେକର ଜରିଆରେ ଧାନବାଦ ଏଫ୍‌ସି କଳିଙ୍ଗ ଏଫ୍‌ସିକୁ ୧-୦ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ କେନ୍ଦ୍ରାପଡ଼ାର ଚାନ୍ଦ କ୍ଲବ ଓ ଭୁବନେଶ୍ୱର ଗଣ୍ଡରପୁରର ୟୁନାଇଟେଡ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ଗଣ୍ଡରପୁରର ୟୁନାଇଟେଡ କ୍ଲବ ଟ୍ରାଇବ୍ରେକ ମାଧ୍ୟମରେ ୬-୪ ଗୋଲରେ କଟକର ବିଡାନାସୀକୁ ହରାଇ ବିଜୟୀ ହୋଇଥିଲା।


ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583